

୨୦ରେ 'କାନ୍ତାରା ଚାପ୍ଟର୍ ୧' ଟ୍ରେଲର୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-83 ◆TUESDAY ◆16 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୩ ◆ମଙ୍ଗଳବାର ◆୧୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ନେପାଳରେ ଟେଣ୍ଟ ଭିତରେ ଚାଲୁଛି ସୁପ୍ରିମକୋର୍ଟ


■ **କାଠମାଣ୍ଡୁ, ୧୫।୯ (ଏଜେନ୍ସି):** ନେପାଳ ହିଂସାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ସୁପ୍ରିମକୋର୍ଟ । ହଜାର ହଜାର ମାମଲାର ରେକର୍ଡ ଜଳି ଯାଇଛି କିମ୍ବା ହଜି ଯାଇଛି । କୋର୍ଟଙ୍କ କାର୍ଯ୍ୟ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି । ପରିସ୍ଥିତି ଶାନ୍ତ ହେବା ପରେ ସୋମବାର ଖୋଲିଥିବା ସୁପ୍ରିମକୋର୍ଟ କୋଠା ବଦଳରେ ଟେଣ୍ଟ ବା ତମ୍ବୁ ତଳେ ଚାଲିଛି । ତେବେ ସ୍ୱାଭାବିକ ଭାବେ ଶୁଣାଣି ଆରମ୍ଭ ହୋଇପାରି ନାହିଁ । ସୁପ୍ରିମକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ପୂର୍ଣ୍ଣମାନ ଶାକ୍ୟ କହିଛନ୍ତି, ଅଗ୍ନିକାଣ୍ଡରେ ପ୍ରାୟ ୨୬,୦୦୦ ବିଚାରାଧୀନ ମାମଲାର ଫାଇଲ୍ ଏବଂ ୩୬,୦୦୦ରୁ ଅଧିକ ପୁରୁଣା ମାମଲାର ରେକର୍ଡ ନଷ୍ଟ ହୋଇଯାଇଛି । ଏହି କାରଣରୁ ଅନେକ ମାମଲାର ଶୁଣାଣି ସ୍ଥଗିତ ରଖାଯାଇଛି । ଆବେଦନକାରୀଙ୍କୁ ବର୍ତ୍ତମାନ ଅତିରିକ୍ତ ତାରିଖ ଦିଆଯାଉଛି ।



ନେପାଳ ଓକିଲ ସଂଘ ସଭାପତି ବିଜୟ ପ୍ରସାଦ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ଏପରି ପରିସ୍ଥିତିରେ କୋର୍ଟ ପୂର୍ଣ୍ଣ କ୍ଷମତାରେ କାମ କରିପାରିବ ନାହିଁ । ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବା ପରେ ସମ୍ପୂର୍ଣ୍ଣ ଭାବରେ କାମ ଆରମ୍ଭ ହେବ ।

## ୩ ମିନିଟ୍‌ରେ ଭଙ୍ଗା ହାଡ଼ ଯୋଡ଼ିଦେବ 'ବୋନ୍ ଗ୍ଲୁ'

■ **ବେଜିଂ, ୧୫।୯ (ଏଜେନ୍ସି):** ଆଉ ହାଡ଼ ଯୋଡିବା ପାଇଁ ପ୍ଲାଷ୍ଟର କିମ୍ବା ମେଟାଲ ରଡ୍, ଫିଲର୍ସର ଆବଶ୍ୟକତା ପଡ଼ିବ ନାହିଁ । ଭଙ୍ଗା ହାଡ଼ ଯୋଡ଼ିବା ପାଇଁ ଚୀନର ବୈଜ୍ଞାନିକମାନେ ଅଠା ଭଳି ଏକ ପେଷ୍ଟ ପ୍ରସ୍ତୁତ କରିଛନ୍ତି । ଏହି ପେଷ୍ଟର ପ୍ରଲେପ ତିନି ମିନିଟରେ ଭଙ୍ଗା ହାଡ଼କୁ ଯୋଡ଼ି ଦେଉଛି । ଚୀନ୍ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଏହି ବୋନ୍ ଗ୍ଲୋରର ନାମ 'ବୋନ-୨' ରଖାଯାଇଛି । ଚୀନ୍‌ର ଝେଜିୟାଙ୍ଗ ୟୁନିଭର୍ସିଟି ସହ ଜଡ଼ିତ ସାର୍ ରନ୍ ରନ୍ ସା ହସ୍ପିଟାଲର ଡାକ୍ତରମାନେ ଏହାକୁ ପ୍ରସ୍ତୁତ କରିଛନ୍ତି । ୧୫୦ ରୋଗୀଙ୍କ ଉପରେ ଏହାର ସଫଳ ପରୀକ୍ଷଣ କରାଯାଇଛି । ଡାକ୍ତର ଲିନ୍ ଏହି ଗବେଷଣାର ନେତୃତ୍ୱ ନେଇଥିଲେ । ଶାମୁକାକୁ ଦେଖି ତାଙ୍କୁ ଏହି ଗ୍ଲୋ ପ୍ରସ୍ତୁତ କରିବା ପାଇଁ ପ୍ରେରଣା ମିଳିଥିଲା । ଜୋରରେ ଲହଡି ଆସିଲେ ମଧ୍ୟ ଶାମୁକା ପୋଲରେ ସେମିତି ଲାଖି ରହିଥାଏ । ଏହା ନିଜ ପାଦରୁ ଏକ ପ୍ରକାରର ପ୍ରଲେପ ବାହାର କରିଥାଏ । ଏହା ପଥର କିମ୍ବା ପୋଲ ସହ ଲାଖି ରହିଥାଏ । ଏଥିରେ ୧୦ ପ୍ରତିଶତ ପ୍ରୋଟିନ ଏବଂ ୯୦ ପ୍ରତିଶତ ପର୍ଯ୍ୟନ୍ତ କ୍ୟାଲିସିୟମ କାର୍ବୋନେଟ ଥାଏ । ଯେତେ ପାଣି ଢାଳିଲେ ବି ଏହା ଛାଡ଼େ ନାହିଁ । ଏହି ଜ୍ଞାନକୌଶଳର ନକଲ କରି ହାଡ଼ ଯୋଡ଼ିବା ପାଇଁ ଏହି ଗ୍ଲୋ ପ୍ରସ୍ତୁତ କରାଯାଇଛି ।



## ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

# ତ୍ରୁଟି ଥିଲେ ଏସ୍‌ଆଇଆର୍ ରଦ୍ଦ

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** ଭାରତର ନିର୍ବାଚନ କମିସନ ହେଉଛନ୍ତି ଏକ ସାମ୍ବିଧାନିକ ସଂସ୍ଥା । କମିସନ ଦ୍ୱାରା ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଛି । ଏହି ପ୍ରକ୍ରିୟା ଆଇନ ଅନୁଯାୟୀ ଚାଲିଛି ବୋଲି ଭାବିନେବା ସ୍ୱାଭାବିକ । ତେବେ କୌଣସି ସ୍ତରରେ ଟିକିଏ ହେଲେ ଆଇନ ବିରୋଧୀ କାମ ହୋଇଥିବା ଧରାପଡ଼ିଲେ ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାକୁ ରଦ୍ଦ କରି ଦିଆଯିବ ବୋଲି ସୁପ୍ରିମକୋର୍ଟ ଆଜି ନିର୍ବାଚନ କମିସନଙ୍କୁ ଚେତାବନୀ ଶୁଣାଇଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ଆଦେଶ କେବଳ ବିହାର ନୁହେଁ, ସମଗ୍ର ଦେଶରେ ଲାଗୁହେବ ।

ବିହାରରେ ଏସ୍‌ଆଇଆର୍‌କୁ ବିରୋଧ କରି ଆଗତ ପିଟିସନର ଶୁଣାଣି ବେଳେ ଏଭଳି ଚେତାବନୀ ଦେଇଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ । ଆସନ୍ତା ଅକ୍ଟୋବର ୭ ତାରିଖକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରି ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଏହି ପ୍ରକ୍ରିୟା ଉପରେ ଆମେ କୌଣସି ମତାମତ ଦେଉନୁ । କିନ୍ତୁ ବିହାର ଏସ୍‌ଆଇଆର୍ ଉପରେ କୋର୍ଟ ଯେଉଁ ରାୟ ଦେବେ, ତାହା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହେବ । ସେପଟେମ୍ବର ୩୦ ତାରିଖରେ ଯେଉଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ତାହାର ପ୍ରଭାବ କୋର୍ଟ ରାୟ ଉପରେ ପଡ଼ିବ ନାହିଁ । ଏହା ଆମ ପାଇଁ କିଛି ଫରକ ପଡ଼ିବ ନାହିଁ । ପ୍ରକ୍ରିୟାରେ ଆଇନ ବିରୋଧୀ କାମ ହୋଇଛି ବୋଲି କୋର୍ଟର ହୃଦବୋଧ ହେଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ । ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ନିର୍ବାଚନ କମିସନଙ୍କୁ ବାରଣ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି କୋର୍ଟ କହିଲେ ଚୂଡ଼ାନ୍ତ ଶୁଣାଣି ଦିନ ଆବେଦନକାରୀ ଏହା ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ । ବିହାର ଏସ୍‌ଆଇଆର୍ ମାମଲା କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଅନ୍ୟ ରାଜ୍ୟରେ ଏହି ପ୍ରକ୍ରିୟା ▶ପୃଷ୍ଠା-୭



## ୱାକଫ୍ ଆଇନ ବ୍ୟବସ୍ଥାରେ ସୁପ୍ରିମ୍‌କୋର୍ଟଙ୍କ ଆଂଶିକ ରୋକ୍

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୱାକଫ୍ ସଂଶୋଧନ ଆଇନ, ୨୦୨୫ ଉପରେ ସାମଗ୍ରିକ ଭାବେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ । ତେବେ ନୂଆ ଆଇନର କେତେକ ବ୍ୟବସ୍ଥାରେ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ ।

ମାମଲାର ବିଚାର କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ଯେଉଁ କେତେକ ବ୍ୟବସ୍ଥା ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ସେଥିମଧ୍ୟରେ

**ୱାକଫ୍ ବିଚାର କ୍ଷମତା ଜିଲ୍ଲାପାଳଙ୍କର ନାହିଁ**

**ସଂପତ୍ତି ଦାନ ପାଇଁ ୫ ବର୍ଷ ଧରି ମୁସ୍‌ଲିମ୍ ହେବା ଜରୁରି ନୁହେଁ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସଲିମ ରହିବା ଉଚିତ**

ରହିଛି ଜିଲ୍ଲାପାଳଙ୍କ କ୍ଷମତା । କୋର୍ଟ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସଂପତ୍ତି ୱାକଫ କି ନୁହେଁ, ତାହା ଜିଲ୍ଲାପାଳ ▶ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

# ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ !

■ **ବ୍ରହ୍ମଗିରି, ୧୫।୯ (ସମିସ):** ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ । ବ୍ରହ୍ମଗିରି ପ୍ରସିଦ୍ଧ ଶକ୍ତିପୀଠ ମା' ବାଳିହରିଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଏହି ଲଜ୍ଜାଜନକ ଘଟଣା ଘଟିଛି । ତେବେ ଏସଂପର୍କରେ ପୁଲିସ ମୁହଁ ଖୋଲୁନି । ଏହି ଘଟଣାରେ ବ୍ରହ୍ମଗିରି ଏବଂ ସଦର ଥାନା ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଆଉ ଜଣେ ଫେରାର୍ ଥିବା ସୂଚନା ମିଳିଛି । ଆଜି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି ।



ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପ୍ରେମୀଯୁଗଳ ବାଲିହରଚଣ୍ଡୀ ବୁଲିବାକୁ ଆସିଥିଲେ । ସେମାନେ ମା'ଙ୍କୁ ଦର୍ଶନ କରିସାରିବା ପରେ ସମୁଦ୍ର କୂଳକୁ ବୁଲିବାକୁ ଯାଇଥିଲେ । ଏହି ସମୟରେ ୪ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ । ସମୁଦ୍ର କୂଳକୁ ଯିବାକୁ ହେଲେ ଏକ ନଦୀ ପାର୍ ହେବାକୁ ପଡ଼ିଥାଏ । ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ଡଙ୍ଗାରେ ନଦୀ ପାର୍ କରାଇଥିଲେ । କିନ୍ତୁ ନଦୀ ଅପରପାର୍ଶ୍ୱରେ ପହଞ୍ଚିବା ପରେ ଯୁବକମାନଙ୍କ ସ୍ୱଭାବ ବଦଳି ଯାଇଥିଲା । ସେମାନେ ପ୍ରେମିକକୁ ଏକ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ପ୍ରେମିକାକୁ ଗଣଦୁଷ୍କର୍ମ କରିଥିଲେ । ପ୍ରେମୀଯୁଗଳ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ । ପ୍ରାୟ ଅଧଘଣ୍ଟ ଧରି ୪ ଯୁବକ ପାଶବିକ ଅତ୍ୟାଚାର କରି ଚାଲିଥିଲେ । ଏହାପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ । ପରେ ପ୍ରେମୀଯୁଗଳ ବାଲିହରଚଣ୍ଡୀ ପୀଠକୁ ଆସି ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । ଖବର ପାଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସ୍ପେଶାଲ ସ୍କ୍ୱାଡ୍, ବ୍ରହ୍ମଗିରି ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଫେରାର୍ ହୋଇଯାଇଛି । ତେବେ ପୁଲିସ ମଧ୍ୟ ଯଥାସମ୍ଭବ ଏହି ଘଟଣାକୁ ଚାପିଦେବାକୁ ▶ପୃଷ୍ଠା-୭

# କ୍ଷୀର-ନୀର; ସବୁ ବିଷ

## ନଷ୍ଟ କରାଗଲା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀର

■ **ଟିଗିରିଆ, ୧୫।୯ (ସମିସ):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁଷ୍ପଙ୍ଗିରେ ଜବତ ହୋଇଥିବା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀରକୁ ଆଜି ପୁଲିସ ନଷ୍ଟ କରିଛି । ସୋମବାର ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଟ୍ୟାଙ୍କର୍ ମଧ୍ୟରେ ଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରକୁ ଅପରାହ୍ଣରେ ତଦନ୍ତକାରୀ ଅଧିକାରୀ ଏସଆଇ ତନୁଶ୍ରୀ ସାହୁ, ଆଇଆଇସି ତପନ କୁମାର ପତ୍ରି ଓ ସାଇଣ୍ଟିଫିକ ଟିମଙ୍କ ଉପସ୍ଥିତିରେ ଏହି ଥାନା ନିକଟ ସାଉରିଆ ଗ୍ରାମ ପାର୍ଶ୍ୱରେ ଥିବା ଏକ ବନ୍ଦପଥର ଖାଦାନ ଭିତରେ ଢ଼ଳା ଯାଇଥିଲା । କାଳେ ଏହି କ୍ଷୀରକୁ କେହି ଜୀବଜନ୍ତୁ ଖାଇବେ କିମ୍ବା ତାଙ୍କର କୌଣସି ଅସୁବିଧା ହେବ, ସେଥିପାଇଁ କ୍ଷୀର ଢ଼ଳା ସରିବା ପରେ ଟ୍ରାକ୍ଟର ଦ୍ୱାରା ତା ଉପରେ ମାଟି ମୋରମ ପକାଯାଇ ଘୋଡ଼ାଇ ଦିଆଯାଇଥିଲା । ନଷ୍ଟ କରାଯାଇଥିବା ସମସ୍ତ ୨୮ ▶ପୃଷ୍ଠା-୭



## ପିଇବା ଯୋଗ୍ୟ ନୁହେଁ ୱାଟ୍‌କୋ ପାଇପ୍ ପାଣି

■ **ସମ୍ବଲପୁର, ୧୫।୯ (ସମିସ):** ସମ୍ବଲପୁରରେ ପାଇପ୍ ଯୋଗେ ଘରକୁ ଘର ଯୋଗାଣ ହେଉଥିବା ପାନୀୟ ଜଳ ପିଇବାଯୋଗ୍ୟ ନୁହେଁ । ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କଲେ, ଜଣ୍ଡିସ, ଡାଇରିଆ ଭଳି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ସମ୍ବଲପୁର ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଏପରି ଚିନ୍ତା ପ୍ରକଟ କରିବା ସହ ଚିଠି ଲେଖି ୱାଟ୍‌କୋକୁ ସଚେତନ କରାଇଛନ୍ତି । ସୂଚନାନୁସାରେ, ମହାନଗର ନିଗମ ଅନ୍ତର୍ଗତ ପଡ଼ାଗୁଡ଼ିକରେ ୱାଟ୍‌କୋ ପକ୍ଷରୁ ପାଇପ୍ ଯୋଗେ ପାଣି ଦିଆଯାଉଛି । ▶ପୃଷ୍ଠା-୭

**ସଚେତନ କଲା ଜନସ୍ୱାସ୍ଥ୍ୟ ବିଭାଗ; ସତର୍କ ନ ହେଲେ ୨୦୧୪ ପରି ଜଣ୍ଡିସ ସ୍ଥିତି ସୃଷ୍ଟି ହେବ**

## ସାର ସଙ୍କଟ

# ରାଜଧାନୀରେ ଗର୍ଜିଲା ବିଜେଡି

## ରାଜଭବନ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ





■ **ଭୁବନେଶ୍ୱର, ୧୫।୯ (ସମିସ):** ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ଥିବା ସରକାର ଦାବି କରୁଛନ୍ତି; ଅଥଚ ଓଡ଼ିଶାର ଚାଷୀ ସାର ପାଇଁ ଦହଗଞ୍ଜ ହେଉଛି । ସାର ବସ୍ତାଏ ପାଇଁ ଚାଷୀକୁ ରାତି ରାତି ଅନିଦ୍ରା ହୋଇ ପାକ୍ସ ଓ ଲାମ୍ପ୍ସ ସାମ୍ନାରେ ଧାଡ଼ି ଲଗାଇବାକୁ ପଡୁଛି । ଅନ୍ୟପକ୍ଷରେ ଚୋରାବେପାରୀମାନେ କଳାବଜାରରେ ଚଢ଼ା ଦରରେ ସାର ବିକ୍ରି କରୁଥିବା ଦେଖିବାକୁ ମିଳୁଛି ।

**କମ୍ ଧାନ କିଣିବାକୁ ସାର ଅଭାବ ଷଡ଼ଯନ୍ତ୍ର**

**କଳାବଜାରୀ ରୋକିବାରେ ସରକାର ବିଫଳ**

**ଗତ ଦୁଇ ଦଶନ୍ଧିରେ ଏଭଳି ସମସ୍ୟା ନ ଥିଲା**

ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନ କମାଇବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରି ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । ରାଜଭବନ ସାମ୍ନାରେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି ହଜାର ହଜାର ▶ପୃଷ୍ଠା-୭

## ଶ୍ରୀକ୍ଷେତ୍ରରେ ଜୀବନ-ମୃତ୍ୟୁର ସାପ-ଶିଡ଼ି ଖେଳ

# ସ୍ୱର୍ଗଦ୍ୱାରରୁ ଫେରିଆସିଲା ଶବ

■ **ପୁରୀ, ୧୫।୯ (ସମିସ):** ସ୍ୱର୍ଗଦ୍ୱାରରେ ସମସ୍ତଙ୍କୁ ଚକିତ କଲା ଭଳି ଆଜି ଏକ ଘଟଣା ଘଟିଛି । ଦାହ ପାଇଁ ଜଣେ ବୃଦ୍ଧାଙ୍କୁ ସ୍ୱର୍ଗଦ୍ୱାର ଆଣିଥିଲେ ପରିଜନ । ସତ୍କାର ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଥିଲା । ସମ୍ପର୍କୀୟମାନେ ବି କାନ୍ଦବୋବାଳି କରୁଥିଲେ । କିନ୍ତୁ ହଠାତ୍ ଘଟିଲା ଚମତ୍କାର । ବୃଦ୍ଧାଜଣଙ୍କ ଜୀବିତ ବୋଲି ଜଣାପଡ଼ିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ସଙ୍ଗେସଙ୍ଗେ ସ୍ୱର୍ଗଦ୍ୱାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସୂଚନାନୁଯାୟୀ, ଗଞ୍ଜାମ ପୋଲସରା ଅଞ୍ଚଳର ପି. ଲକ୍ଷ୍ମୀ(୮୬)ଙ୍କ ଶେଷକୃତ୍ୟ ପାଇଁ ପରିବାରଲୋକ ଆଜି ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କୁ ଏକ ଆମ୍ବୁଲାନ୍ସରେ ସ୍ୱର୍ଗଦ୍ୱାର ଆଣି ଆସିଥିଲେ । ସ୍ୱର୍ଗଦ୍ୱାରର କର୍ମଚାରୀମାନେ ନିୟମ ଅନୁଯାୟୀ ତାଙ୍କ ପରିବାରଙ୍କୁ ମେଡିକାଲ ରିପୋର୍ଟ ମାଗିଥିଲେ । ହେଲେ ▶ପୃଷ୍ଠା-୭

**ଜୁଇ ଜଳିବା ଆଗରୁ ଜିଇଁ ଉଠିଲେ ଅଶିତିପର ବୃଦ୍ଧା**



# ଜଗା ଦୁଆରେ ଉଡ଼ିଗଲା ପ୍ରାଣ



**ଚକାଆଖି ଦେଖିବା ପୂର୍ବରୁ ବାଇଶିପାହାଚରେ ଆଖି ବୁଜିଲେ**

■ **ପୁରୀ/ଭାପୁର, ୧୫।୯ (ସମିସ):** ଇଚ୍ଛା ଥିଲା ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ । ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ । ଏଥିପାଇଁ ପରିବାର ସଦସ୍ୟଙ୍କ ସହ ପୁରୀ ଆସିଥିଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳର ମନ୍ଦାକିନୀ ସାହୁ(୬୫) । ପିଣ୍ଡଦାନ କଲେ ସିନା କିନ୍ତୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଅଧୁରା ରହିଗଲା । ଦର୍ଶନ ପାଇଁ ମନ୍ଦିରକୁ ଯିବା ବେଳେ ବାଇଶିପାହାଚରେ ଟଳି ପଡ଼ିଲେ । ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ମନ୍ଦାକିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

ଏବେ ଚାଲିଛି ଅପରପକ୍ଷ । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତର୍ପଣ ସହ ପିଣ୍ଡଦାନ କରୁଛନ୍ତି ଲୋକେ । ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପରିବାର ସଦସ୍ୟଙ୍କ ସହିତ ଆସିଥିଲେ ମନ୍ଦାକିନୀ । ସେମାନେ ପିଣ୍ଡଦାନ କର୍ମ ସାରିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପରାହ୍ଣରେ ମନ୍ଦିରକୁ ▶ପୃଷ୍ଠା-୭





ସକାଳ
THE SAKALA
www.sakalaepaper.com


# ଦୁର୍ଘଟଣା ଘଟାଇବା ପରେ 'ବିଏମ୍‌ଡବ୍ଲ୍ୟୁ' ଡ୍ରାଇଭରଙ୍କ ଅମାନବୀୟ କାଣ୍ଡ



### ପାଖ ହସ୍ପିଟାଲ ଛାଡ଼ି ୧୯ କିଲୋମିଟର ଦୂରକୁ ନେଲେ
### ଅର୍ଥ ବିଭାଗ ଉପ ସଚିବଙ୍କ ଅକାଳ ମୃତ୍ୟୁ

ନୂଆଦିଲ୍ଲୀ, ୧୫।୯(ଏଜେନ୍ସି): କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ଉପ ସଚିବ ନଭଜୋତ ସିଂହ ଦିଲ୍ଲୀ କାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେସନ ନିକଟସ୍ଥ ରିଙ୍ଗ ରୋଡ଼ରେ ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଥିରେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି। ତେବେ ପାଖରେ ମେଡିକାଲ ଥାଇ ୧୯ କିମି ଦୂରରେ ଥିବା ମେଡିକାଲକୁ ନେବାରୁ ଉପସଚିବଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପତ୍ନୀ କାନ୍ଦି କାନ୍ଦି କାକୁତିମିନତି କରିବା ସତ୍ତ୍ୱେ ଦୁର୍ଘଟଣା ଘଟାଇଥିବା ବିଏମ୍‌ଡବ୍ଲ୍ୟୁ କାର୍ ଡ୍ରାଇଭର ତାଙ୍କ କଥା ଶୁଣି ନ ଥିଲେ। ଦୁର୍ଘଟଣାସ୍ଥଳରୁ ୧୯ କିମି ଦୂର ଜିଟିବି ନଗରରେ ଥିବା ନ୍ୟୁଲାଇଫ ହସ୍ପିଟାଲକୁ ନେଇଥିଲେ। ନଭଜୋତଙ୍କ ପତ୍ନୀ ସନ୍ଦୀପ କୌର କହିଛନ୍ତି ଯେ ଦୁର୍ଘଟଣା ପରେ କାର୍‌ରେ ନେବା ସମୟରେ ସ୍ୱାମୀ ଚେତାଶୂନ୍ୟ ଥିଲେ। ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ତାଙ୍କୁ ଅନୁରୋଧ କରିଥିଲି। କିନ୍ତୁ କେହି ମୋ କଥା ଶୁଣି ନ ଥିଲେ। ଯଦି ପାଖରେ ଥିବା ହସ୍ପିଟାଲକୁ ନିଆଯାଇଥାନ୍ତା ତେବେ ତାଙ୍କର ଜୀବନ ବଞ୍ଚି ଯାଇଥାନ୍ତା।

ଗତକାଲି ନଭଜୋତ ଓ ତାଙ୍କ ପତ୍ନୀ ବାଇକରେ ଯାଉଥିବା ବେଳେ ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେଇଥିଲା। ଏହାପରେ କାର୍ ଓଲଟିଯାଇଥିଲା। ଏହି ସମୟରେ ଏକ ଭ୍ୟାନ୍ ଡ୍ରାଇଭର ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ଭ୍ୟାନରେ ନଭଜୋତ ଓ ତାଙ୍କ ପତ୍ନୀଙ୍କ ସମେତ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତ ବି ଥିଲେ। ଭ୍ୟାନ୍ ଡ୍ରାଇଭର ସେମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲକୁ ନେଉଥିବା ବେଳେ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତ ତାଙ୍କୁ ୧୯ କିମି ଦୂରରେ ଥିବା ନ୍ୟୁଲାଇଫ୍ ହସ୍ପିଟାଲ ନେବାକୁ ବାଧ୍ୟ କରିଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ନଭଜୋତଙ୍କ ମୃତ୍ୟୁ ଘଟିଥିଲା। ପାଖରେ ହସପିଟାଲ ଥାଉ ଥାଉ ୧୯ କିଲୋମିଟର ଦୂରରେ ଥିବା ହସ୍ପିଟାଲକୁ ସେମାନଙ୍କୁ କାହିଁକି ନିଆଯାଇଥିଲା ବୋଲି ପ୍ରଶ୍ନ ଉଠୁଛି। ପୁଲିସ ଏହାର ଛାନଭିନ୍ ଆରମ୍ଭ କରିବା ସହିତ ବିଏମଡବ୍ଲ୍ୟୁ ଡ୍ରାଇଭର ଗଗନପ୍ରୀତଙ୍କୁ ଗିରଫ କରିଛି। ଗଗନପ୍ରୀତଙ୍କ ସ୍ୱାମୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମହିଳା ଜଣକ ବିଏମ୍‌ଡବ୍ଲ୍ୟୁ ଚଳାଉଥିଲେ ଓ ପାଖରେ ତାଙ୍କ ସ୍ୱାମୀ ବସିଥିଲେ ବୋଲି ଅନୁମାନ କରାଯାଉଛି। କୁହାଯାଉଛି ଯେ ନ୍ୟୁଲାଇଫ୍ ହସ୍ପିଟାଲରେ ଗଗନପ୍ରୀତଙ୍କ ପିତାଙ୍କ ମାଲିକାନା ରହିଛି। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଗଗନପ୍ରୀତ ଆହତ ନଭଜୋତଙ୍କୁ ସେହି ହସ୍ପିଟାଲକୁ ନେଇଥିଲେ।

## ନେପାଳ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କ ଇସ୍ତଫା ଦାବିକଲା ଜେନ୍-ଜେଡ୍

କାଠମାଣ୍ଡୁ, ୧୦।୯ (ଏଜେନ୍ସି): ନେପାଳର ନବ ନିଯୁକ୍ତ କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଜେନ୍ ଜେଡ୍‌ଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଶପଥ ନେବାର ଦିନକ ପରେ ଜେନ ଜେଡ୍ ଗୋଷ୍ଠୀ ତାଙ୍କ ଇସ୍ତଫା ଦାବି କରିଛନ୍ତି। କ୍ୟାବିନେଟ ସମ୍ପ୍ରସାରଣକୁ ନେଇ ଆନ୍ଦୋଳନକାରୀ କ୍ଷୁବ୍ଧ ହୋଇଛନ୍ତି। ବିକ୍ଷୋଭକାରୀଙ୍କ ମତାମତ ନ ନେଇ ପ୍ରଧାନମନ୍ତ୍ରୀ ମନଇଚ୍ଛା ମନ୍ତ୍ରୀ ଚୟନ କରୁଥିବାରୁ ବିରୋଧ କରିଛନ୍ତି। ଏହାକୁ ନେଇ ରବିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ ଏବଂ ସ୍ଲୋଗାନ ଦେଇଛନ୍ତି। ସୁଦାନ ଗୁରଙ୍ଗ ଏହାର ନେତୃତ୍ୱ ନେଇଛନ୍ତି। ସେ ଧମକ ଦେଇଛନ୍ତି କହିଛନ୍ତି ଯେ ପୁଣିଥରେ ରାସ୍ତାକୁ ଓହ୍ଲାଇଲେ କେହି ଆମକୁ ଅଟକାଇ ପାରିବେ ନାହିଁ। ଯେଉଁ ଆସନରେ ବସାଇଛୁ ସେଥିରୁ ବାହାର କରି ଫୋପାଡ଼ି ଦେବୁ। ବରିଷ୍ଠ ଓକିଲ ଓମ୍‌ପ୍ରକାଶ ଆର୍ଯ୍ୟାଲ ସରକାରରେ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ କରିଛନ୍ତି। ଆର୍ଯ୍ୟାଲ ନିଜେ ସ୍ୱରାଷ୍ଟ୍ରମନ୍ତ୍ରୀ ହେବାକୁ ପ୍ରୟାସ କରୁଛନ୍ତି। କାଠମାଣ୍ଡୁ ମେୟର ବାଲେନ ଶାହାଙ୍କ ଘନିଷ୍ଠ ଭାବେ ସେ ପରିଚିତ। ଆର୍ଯ୍ୟାଲଙ୍କୁ ସ୍ୱରାଷ୍ଟ୍ର ଏବଂ ଆଇନ ମନ୍ତ୍ରୀ, ରାମେଶ୍ୱର ଖନାଲଙ୍କୁ ଅର୍ଥମନ୍ତ୍ରୀ ଏବଂ କୁଲମାନ ଘିସିଙ୍ଗଙ୍କୁ ଶକ୍ତିମନ୍ତ୍ରୀ ଭାବେ ସୁଶୀଳା ନିଯୁକ୍ତି ଦେଇଛନ୍ତି।

## ଉଡ଼ାଣ ପୂର୍ବରୁ ଜୟପୁର-ଦୁବାଇ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜୟପୁର, ୧୫।୯(ଏଜେନ୍ସି): ଜୟପୁର ବିମାନ ବନ୍ଦରରୁ ଦୁବାଇ ଯିବାକୁ ଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନରେ ସୋମବାର ଟେକ୍ ଅଫ୍ ପୂର୍ବରୁ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଫଳରେ ବିମାନର ଉଡାଣକୁ ଶେଷ ମୁହୂର୍ତ୍ତରେ ହିଁ ବାତିଲ କରାଯାଇଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସର ଫ୍ଲାଇଟ୍ ଆଇଏକ୍ସ-୧୯୫ ସୋମବାର ସକାଳ ୫ଟା ୫୫ ମିନିଟ୍‌ରେ ଦୁବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଟେକ୍‌ଅଫ୍‌ର ଠିକ୍ ପୂର୍ବରୁ ବିମାନରେ ବୈଷୟିକ ତ୍ରୁଟି ଥିବା ପାଇଲଟ୍‌ଙ୍କୁ ଜଣା ପଡ଼ିଥିଲା। ଏହାପରେ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ୟୁନିଟ୍‌କୁ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ ଓ ବିମାନକୁ ଟ୍ୟାକ୍ସି ୱେରୁ ଆପ୍ରନ ଏରିଆକୁ ଆଣିଥିଲେ। ଇଞ୍ଜିନିୟରମାନେ ବିମାନର ଏହି ବୈଷୟିକ ତ୍ରୁଟି ସୁଧାରିପାରି ନଥିଲେ। ଶେଷରେ ବିମାନର ଉଡାଣକୁ ରଦ୍ଦ କରାଯାଇଥିଲା। ସେହିପରି ଜୟପୁରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ଫ୍ଲାଇଟ୍ ୬ଇ ୫୨୮୨କୁ ବି ଶେଷ ମୁହୂର୍ତ୍ତରେ ରଦ୍ଦ କରାଯାଇଛି।

## ମୁମ୍ବଇରେ ପ୍ରବଳ ବର୍ଷା; ଟ୍ରାକ୍ ବୁଡ଼ିବାରୁ ଲୋକାଲ ଟ୍ରେନ୍ ବିଳମ୍ବ

ମୁମ୍ବଇ,୧୫।୯(ଏଜେନ୍ସି): ମୁମ୍ବଇରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି। ପୁଣି ଆଗକୁ ପ୍ରବଳ ବର୍ଷା ହେବ ଓ ୪୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। ବର୍ଷା କାରଣରୁ ମୁମ୍ବଇରେ କେତୋଟି ଅଞ୍ଚଳରେ ପାଣି ଭରି ରହିଛି ଓ ଟ୍ରାଫିକ ଜାମ୍ ହୋଇଛି। ଅନ୍ଧେରୀ ସବ୍‌ୱେରେ ଦେଢ଼ ଫୁଟ୍ ପର୍ଯ୍ୟନ୍ତ ପାଣି ଠିଆ ହୋଇଥିବାରୁ ପୁଲିସ ଏହାକୁ ବନ୍ଦ କରିଛି। ସେହିପରି ଦରାର, କୁର୍ଲା ଓ ବାନ୍ଦ୍ରା ଷ୍ଟେସନରେ ପାଣି ଭରି ଯିବାରୁ ସବୁ ଲୋକାଲ ଟ୍ରେନ୍ ୧୦ରୁ ୧୫ ମିନିଟ ବିଳମ୍ବରେ ଚାଲିଥିଲା। ସେହିପରି ହାଇଦରାବାଦ୍‌ରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହବିବ ନଗର ଅଞ୍ଚଳରେ ରବିବାର ରାତିରେ ବର୍ଷା ହେବା ପରେ ଦୁଇ ଜଣ ବନ୍ୟାରେ ଭାସି ଯାଇଛନ୍ତି। ଡିଜାଷ୍ଟର ରେସପନ୍ସ ଫୋର୍ସ (ଡିଆରଏଫ୍) ଟିମ୍ ଏହି ଦୁଇ ଜଣଙ୍କ ସନ୍ଧାନ ଜାରି ରଖିଛି। କିନ୍ତୁ ଏହି ଅଞ୍ଚଳରେ ପାଣି ଏବେ ଜୋର୍‌ରେ ପ୍ରବାହିତ ହେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରବଳ ବର୍ଷା କାରଣରୁ ହାଇଦରାବାଦରେ ବାଇକ୍ ସହ ଜଣେ ଲୋକ ଭାସି ଯାଇଥିଲେ ଓ ତାଙ୍କୁ ବହୁକଷ୍ଟରେ ଉଦ୍ଧାର କରାଯାଇଥିଲା। ଅନ୍ୟପଟେ ପଶ୍ଚିମ ରାଜସ୍ଥାନରୁ ମୌସୁମୀ ୩ ଦିନ ତଳେ ବିଦାୟ ନେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜସ୍ଥାନର ଶ୍ରୀଗଙ୍ଗାନଗର, ନାଗୋର, ଯୋଧପୁର ଓ ବିକାନେରରେ ମୌସୁମୀ ବିଦାୟ ନେଇସାରିଛି। ଆଗାମୀ ଦୁଇ ତିନି ଦିନରେ ପଞ୍ଜାବ ଓ ଗୁଜରାଟର କିଛି ଅଞ୍ଚଳରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିବ।

## କରନ ଜୋହର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ପରେ ଏବେ ନିର୍ଦ୍ଦେଶକ କରନ ଜୋହର ବ୍ୟକ୍ତିଗତ ଅଧିକାରର ସୁରକ୍ଷା ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ତାଙ୍କ ନାମ, ଫଟୋ ଏବଂ ସ୍ୱର ବ୍ୟବହାର କରି ବେଆଇନ ଭାବେ ସାମଗ୍ରୀ ବିକ୍ରି ଏବଂ ପାଣ୍ଠି ସଂଗ୍ରହ କରାଯାଉଥିବା କହିଛନ୍ତି। କରନଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜଶେଖର ରାଓ କହିଥିଲେ ଯେ ଏଭଳି ବେଆଇନ କାର୍ଯ୍ୟକଳାପ ଦ୍ୱାରା ବ୍ୟକ୍ତିଗତ ଛବି ଖରାପ ହେଉଛି। କେଉଁ କେଉଁ ଘଟଣାରେ କରନ ପରିଚୟକୁ ବ୍ୟବହାର କରାଯାଇଥିଲା ତାହାର ସୂଚନା ମଧ୍ୟ ସେ କୋର୍ଟଙ୍କୁ ଦେଇଥିଲେ। ଏହାକୁ ଚିହ୍ନଟ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରତ୍ୟେକ ଥାନାରେ ସିସିଟିଭି ଜରୁରି: ସୁପ୍ରିମକୋର୍ଟ




### ରେକର୍ଡିଂର ଯାଞ୍ଚ ପାଇଁ ଏଆଇ ଆଧାରିତ ନିୟନ୍ତ୍ରଣ କକ୍ଷ ହେଉ
### ମାନବିକ ହସ୍ତକ୍ଷେପ ହ୍ରାସ କରାଯାଉ
### ସ୍ୱାଧୀନ ଏଜେନ୍ସି ଦ୍ୱାରା ଥାନାର ଯାଞ୍ଚ ହେଉ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଦେଶରେ ପୁଲିସ ବର୍ବରତାର ଅନେକ ମାମଲା ସାମ୍ନାକୁ ଆସୁଛି। କେଉଁଠି ଥାନାରେ ଗଣ୍ଡଗୋଳ ହେଉଛି ତ ଆଉ କିଏ ହେପାଜତରେ ରହି ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ଏପରି ସମୟରେ ନିଜଆଡୁ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଥାନାରେ ସିସିଟିଭି ନ ଥିବାରୁ ପର୍ଯ୍ୟବେକ୍ଷଣରେ ସମସ୍ୟା ହେଉଛି। ତେଣୁ ପ୍ରତ୍ୟେକ ଥାନାରେ ସିସିଟିଭି ଇନ୍‌ଷ୍ଟଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସିସିଟିଭି ଗୁଡିକୁ ଅଧିକାରୀ ବନ୍ଦ କରିଦେବାର ସମ୍ଭାବନା ରହିଛି। ତେଣୁ ସିସିଟିଭି ଗୁଡିକ ଉପରେ ନଜର ରଖିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା ନିମନ୍ତେ ଜୋର୍ ଦେଇଛନ୍ତି। ମାନବିକ ହସ୍ତକ୍ଷେପ ହ୍ରାସ ଏବଂ ଡିଭାଇସ ସ୍ୱିଚ୍ ଅଫ୍ ନ ହେବାକୁ ସୁନିଶ୍ଚିତ କରିବା ପାଇଁ ଏପରି ପଦକ୍ଷେପ ଜରୁରୀ ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀର ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଥାନାଗୁଡିକରେ ସିସିଟିଭିର କାର୍ଯ୍ୟକାରିତା ଉପରେ ଆଗତ ରିଟ୍ ପିଟିସନ ଉପରେ ନିଜଆଡୁ ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ୨୬ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ଆସିବ।

ଆଜି ଶୁଣାଣି ସମୟରେ ସିସିଟିଭି ଇନ୍‌ଷ୍ଟଲ ପ୍ରକ୍ରିୟାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟିଏସ)ର ସହାୟତା ନେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏହି ସମସ୍ୟା ପର୍ଯ୍ୟବେକ୍ଷଣରେ ରହିଛି। ଆଜି ଏହାକୁ ପାଳନ କରିବାକୁ ନେଇ ସତ୍ୟପାଠ ଜାରି ହୋଇପାରେ। କିନ୍ତୁ କାଲିକୁ ଅଧିକାରୀ କ୍ୟାମେରାକୁ ସ୍ୱିଚ୍‌ଅଫ୍ କରିଦେଇପାରନ୍ତି। ତେଣୁ ମାନବିକ ହସ୍ତକ୍ଷେପ ବିନା ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା ପାଇଁ କୋର୍ଟ ବିଚାର କରୁଛନ୍ତି। ଯଦି କୌଣସି କ୍ୟାମେରା ବନ୍ଦ ହୋଇଯାଏ ତେବେ ତାହାର ସୂଚନା ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ମିଳୁ। ସମସ୍ୟାର ସମାଧାନ ଲାଗି ଏହା ହିଁ ଉଚିତ ଉପାୟ। ଏହା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ। ଏହି ଜ୍ଞାନକୌଶଳ ପାଇଁ ଆଇଆଇଟିକୁ ପ୍ରକ୍ରିୟାରେ ସାମିଲ କରିବାକୁ ବିଚାର କରାଯାଉଛି। ସ୍ୱାଧୀନ ଏଜେନ୍ସି ଦ୍ୱାରା ମଧ୍ୟ ଥାନାର ଯାଞ୍ଚ କରାଯାଉ ବୋଲି ଜଷ୍ଟିସ ମେହେଟା କହିଛନ୍ତି। ଗତ ୪ ତାରିଖରେ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ। ଏହି ରିପୋର୍ଟରେ ହେପାଜତ ମୃତ୍ୟୁକୁ ନେଇ ରାଜସ୍ଥାନ ପୁଲିସ ସିସିଟିଭି ଫୁଟେଜ ଦେଉ ନ ଥିବା କୁହାଯାଇଥିଲା। ସିସିଟିଭି ଖରାପ ଥିବା କୁହାଯାଇଥିଲା। ଥାନାରେ ସିସିଟିଭି କାମ କରୁ ନ ଥିବାକୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଦୈନିକ ଭାସ୍କରରେ ପ୍ରକାଶିତ ରିପୋର୍ଟରେ ଗତ ୮ ମାସରେ ରାଜସ୍ଥାନରେ ୧୧ ହେପାଜତ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତେବେ ଏହାକୁ ନେଇ ସିସିଟିଭି ଫୁଟେଜ ଦେବାକୁ ଅଧିକାରୀ ମନା କରିଦେଇଥିଲେ। ସିସିଟିଭି ଖରାପ, ଷ୍ଟୋରେଜ ଫୁଲ୍ ଏବଂ ଗୋପନୀୟତାର ବାହାନା କରିଥିଲେ।

## ରାଜନୈତିକ ଦଳଙ୍କୁ ଯୌନ ଉତ୍ପୀଡ଼ନ ଆଇନ ଅଧୀନରେ ଆଣିବାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ରାଜନୈତିକ କ୍ଷେତ୍ରରେ ସାମିଲ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିରୋଧୀ ଆଇନ ଅଧୀନରେ ସୁରକ୍ଷା ପ୍ରଦାନ ଦାବିରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ରାଜନୈତିକ ଦଳଗୁଡ଼ିକ କିପରି ପିଓଏସ୍‌ଏଚ ଆଇନ ଅଧୀନରେ ସାମିଲ କରାଯିବ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ, ଅତୁଲ ଏସ ଚନ୍ଦ୍ରାକରଙ୍କ ଖଣ୍ଡପୀଠ କହିଛନ୍ତି। କୌଣସି ଦଳ ଏବଂ ଏହାର କର୍ମୀଙ୍କ ମଧ୍ୟରେ ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ନାହିଁ। ଏପରି ସ୍ଥଳେ ଦଳଗୁଡିକ 'କର୍ମସ୍ଥଳୀ'ର ପରିଭାଷା ମଧ୍ୟରେ କେମିତି ଆସିପାରିବେ? ତେଣୁ ସୁପ୍ରିମକୋର୍ଟ ଏପରି କରିବାକୁ ମନା କରିଦେଇଥିଲେ।

## ୭୭ତମ ଏମି ପୁରସ୍କାର 'ଦି ଷ୍ଟୁଡିଓ'କୁ ସର୍ବାଧିକ ୧୩ଟି ଟ୍ରଫି

ଲସ୍‌ଏଞ୍ଜେଲ୍ସ, ୧୫।୯(ଏଜେନ୍ସି): ଟେଲିଭିଜନ ଇଣ୍ଡଷ୍ଟ୍ରୀର ସର୍ବୋଚ୍ଚ ପୁରସ୍କାର ବିବେଚିତ ହେଉଥିବା 'ଏମି ପୁରସ୍କାର'ର ୭୭ତମ ସଂସ୍କରଣ ସ୍ଥାନୀୟ ପିକକ୍ ଥିଏଟରରେ ଅନୁଷ୍ଠିତ ହୋଇଛି। ଏହି ପୁରସ୍କାର ବିତରଣ ଉତ୍ସବକୁ କମେଡିଆନ୍ ନେଟ୍ ବାରଗାଜ ଉପସ୍ଥାପକ ଭାବେ ସଞ୍ଚାଳନ କରିଥିଲେ। ଏଥିରେ ଉଭୟ ଅଭିଜ୍ଞ ଓ ଉଦୀୟମାନ ତାରକାଙ୍କୁ ପୁରସ୍କୃତ କରାଯାଇଥିଲା। 'ଦି ଷ୍ଟୁଡିଓ'କୁ ଆଉଟଷ୍ଟାଣ୍ଡିଂ କମେଡି ସିରିଜ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ସିରିଜ ସର୍ବାଧିକ ୧୩ଟି ପୁରସ୍କାର ହାସଲ କରିଥିଲା। ଏଥିରେ ଅଭିନୟ କରିଥିବା ୧୫ ବର୍ଷୀୟ ଓୱେନ କୁପର ସର୍ବକନିଷ୍ଠ ଅଭିନେତା ଭାବେ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଛନ୍ତି।

# ବିହାରରେ ଆସନ ପାଇଁ ଟଣାଓଟରା

### ବିହାରରେ ଇଣ୍ଡିଆ ମେଣ୍ଟରେ କେଁ
### ସବୁ ଆସନରେ ଲଢ଼ିବାକୁ ତେଜସ୍ୱୀଙ୍କ ଧମକ



ପାଟନା, ୧୫।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇ ଉଠିଛି। ଏ ପର୍ଯ୍ୟନ୍ତ ଇଣ୍ଡିଆ ମହାମେଣ୍ଟରେ ସହଯୋଗୀଙ୍କ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଏହାକୁ ନେଇ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ କେଁ ଫସି ରହିଛି। ଆଉ କିଛି ମାସ ମଧ୍ୟରେ ନିର୍ବାଚନ ହେବାକୁ ଥିବାବେଳେ ଆସନ ବଣ୍ଟନକୁ ନେଇ ମତଭେଦ ଦୂର ହୋଇପାରୁ ନାହିଁ। ଆସନ ବୁଝାମଣାକୁ ନେଇ କଂଗ୍ରେସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ କାହାକୁ ଉପସ୍ଥାପନ କରିବାକୁ ଏହି ଦଳ ଅନିଚ୍ଛା ପ୍ରକାଶ କରିଛି। ତେବେ ବିରୋଧୀ ଗୋଷ୍ଠୀରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ଅଧିକାଂଶ ମୁଖ୍ୟମନ୍ତ୍ରୀ ଭାବେ ପସନ୍ଦ କରୁଥିବା ଚର୍ଚ୍ଚା ହେଉଛି। ଏପରି ସମୟରେ ତେଜସ୍ୱୀ ଚାପ ରାଜନୀତିକୁ ଆୟୁଧ କରିଛନ୍ତି। ରାଜ୍ୟର ସମସ୍ତ ୨୪୩ ଆସନରେ ଆରଜେଡି ଲଢ଼ିବ ବୋଲି କହି ସେ ମେଣ୍ଟ ସହଯୋଗୀଙ୍କ ଉପରେ ଚାପ ପକାଇଛନ୍ତି। ଏହାକୁ ନେଇ ବିରୋଧୀ ମେଣ୍ଟରେ ଛନକା ପଶିଛି।

ମୁଜାଫରପୁର ଜିଲ୍ଲାର କାନ୍ତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ବିରୋଧୀ ଦଳ ନେତା ତେଜସ୍ୱୀ ଶନିବାର କହିଥିଲେ ଯେ ଚଳିତ ଥର ସେ ୨୪୩ ଆସନରେ ନିର୍ବାଚନ ଲଢିବେ। ବୋଚହାଁ ହେଉ ଅବା ମୁଜଫରପୁର ସବୁଠି ଲଢ଼ିବୁ। ତେଜସ୍ୱୀଙ୍କ ନାମରେ ଭୋଟ ଦେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ସଫଳ ହୋଇଥିବା ନେଇ କଂଗ୍ରେସ ଦାବି କରୁଥିବାବେଳେ ତେଜସ୍ୱୀ ଏଭଳି ଟିପ୍ପଣୀ ଦେଇ ହଟଚମଟ ସୃଷ୍ଟି କରିଛନ୍ତି। ରାହୁଲଙ୍କ ଏହି ଯାତ୍ରା ବିହାରର ୧୧୦ ବିଧାନସଭା କ୍ଷେତ୍ର ଦେଇ ଯାଇଥିଲା। କଂଗ୍ରେସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅତିକମରେ ୭୦ ଆସନ ଚାହୁଁଛି। ଏଥିପାଇଁ ଦଳ ମେଣ୍ଟ ଉପରେ ଚାପ ପକାଉଥିବା କୁହାଯାଉଛି। ଗତ ଥର ଦଳ ୭୦ ଆସନରେ ଲଢ଼ି ମାତ୍ର ୧୯ଟିରେ ବିଜୟୀ ହୋଇଥିଲା। ତେଣୁ ଅନ୍ୟ ଦଳଗୁଡିକ ବିଶେଷ କରି ଆରଜେଡି ଏତେ ଆସନ କଂଗ୍ରେସକୁ ଦେବାକୁ ଚାହୁଁନାହିଁ।

ଗତ ସପ୍ତାହରେ ଏଆଇସିସିର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁ କହିଥିଲେ ଯେ ବିହାରର ଲୋକମାନେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନେବେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଥିଲା। ବିରୋଧୀ ଦଳ କ୍ଷମତାକୁ ଫେରିଲେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବ ତାହାକୁ ଭୋଟର ଅଧିକାର ଯାତ୍ରା ସମୟରେ ରାହୁଲଙ୍କୁ ପ୍ରଶ୍ନ କରାଯାଇଥିଲା। ତେବେ ସେ ଏହି ପ୍ରଶ୍ନକୁ ଏଡାଇ ଯାଇଥିଲେ। ଏହାକୁ ନେଇ ମଧ୍ୟ ଆରଜେଡିରେ ଅସନ୍ତୋଷ ଦାନା ବାନ୍ଧୁଛି। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଚେହେରା ହୁଅନ୍ତୁ ବୋଲି ଆରଜେଡି ଚାହୁଁଥିବାବେଳେ କଂଗ୍ରେସ ବିନା ଚେହେରାରେ ଲଢିବାକୁ ଚାହୁଁଛି।

# ଇସ୍ରାଏଲ ବିରୋଧରେ ମେଳି କଲେ ୫୦ ମୁସଲିମ୍ ଦେଶ

### ସମ୍ପର୍କ ଛିନ୍ନ କରିବାକୁ ଇରାନର ପରାମର୍ଶ
### ନାଟୋ ଭଳି ସାମରିକ ମେଣ୍ଟ ଗଠନ ସପକ୍ଷରେ ପାକିସ୍ତାନ

ଦୋହା, ୧୫।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଏକ ନୂଆ ମେଣ୍ଟ ଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଇସ୍ରାଏଲ ବିପକ୍ଷରେ କାତାର ରାଜଧାନୀ ଦୋହାଠାରେ ୫୦ଟି ମୁସ୍‌ଲିମ ଦେଶ ମେଳି ହୋଇଛନ୍ତି। ଆରବ ଲିଗ୍ ଓ ଅର୍ଗାନାଇଜେସନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକି ଏହି ୫୦ ଦେଶର ପ୍ରତିନିଧିଙ୍କୁ ଏକାଠି କରିଛି। ସେପ୍ଟେମ୍ବର ୯ରେ କାତାର ରାଜଧାନୀ ଦୋହା ଉପରେ ଇସ୍ରାଏଲ କରିଥିବା ଆକ୍ରମଣର ଜବାବ ଦେବା ଏହି ବୈଠକର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଇସ୍ରାଏଲର ଏହି ଆକ୍ରମଣରେ ହମାସର ୫ ସଦସ୍ୟ ଓ କାତାର ଜଣେ ସୁରକ୍ଷାକର୍ମୀ ନିହତ ହୋଇଥିଲେ। ଗତ ଦୁଇବର୍ଷ ହେବ ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ହମାସର ଏକ ଟିମ୍ ଆମେରିକାର ପ୍ରସ୍ତାବ ଅନୁସାରେ ଦୋହାରେ ଥିଲେ ଓ ଏତିକି ବେଳେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ଏହି ବୈଠକରେ କୁହାଯାଇଛି। ଏହି ବୈଠକରେ ସବୁ ମୁସ୍‌ଲିମ ଦେଶଗୁଡିକ ସେମାନଙ୍କର ଇସ୍ରାଏଲ ବିରୋଧୀ ମନୋଭାବକୁ ସ୍ପଷ୍ଟ କରିଛନ୍ତି। ଏହି କ୍ରମରେ ଇସ୍ରାଏଲ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ଇରାନ ରାଷ୍ଟ୍ରପତ ମାସୁଦ ପେଜେସକିଆନ ଇସ୍‌ଲାମିକ୍ ରାଷ୍ଟ୍ରଗୁଡିକୁ ପରାମର୍ଶ ଦେଇଛନ୍ତି। ଇସ୍ରାଏଲର ଏହି ଦମନଲୀଳା ବିରୋଧରେ ସବୁ ମୁସ୍‌ଲିମ୍ ଦେଶକୁ ଏକାଠି ହେବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ନାଟୋ ଭଳି ଏକ ସାମରିକ ମେଣ୍ଟ ଗଠନ କରିବାକୁ ପାକିସ୍ତାନ ପରାମର୍ଶ ଦେଇଛି।

ଇସ୍ରାଏଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବନ୍ଦ କୋଠରୀରେ ବୈଠକ ହୋଇଥିଲା। ଏଥିରେ ସବୁ ଇସ୍‌ଲାମିକ ଦେଶଗୁଡିକର ବୈଦେଶିକ ମନ୍ତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ କାତାରା ପ୍ରଧାନମନ୍ତ୍ରୀ ଓ ବିଦେଶ ମନ୍ତ୍ରୀ ଶେଖ ଜସିମ ଅଲ ଥାନୀ ଇସ୍ରାଏଲର ଆକ୍ରମଣକୁ କଡ଼ା ନିନ୍ଦା କରିଥିଲେ। କାତାର ନିଜର ସାର୍ବଭୌମତ୍ୱ ରକ୍ଷା କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଛାଇବ ନାହିଁ ଓ ଏହି ଘଟଣାରେ ଆରବ ଓ ଅନ୍ୟ ଇସ୍‌ଲାମିକ ଦେଶଗୁଡିକ ସମର୍ଥନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଏହା ପୂର୍ବରୁ ଇସ୍ରାଏଲ ଜାତିସଂଘ ମହାସଭାରେ କାତାର ଉପରେ କରିଥିବା ଆକ୍ରମଣକୁ ଯଥାର୍ଥ ବୋଲି ଅଭିହିତ କରିଥିଲା। ବିଗତ କେତେ ବର୍ଷ ଧରି ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରୟାସ କରିଆସୁଥିବା ହମାସ ନେତାମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ କହିଥିଲା।


# ବନ୍‌ତାରାକୁ କ୍ଲିନ୍‌ଚିଟ୍ ଦେଲେ କମିଟି

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ମହାରାଷ୍ଟ୍ର କୋହ୍ଲାପୁର ଜୈନ ମଠର ମାଧୁରୀ ହାତୀ ସ୍ଥାନାନ୍ତରକୁ ନେଇ ବିବାଦରେ ଥିବା ଜାମନଗର ସ୍ଥିତି 'ବନତାରା ୱାଇଲ୍ଡଲାଇଫ ରେସ୍‌କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର'କୁ ସୁପ୍ରିମକୋର୍ଟ ସୋମବାର କ୍ଲିନ୍‌ଚିଟ୍ ଦେଇଛନ୍ତି। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନତାରା ପଶୁପକ୍ଷୀଙ୍କ କ୍ରୟବିକ୍ରୟ ନିୟମ ଅଧିନରେ ଆସୁଛି ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଟି ଯାଞ୍ଚ ରିପୋର୍ଟରେ କୌଣସି ତ୍ରୁଟି ନ ଥିବା ଜଣାପଡ଼ିଛି। ଏବେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ନାହିଁ। ସ୍ୱତନ୍ତ୍ର କମିଟି ମାମଲାର ଯାଞ୍ଚ କରିଛି। ଏହା ଉପରେ ଆମେ ଭରସା କରିବୁ ବୋଲି ଖଣ୍ଡପୀଠ କହିଛନ୍ତି।

ଏହା ପୂର୍ବରୁ ସୁପ୍ରିମକୋର୍ଟ ଅଗଷ୍ଟ ୨୬ରେ ୨ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ତଦନ୍ତ ପାଇଁ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଧୁରୀକୁ ବନତାରା ନେବା ପରେ ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମାଙ୍କ ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କୌଣସି ହାତୀକୁ ଆଇନଗତ ପ୍ରକ୍ରିୟାରେ ହେପାଜତରେ ରଖି ଯତ୍ନ ନିଆଯାଉଛି ତେବେ ତାହା ଉପରେ ଆପତ୍ତି ଉଠାଇବା ଅନୁଚିତ। ମନ୍ଦିରରେ ମଧ୍ୟ ହାତୀ ରଖାଯାଉଛି। ଶୋଭାଯାତ୍ରା କିମ୍ବା ଦଶହରା ଭଳି ଆୟୋଜନରେ ଏହାକୁ ବ୍ୟବହାର କରାଯାଉଛି। ବନତାରା ଓକିଲ ହରିଶ ସାଲ୍‌ଭେ କହିଥିଲେ ଯେ ଯାଞ୍ଚ ରିପୋର୍ଟକୁ ସାର୍ବଜନୀନ କରା ନ ଯିବା ଉଚିତ। ଯଦି ରିପୋର୍ଟ ସାମ୍ନାକୁ ଆସେ ତେବେ ନ୍ୟୁୟର୍କ ଟାଇମ୍ସ ଭଳି ଖବରକାଗଜର କିଛି ଅଂଶ ପ୍ରକାଶନ କରି ନକରାତ୍ମକ ପ୍ରଚାରପ୍ରସାର କରିବେ। ଏହା ପରେ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ।

● ବିବାହର ଜିଦ୍ ନେଲା ହତ୍ୟାକାଣ୍ଡର ରୂପ

# ୬୦୦ କିମି ଡ୍ରାଇଭ କରି ଯାଇଥିବା ମହିଳାଙ୍କୁ ମାରିଲେ ପ୍ରେମିକ



ବାରମେର, ୧୫।୯ (ଏଜେନ୍ସି): ରାଜସ୍ଥାନରୁ ଏକ ଚାଞ୍ଚଲ୍ୟ ସୃଷ୍ଟି କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ୩୭ ବର୍ଷୀୟ ମହିଳା ନିଜ ପ୍ରେମିକଙ୍କୁ ବିବାହ ପାଇଁ ବୁଝାଇବାକୁ ୬୦୦ କିମି କାର୍ ଚଳାଇ ଯାଇଥିଲେ। କିନ୍ତୁ ଏହାର ଫଳ ଓଲଟା ହୋଇଥିଲା। ପ୍ରେମିକ ତାଙ୍କୁ ହତ୍ୟା କରିବାକୁ ପଛାଇ ନ ଥିଲା। ସମ୍ପୃକ୍ତ ପ୍ରେମିକଙ୍କୁ ପୁଲିସ ଗିରଫ କରିଛି। ମହିଳା ଜଣକ ଅଙ୍ଗନାବାଡି ସୁପରଭାଇଜର ହୋଇଥିବା ବେଳେ ପ୍ରେମିକ ଜଣକ ଏକ ସରକାରୀ ସ୍କୁଲ୍‌ର ଶିକ୍ଷକ ଥିଲେ। ଫେସ୍‌ବୁକ ଜରିଆରେ ଦୁହେଁ ପରସ୍ପର ସହ ପରିଚିତ ହୋଇଥିଲେ। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିନ୍ତୁ ବିବାହ କରିବାକୁ ମହିଳା ଜଣକ ଚାପ ପକାଇବା ପରେ ଦୁହିଁଙ୍କ ମଧ୍ୟ ସମ୍ପର୍କ ବିଗିଡି ଯାଇଥିଲା। ଶେଷରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହତ୍ୟାକାଣ୍ଡର ରୂପ ନେଇଥିଲା। ପ୍ରେମିକ ତାଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରିଥିଲେ। ପୁଲିସ ଏହି ଘଟଣାରେ ଯାଞ୍ଚ୍ ଆରମ୍ଭ କରିଛି। ବାରମେରଠାରୁ ୨୦କିମି ଦୂର ସଦର ଅଞ୍ଚଳରେ ଏହି ଘଟଣା ଘଟିଛି। ଫରେନସିକ ସାଇନ୍ସ ଲାବୋରାଟୋରୀ, ଡଗ୍ ସ୍କ୍ୱାଡ, ମୋବାଇଲ କ୍ରାଇମ ୟୁନିଟ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରିବାରେ ଲାଗି ପଡ଼ିଛନ୍ତି।

ରାଜସ୍ଥାନର ଝୁନଝୁନୁରେ ରହୁଥିବା ୩୭ ବର୍ଷୀୟା ଅଙ୍ଗନାବାଡି ସୁପରଭାଇଜର ମୁକେଶ କୁମାରୀ ପ୍ରାୟ ଏକ ଦଶନ୍ଧି ତଳେ ସ୍ୱାମୀଙ୍କଠାରୁ ଅଲଗା ହୋଇଥିଲେ। ଗତବର୍ଷ ଅକ୍ଟୋବର ମାସରେ ସେ ବାରମେରରେ ରହୁଥିବା ମାନାରାମ ନାମକ ଜଣେ ଶିକ୍ଷକ ସହ ପରିଚିତ ହୋଇଥିଲେ। ପରସ୍ପରକୁ ବରାବର ଭେଟିବା ସହ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ମାନାରାମଙ୍କୁ ବିବାହ କରି ମୁକେଶ ଘର ବସାଇବାକୁ ଚାହୁଁଥିଲେ। ଦୁହେଁ ପୂର୍ବରୁ ବିବାହିତ ଥିଲେ। ମୁକେଶ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇ ସାରିଥିଲେ। କିନ୍ତୁ ମାନାରାମଙ୍କ ଛାଡ଼ପତ୍ର ମାମଲା କୋର୍ଟରେ ବିଚାରାଧିନ ରହିଛି। ତେଣୁ ବିବାହ କରିବାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ବିବାହ ପାଇଁ ଅତ୍ୟଧିକ ଚାପ ପକାଉଥିବାରୁ ମାନାରାମ ତାଙ୍କୁ ହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ମୁକେଶଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ କାରର ଡ୍ରାଇଭର ସିଟ୍‌ରେ ରଖି ମାନାରାମ ଘରକୁ ଫେରି ଶୋଇ ପଡ଼ିଥିଲେ। ପରଦିନ ସକାଳୁ ଉଠି ସେ ନିଜ ଓକିଲଙ୍କ ସାହାଯ୍ୟରେ ମୁକେଶଙ୍କ ମୃତଦେହ ସମ୍ପର୍କରେ ପୁଲିସକୁ ଖବର ଦେବାକୁ କହିଥିଲେ।

## ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# ଓଡ଼ିଶା ହେବ ପୂର୍ବ-ଭାରତର ମାନୁଫାକ୍ଚରିଂ ହବ୍: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହେବାକୁ ଥିବା ବେଳେ ଏହାଦ୍ୱାରା ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ-ଭାରତର ମାନୁଫାକଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଯୋଗିତା କରିପାରୁଥିବା ଭଳି ଉତ୍ପାଦ ନିର୍ମାଣ କରୁଛୁ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ରାଜ୍ୟ ବିଜେପି ସରକାର ସ୍ୱଳ୍ପ ସମୟ ମଧ୍ୟରେ ୨୬୦ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ଦ୍ୱାରା ଓଡ଼ିଶାରେ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି ଏବଂ ୧ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି।

- ୨୫,୦୦୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ
- ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି

ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯାଉଛି। ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ ଶିଳ୍ପପତିଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେ ସବୁ ସମୟରେ ଉପସ୍ଥିତ ଅଛୁ।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତଭାଷଣ ଦେଇଥିବା ବେଳେ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

# ୫ ମାସ ହେବ ଦରମା ପାଇନାହାନ୍ତି ଜିପିଏଲଏଫ୍ କର୍ମୀ

## ପର୍‌ଫର୍ମାନ୍ସ ପାରିଶ୍ରମିକକୁ ବିରୋଧ କରି ଏକାଠି ହେଲେ ୪ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ



ଭୁବନେଶ୍ୱର,୧୫।୯ (ସମିସ): କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ପରଫରମାନ୍ସ ବୋନସ୍ ବଦଳରେ ପୂର୍ବଭଳି ମାସିକିଆ ଦରମା ପ୍ରଦାନ ପାଇଁ ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘର ଶହଶହ ସଦସ୍ୟ ଆଜି ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି।

### ଦଶହରା ମଧ୍ୟରେ ଦରମା ନମିଳିଲେ ଆନ୍ଦୋଳନ ଚେତାବନୀ

ସେମାନେ ଅଭିଯୋଗ କରିଥିଲେ ଯେ ରାଜ୍ୟର ୩୧୪ବ୍ଲକ୍‌ରୁ ପ୍ରାୟ ୪ହଜାର କର୍ମୀ ଗତ ୫ମାସ ହେବ ଦରମା ପାଇନାହାନ୍ତି। ୨୦୧୨ ମସିହାରୁ ଓଡ଼ିଶା ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ରମାନେ ପୂର୍ବରୁ ପାରିଶ୍ରମିକ ବାବଦକୁ ମାସିକ ଏକ ନିର୍ଦ୍ଦିଷ୍ଟ ଦରମା ପାଉଥିଲେ। କିନ୍ତୁ, ବର୍ତ୍ତମାନ ସେମାନଙ୍କୁ ପରଫରମାନ୍ସ ବୋନସ୍ ଭାବେ ପାରିଶ୍ରମିକ ଦିଆଯାଉଛି। ନୂଆ ସରକାର ଆସିବା ପରେ ଗତ ମାର୍ଚ୍ଚରେ ଶେଷ ଦରମା ପାଇଥିବା ବେଳେ ଏପ୍ରିଲଠାରୁ ପରଫରମାନ୍ସ ବୋନସ୍ ଭାବେ ଦରମା ନେବାକୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ଏହାକୁ କର୍ମଚାରୀମାନେ ବିରୋଧ କରିବା ସହ ପୂର୍ବଭଳି ଦରମା ଦେବାକୁ ଦାବି କରି ଆସୁଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। କିନ୍ତୁ, ଏହାକୁ ୫ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଜି ସଂଘର ସଦସ୍ୟାମାନେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି। ଏ ସଂପର୍କରେ ସେମାନେ ଆଜି ବିଭାଗୀୟ ନିର୍ଦ୍ଦେଶିକା, ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ସଂଘ ସୂଚନା ଦେଇଛି। ତେବେ ଆସନ୍ତା ଦଶହରା ମଧ୍ୟରେ ଏନେଇ କୌଣସି ପଦକ୍ଷେପ ନିଆ ନଗଲେ, ରାଜ୍ୟରେ ସମସ୍ତ ଜିପିଏଲଏଫ୍ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି।

## ଛାତ୍ର ସଂସଦ ନିର୍ବାଚନକୁ ନେଇ ବଢୁଛି ଦ୍ୱନ୍ଦ୍ୱ

# ତାରିଖ ଦେଉନାହାନ୍ତି ସରକାର

ଭୁବନେଶ୍ୱର, ୧୫।୯ (ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ୨୦୨୫ରେ ଛାତ୍ରସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାର ଏବେ ଯାଏଁ ବିଜ୍ଞପ୍ତି ବାହାର କରି ନାହାନ୍ତି। ଦୁର୍ଗା ପୂଜା ଛୁଟିକୁ ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ନିର୍ବାଚନ ତାରିଖ ଘୋଷଣା ନ କରିବାକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ସରକାରଙ୍କୁ ଘେରିଛନ୍ତି। ନୂତନ ନେତୃତ୍ୱର ଭ୍ରୁଣ ହତ୍ୟା କରିବାକୁ ସରକାର ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି ଓ ଉଚ୍ଚ ଶିକ୍ଷା ବିଭାଗର ଅହେତୁକ ନିରବତା ଛାତ୍ର ସଂସଦ ନିର୍ବାଚନ ନ କରିବା ନେଇ ପରୋକ୍ଷ ସୂଚନା ଦେଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

- ବିଚାର କରି ପଦକ୍ଷେପ ନେବେ ସରକାର: ଉଚ୍ଚଶିକ୍ଷା ମନ୍ତ୍ରୀ
- ପ୍ରତିଶ୍ରୁତି ଦେଇ ୟୁ-ଟର୍ଣ୍ଣ ମାରିଛନ୍ତି ସରକାର: ଛାତ୍ର ବିଜେଡି
- ନିର୍ବାନଚନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ: ଛାତ୍ର କଂଗ୍ରେସ

ଦେଶର ଅନେକ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି ଓ କିଛି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଦୁର୍ଗାପୂଜା ପୂର୍ବରୁ ନିର୍ବାଚନ ସାରିବାର ନିୟମ ମଧ୍ୟ ରହିଛି। ପୂଜା ଛୁଟିକୁ ଆଉ ମାତ୍ର ୧୧ଦିନ ଥିବାବେଳେ ଏହି ସମୟରେ ନିର୍ବାଚନ ପ୍ରକ୍ରିୟା ସାରିବା ଏକ ପ୍ରକାର ଅସମ୍ଭବ। ହେଲେ ମଧ୍ୟ ସରକାର କୌଣସି ସ୍ପଷ୍ଟ କରୁ ନ ଥିବାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ରାଜ୍ୟ ସରକାର ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛନ୍ତି। ଶିକ୍ଷା ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ବିଭିନ୍ନ ବର୍ଗଙ୍କ ମତକୁ ମଧ୍ୟ ବିଚାର କରାଯାଉଛି। ସେସବୁ ବିଚାର କରି ପଦକ୍ଷେପ ନିଆଯିବ। ହେଲେ କେବେ ନିର୍ବାଚନ ପାଇଁ ବିଜ୍ଞପ୍ତି ହେବ ଓ କେବେ ନିର୍ବାଚନ ଅନୁଷ୍ଠିତ ସେ ନେଇ କୌଣସି ସ୍ପଷ୍ଟ ସୂଚନା ନ ଦେବା ଛାତ୍ରଛାତ୍ରୀଙ୍କୁ ନିରାଶ କରିଛି। ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ରାଜ୍ୟ ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ୟୁ-ଟର୍ଣ୍ଣ ମାରିବାରେ ମାହିର। ଅନେକ ପ୍ରସଙ୍ଗରେ ୟୁ-ଟର୍ଣ୍ଣ ମାରି ସାରିଥିବା ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ କାର୍ଯ୍ୟକାରୀ କରି ନାହାନ୍ତି। ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା ଓ ଏବିଭିପିର ସମ୍ପୃକ୍ତି ସରକାରଙ୍କୁ ବ୍ୟାକଫୁଟ୍‌ରେ ପକାଇଛି। ଆଭ୍ୟନ୍ତରୀଣ ସର୍ଭେ କରି ଶିକ୍ଷାନୁଷ୍ଠାନରେ ସ୍ଥିତି ଠିକ୍ ନ ଥିବା ଜାଣିବା ପରେ ନିର୍ବାଚନ ଟାଳି ଦେବାକୁ ପ୍ରୟାସ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସରକାର ପାଳନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଲେ। ସରକାରକୁ ଆସିବା ପରେ ନିର୍ବାଚନ କରିବେ ବୋଲି ଘୋଷଣା କଲେ। ହେଲେ ନିର୍ବାଚନ ତାରିଖ ଦେଉ ନାହାନ୍ତି। ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାରଙ୍କ ଆନ୍ତରିକତା ନାହିଁ। ସରକାରଙ୍କ ବିରୋଧରେ ଛାତ୍ର ସମାଜ ଯେପରି ମୁହଁ ନ ଖୋଲିବେ ଏବଂ ଛାତ୍ର ନେତୃତ୍ୱ ଯେମିତି ନ ବାହାରିବେ ସେଥିପାଇଁ ସରକାର ତତ୍ପର ଥିବା ଜଣାପଡୁଛନ୍ତି। ନିର୍ବାଚନ ନ କଲେ ସେମାନେ ଛାତ୍ର ସଚେତନତା ସହ ରାସ୍ତାକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ଘାସିରାମ କଂଗ୍ରେସ ପ୍ରାର୍ଥୀ !

ଭୁବନେଶ୍ୱର,୧୫।୯ (ସମିସ): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ପ୍ରଥମଥର ଉପନିର୍ବାଚନର ସମ୍ମୁଖୀନ ହେବ ଶାସକ ବିଜେପି। ଯଦିଓ ଏହି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ତଥାପି ଏହି ଆସନକୁ ନେଇ ଏବେଠୁ ରାଜ୍ୟ ରାଜନୀତି ସରଗରମ ହେଲାଣି। କୌତୂହଳ କଥା ହେଉଛି ଶାସକ ବିଜେପି ଓ ମୁଖ୍ୟ ବିରୋଧୀ ବିଜେପି ଅପେକ୍ଷା ଗତ ନିର୍ବାଚନରେ ତୃତୀୟସ୍ଥାନରେ ଥିବା କଂଗ୍ରେସ ଏହି ଆସନକୁ ନେଇ ଏବେ ବେଶ୍ ଉତ୍ସାହୀ ଓ ତତ୍ପର। ଏହି ସମୟରେ ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଘାସିରାମ ମାଝୀ ଆଗାମୀ ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଛି । ଗତକାଲି ଘାସିରାମ କଂଗ୍ରେସରେ ଯୋଗ ଦେଇଥିଲେ ଓ ଆଜି ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ପିସିସି ସଭାପତି ଭକ୍ତଚରଣ ଦାସ ଇଙ୍ଗିତ ଦେଇଛନ୍ତି।

ପିସିସି ସଭାପତି କହିଛନ୍ତି ଯେ ଗତ ୨୦୨୪ ନିର୍ବାଚନରେ ଘାସିରାମ କଂଗ୍ରେସରୁ ଟିକଟ ନ ପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ। ସେଠାରୁ ସେ ୫୧ ହଜାର ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ୍ ପାଇଥିଲେ। ବର୍ତ୍ତମାନ ଘାସିରାମ କଂଗ୍ରେସରେ ନୂଆପଡ଼ା ଜିଲ୍ଲା ସଂଯୋଜକ ରହିଛନ୍ତି। ପୂର୍ବରୁ ସେ ଜିଲ୍ଲା ସଭାପତି ଥିଲେ; ଆମେ ତାଙ୍କୁ ଟିକଟ ଦେଇପାରି ନ ଥିଲୁ। ଏଥର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି। ଏମିତି କି ଘାସିରାମଙ୍କୁ ଅନ୍ୟ ରାଜନୈତିକ ଦଳ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେ ପ୍ରଭାବିତ ହେବେ ନାହି କି ଅନ୍ୟତ୍ର ଯିବେ ନାହିଁ। ଆମ ଆଶାୟୀ ପ୍ରାର୍ଥୀଙ୍କୁ ଯେତେ ଟଙ୍କା ଦେଲେ ମଧ୍ୟ ସେ ବିକ୍ରି ହେବାର ପ୍ରଶ୍ନ ଉଠୁନି ବୋଲି ଭକ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ୬୧ ହଜାର ୮୨୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲେ। ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪ ହଜାର ୮୧୪ ଖଣ୍ଡ ଭୋଟ୍ ସହ ତୃତୀୟ ସ୍ଥାନରେ ଓ ତତ୍‌କାଳୀନ ପିସିସି ସଭାପତି ତଥା କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ୫୦୧ ଖଣ୍ଡ ଭୋଟ୍ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ଆସନ୍ତା ନିର୍ବଚନରେ ଘାସିରାମଙ୍କୁ ପ୍ରାର୍ଥୀ କରି କଂଗ୍ରେସ ନୂଆ ରଣନୀତି ଆପଣାଇବାକୁ ଯୋଜନା କରିଛି। ଯେହେତୁ ଘାସିରାମଙ୍କ ଭୋଟ୍ ଓ କଂଗ୍ରେସ ପ୍ରାର୍ଥୀ ପାଇଥିବା ଭୋଟକୁ ମିଶାଇଲେ, ଏଠାରେ କଂଗ୍ରେସର ସବୁଠୁ ଅଧିକ ଭୋଟ୍ ହେଉଛି। ତେଣୁ ଏହି ଆସନଟିକୁ କଂଗ୍ରେସ ଦଖଲ କରିବାକୁ ଯଥେଷ୍ଟ ଆଶାବାଦୀ ରହିଛି।

- ଘାସିରାମଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ଭକ୍ତଙ୍କ ପରୋକ୍ଷ ଇଙ୍ଗିତ
- ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ିଥିଲେ

## ଜାଲ୍ ପ୍ରମାଣପତ୍ର ଦେଇ ଚାକିରି

# ବାଲିକୁଦା କଲେଜ ଅଧ୍ୟାପକ ନିଲମ୍ବିତ

ଜଗତସିଂହପୁର/ବାଲିକୁଦା, ୧୫।୯ (ସମିସ): ଜାଲ୍ ପ୍ରମାଣପତ୍ର ଦେଇ ଜଗତସିଂହପୁର ଜିଲ୍ଲାର ବାଲିକୁଦା କଲେଜର ବାଣିଜ୍ୟ ବିଭାଗରେ ଚାକିରି କରିଥିବା ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ଚାକିରି ଆରମ୍ଭ ଦିନରୁ ନେଇଥିବା ଦରମା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ତୋଷ କୁମାର ଶତପଥୀ ଜାଲ୍ ପ୍ରମାଣପତ୍ର ଦେଇ ବାଲିକୁଦା କଲେଜ ପରିଚାଳନା କମିଟି ଦ୍ୱାରା ବାଣିଜ୍ୟ ବିଭାଗରେ ୨୦୧୮ ମାର୍ଚ୍ଚ ୧୭ ତାରିଖରେ ନିଯୁକ୍ତି ପାଇଥିଲେ। ତାଙ୍କ ପ୍ରମାଣପତ୍ର ଜାଲ୍ ପ୍ରମାଣିତ ହେବା ପରେ ବିଭାଗୀୟ ରିଜୋନାଲ ଡାଇରେକ୍ଟରଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ନିଲମ୍ବିତ କରିଛନ୍ତି।



ସୂଚନା ମୁତାବକ, ଶ୍ରୀ ଶତପଥୀଙ୍କ ସାର୍ଟିଫିକେଟ୍ ନକଲି ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ୨୦୨୨ରେ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏହି ଟିମ୍ ତଦନ୍ତ ସମୟରେ ଉକ୍ତ ପ୍ରମାଣପତ୍ର ୨୦୧୫ରେ ଭାଙ୍ଗିଯାଇଥିବା ସିକିମର ଏକ ବିଶ୍ୱବିଦ୍ୟାଳୟର ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗର ଟିମ ଘଟଣାର ତଦନ୍ତ କରି ଉକ୍ତ ବିଶ୍ୱବିଦ୍ୟାଳୟ ଭାଙ୍ଗିବାର ୨ବର୍ଷ ପରେ ଏହି ପ୍ରମାଣପତ୍ର ଆଣିଥିବା ଜଣାପଡ଼ିଥିଲା। ଯେଉଁ ଆଧାରରେ ରିଜୋନାଲ ଡାଇରେକ୍ଟର କଲେଜର ସଭାପତି ଥିବା ଉପଜିଲ୍ଲାପାଳଙ୍କୁ ଚିଠି କରି ତୁରନ୍ତ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ସହ ନେଇଥିବା ଦରମା ବାବଦକୁ ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ସମେତ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ରହିଥିଲା।

# ଦେଶକୁ ଗର୍ବିତ କଲେ ରାଉରକେଲାର ଅନ୍ୱେଷ



## ଅନ୍ତର୍ଜାତୀୟ ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ 'କଥାକାର କି ଡାଏରୀ'

ଭୁବନେଶ୍ୱର,୧୫।୯ (ସମିସ): ଭାରତୀୟ ସିନେମା ପାଇଁ ଏକ ଗର୍ବିତ ମୁହୂର୍ତ୍ତ ଆଣିଦେଇଛନ୍ତି ଓଡ଼ିଆ ଆଇଆର୍‌ଏସ୍ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନ୍ୱେଷ ଚାଟାର୍ଜୀ। ତାଙ୍କ ନିର୍ଦ୍ଦେଶିତ 'କଥାକାର କି ଡାଏରୀ' ଚଳଚ୍ଚିତ୍ର ଅନ୍ତର୍ଜାତୀୟ ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପଶୁପତିନାଥ ଚାଟାର୍ଜୀଙ୍କ ପୁଅ ଅନ୍ୱେଷ ବର୍ତ୍ତମାନ ପୁଣେରେ ଜିଏସଟି ଯୁଗ୍ମ କମିଶନର ତଥା ଆଇଆରଏସ (ଭାରତୀୟ ରାଜସ୍ୱ ସେବା) ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ତର୍ଜାତୀୟ ନ୍ୟୁୟର୍କ ଚଳଚ୍ଚିତ୍ର ମହୋତ୍ସବ ସେପ୍ଟେମ୍ବର ୨୬ରେ ଆରମ୍ଭ ହୋଇ ଅକ୍ଟୋବର ୧୩ରେ ଶେଷ ହେବ।

ଦେଢ଼ ଘଣ୍ଟାର ଏହି ଫିଚର ଫିଲ୍ମ ମୁମ୍ବାଇ, ପୁଣେ ଓ ଓଡ଼ିଶାରେ ସୁଟିଂ ହୋଇଛି। ଓଡ଼ିଶାର ସୁନ୍ଦରଗଡ଼ର ଜଙ୍ଗଲରେ ଫିଲ୍ମର ପ୍ରମୁଖ ଦୃଶ୍ୟ ସୁଟିଂ ହୋଇଥିବାବେଳେ ପଶ୍ଚିମ ଓଡ଼ିଶାର ପ୍ରକୃତିକୁ ବିଶେଷ ଭାବେ ସ୍ଥାନ ଦିଆଯାଇଛି। ଜଣେ ସାଧାରଣ ମଣିଷର ଜୀବନ କାହାଣୀ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଅନ୍ୱେଷ ଏହି ଫିଲ୍ମର ଚିତ୍ରପଟ ଲେଖିଛନ୍ତି ଓ ନିର୍ଦ୍ଦେଶନା ଦେଇଥିବାବେଳେ୨୦୦ରୁ ଅଧିକ କଳାକାର ଏହି ସିନେମାରେ ଅଭିନୟ କରିଛନ୍ତି। ଏହି ଫିଲ୍ମକୁ ଜାତୀୟ ପୁରସ୍କାରପ୍ରାପ୍ତ ଏଡିଟର ଅସୀମ ସିହ୍ନା ଏଡିଟିଂ କରିଥିବାବେଳେ ଏହାକୁ ନିର୍ମାଣ କରିବାକୁ ଅନ୍ୱେଷଙ୍କୁ ଅଢେଇରୁ ତିନିବର୍ଷ ସମୟ ଲାଗିଥିବା ଜଣାପଡ଼ିଛି।

# ବନ ବିଭାଗକୁ ହାତୀଙ୍କ ପେଟ ଚିନ୍ତା



ଭୁବନେଶ୍ୱର,୧୫।୯ (ସମିସ): ରାଜ୍ୟରେ ପ୍ରତିବର୍ଷ ହାତୀ-ମଣିଷ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ହାତୀମାନେ ଜନବସତିକୁ ପଳାଇ ଆସୁଛନ୍ତି। ଫଳରେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ସହାବସ୍ଥାନ ପାଇଁ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଘଟୁଛି। ତେବେ ଏଥିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ବନ ବିଭାଗ ଅଣ୍ଟା ଭିଡ଼ିଛି। ଏକ ଅଭିନବ ଉପାୟ ସ୍ୱରୂପ ଜଙ୍ଗଲ ଭିତରେ ହାତୀମାନଙ୍କ ପାଇଁ ଧାନ ଓ କଦଳୀ ଚାଷ କରିବାକୁ ବିଭାଗ ଯୋଜନା କରିଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଭିତରେ ହାତୀଙ୍କ ପାଇଁ ଧାନ ଚାଷ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହାକୁ ଆଧାର କରି ବନ ବିଭାଗ ପ୍ରତି ବନଖଣ୍ଡରେ ପ୍ରାୟ ୧୫ ହେକ୍ଟର ଜମିରେ ଧାନ ଓ କଦଳୀ ଚାଷ କରିବାକୁ ଯୋଜନା ଆରମ୍ଭ କରିଛି।

- ପ୍ରତି ବନଖଣ୍ଡରେ ୧୫ ହେକ୍ଟରରେ ଧାନ ଓ କଦଳୀ ଚାଷ
- ଜାଗା ଚିହ୍ନଟ ପାଇଁ ଡିଏଫ୍‌ଓଙ୍କୁ ଚିଠି ଲେଖିଲେ ପିସିସିଏଫ
- ହାତୀ-ମଣିଷ ଲଢ଼େଇ ରୋକିବାକୁ ବିଭାଗର ଯୋଜନା

ଏହି କ୍ରମରେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ରାଜ୍ୟର ସମସ୍ତ ଆଞ୍ଚଳିକ ଓ ବନ୍ୟପ୍ରାଣୀ ଡିଏଫ୍‌ଓଙ୍କୁ ପତ୍ର ଲେଖି ନିଜ ନିଜ ବନଖଣ୍ଡ ଅଧୀନରେ ଅତିକମ୍‌ରେ ୧୫ ହେକ୍ଟର ଖୋଲା ସ୍ଥାନ ଚିହ୍ନଟ କରିବାକୁ କହିଛନ୍ତି। ଏଥିମଧ୍ୟରୁ ୧୦ ହେକ୍ଟର ଜମିରେ ସ୍ଥାନୀୟ କିସମର ଶସ୍ୟ ରୋପଣ ପାଇଁ ବ୍ୟବହୃତ ହେବା ସହ ଅନ୍ୟ ୫ ହେକ୍ଟରରେ ସ୍ଥାନୀୟ ପ୍ରଜାତିର କଦଳୀ ଗଛ ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ପିସିସିଏଫ୍ ନିଜ ଚିଠିରେ ଦର୍ଶାଇଛନ୍ତି ଯେ ଫସଲ ଅମଳକ୍ଷମ ବା ବଡ଼ ହେବା ପର୍ଯ୍ୟନ୍ତ ଏହାକୁ ବାଡ଼ ଘେରାଇ ରଖାଯିବ। ଏହାପରେ ସେଗୁଡ଼ିକୁ ଧୀରେ ଧୀରେ ହାତୀ ଏବଂ ଅନ୍ୟ ତୃଣଭୋଜୀ ପ୍ରାଣୀମାନଙ୍କ ପାଇଁ ଉପଲବ୍ଧ କରାଯିବ। ବନ୍ୟପ୍ରାଣୀ ପରିଚାଳନାର ଏକ ଅଂଶ ଭାବରେ ଚାରା ଏବଂ ଫଳ ଉତ୍ପାଦନକାରୀ ଉଦ୍ଭିଦ ସହିତ ଘାସ ବିକାଶ, ମାଟି ଏବଂ ଆର୍ଦ୍ରତା ସଂରକ୍ଷଣ ଏବଂ ଜଳାଶୟ ସୃଷ୍ଟି ଭଳି ପଦକ୍ଷେପମାନ ପୂର୍ବରୁ କାର୍ଯ୍ୟକାରୀ ହୋଇ ଆସୁଛି। ଏବେ ହାତୀଙ୍କ ପାଇଁ ଖାଦ୍ୟ ଉପଲବ୍ଧିକୁ ବଢ଼ାଇବା ଲକ୍ଷ୍ୟ ସହ ଜନବସତିକୁ ହାତୀଙ୍କ ପ୍ରବେଶ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ଫଳପ୍ରଦ ହେବ ବୋଲି ବନ ବିଭାଗ ଆଶା ରଖିଛି। ତେଣୁ ରାଜ୍ୟ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଫସଲ ଯଥା ଧାନ, ମକ୍କା, ଜଅ ଏବଂ ସ୍ଥାନୀୟ ଘାସ ଭଳି ଶସ୍ୟ ଫସଲ ଚାଷ ଉପରେ ଏଥର ଗୁରୁତ୍ୱ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

ସାଧାରଣତଃ ଗୋଟିଏ ହାତୀ ଦିନକୁ ପ୍ରାୟ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦ରୁ ୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ଏହି ପରିମାଣରେ ଖାଦ୍ୟ ମିଳିଲେ ହିଁ ହାତୀର ପେଟ ପୂରିଥାଏ। ଓଡ଼ିଶାରେ ଏବେ ୨୧୦୦ ହାତୀ ଥିବା ରହିଛନ୍ତି। ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ଅଧିକ ରହିଛି। ରାଜ୍ୟରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେବା ସହ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀଙ୍କ ପେଟ ପୂରୁ ନାହିଁ। ଫଳରେ ସେମାନେ ଜନବସତି ମୁହାଁ ହେଉଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

ଭୁବନେଶ୍ୱର, ୧୫।୯ (ସମିସ): ବିଶିଷ୍ଟ କଥାକାର ତଥା କବି ଦେବଦାସ ଛୋଟରାୟଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଟାଇମପାସ୍ ପ୍ରକାଶନୀ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ତାଙ୍କ ଗଳ୍ପସଂକଳନ 'ମ୍ୟାଟିନି ସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଶ୍ରେଷ୍ଠ ସାହିତ୍ୟକୃତି ପାଇଁ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ



ଦେବଦାସ ଛୋଟରାୟ | ବଳଦେବ ମହାରଥୀ | ଗୁରୁ ରାମହରି ଦାସ

ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଆୟୋଜିତ ହେବାକୁ ଥିବା ଏକ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଅଢ଼େଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

ପ୍ରାଥମିକ ପୁସ୍ତକ ଚୟନମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ର ମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ପ୍ରମୁଖ ବିଚାରକ ଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର। ସେହିପରି ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ।

ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'।

### ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'







# ସିଏମ୍‌ସି ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



**କଟକ, ୧୫।୯ (ସମିସ):** ସହରରେ ପରିମଳ ବ୍ୟବସ୍ଥି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ପାର୍ବଣରେ ସ୍ଥିତି ସଙ୍ଗୀନ୍ ହେବାର ଆଶଙ୍କା ଦେଖାଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେବା ସିଏମ୍‌ସି ପାଇଁ ବଡ ଆହ୍ୱାନ ପାଲଟିଛନ୍ତି। ଏପରି ସ୍ଥଳେ ସହରର ବର୍ଜ୍ୟ ପରିଚ୍ଳାନା ନିମନ୍ତେ ସମାଧାର ରାସ୍ତା ଯଥାଶୀଘ୍ର କାଢିବାକୁ ସହରବାସୀ ଦାବି ଜଣାଇଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ସୋମବାର ସହିଦ୍ ଭବନରେ ନିଗମ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ବୈଠକରେ ଜିଲା ପ୍ରଶାସନ, ପୋଲିସ, ମହାନଗର ନିଗମ ଶାନ୍ତି କମିଟି କଟକ ପୂଜା କମିଟି ଏବଂ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇ ଥିଲେ। ଚଳିତବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ପୂଜା ସମୟରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ଦୈନନ୍ଦିନ ସଫେଇ ଏବଂ ପରିମଳ ବ୍ୟବସ୍ଥା ସୁଧାରିବା, ବିଦ୍ୟୁତ୍ କାଟ ନକରିବା, ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଉପରେ ଆଲୋଚନା କରାଯାଇଥିଲା। ପୂଜା ମଣ୍ଡପରେ ବିଦ୍ୟୁତ୍ କରଣ ଏବଂ ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ଯେପରି କୌଣସି ସମସ୍ୟା ସୃଷ୍ଟି ନହେବ ବିଦ୍ୟୁତ୍ ବିଭାଗ ପଦକ୍ଷେପ ନେବା ପୂଜା କମିଟି ସଦସ୍ୟମାନେ ଦାବି କରିଥିଲେ। ସିଏମସି କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ମହାନଗର ପୂଜାକମିଟି ସଭାପତି ପ୍ରଭାତ ତ୍ରିପାଠୀ, ଜିଲା ବିଜେଡି ସଭାପତି ପ୍ରଫୁଲ

**ପରିମଳ ଉପରେ ଗୁରୁତ୍ୱ**

ସିଂହ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ମୋନାଲିଶା ଦାସ ଦିପ୍ତିମୟୀ ମୁଳିଆ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଚରଣ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଶିବ ସାହୁ, ଡ୍ୟ ଡ଼.ରବି ରଞ୍ଜନ ସାହୁ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳି, ଆଞ୍ଚଳିକ ପୂଜା କମିଟି ସଭାପତି ନିମାଇ ଚରଣ ଲେଙ୍କା, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, କର୍ପୋରେଟର ଗଗନ ଓଝା, ସୁମିତ୍ରା ବସ୍ତିଆ, ବନଲତା ପ୍ରଧାନ, ଆସିଷ୍ଟାଣ୍ଟ କମିଶନର ତ୍ରିଶୂଳ ମାରାଣ୍ଡି, ତ୍ରିନାଥ ବେହେରା, ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅରୁଣ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅଜନ୍ତା କଳା ମିଶ୍ର ପାଇଲେ 'ଗୁରୁ ଶିକ୍ଷା ସମ୍ମାନ'



**କଟକ, ୧୫।୯ (ସମିସ):** ଶାରଳା ଭବନଠାରେ ଉମ୍ବରୁଧର ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ବାପା ମହୋତ୍ସବରେ କଟକ ଓ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଅଜନ୍ତା କଳା ମିଶ୍ରଙ୍କୁ ବେଷ୍ଟ ମେଣ୍ଟର ଭାବରେ ଗୁରୁଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ତୃଷ୍ଣା ତୃପ୍ତିକା ମହାନ୍ତି, ସୁଶ୍ରୀ ଶିବାନୀ ମହାପାତ୍ର, ସରିତ୍ ସପନ ଜେନା, ସୋନାଲିସା ସ୍ୱାଇଁ, ସୁନିତା ସେଜପାଦା, ଶୁଭଶ୍ରୀ ବେହେରାଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର ଜେନା ଓ ଇଂ ପ୍ରଭାକର ସ୍ୱାଇଁ ଯୋଗଦେଇ ସେମାନଙ୍କୁ ଉପଢ଼ୌକନ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି, ସ୍ନିଗ୍ଧା ମହାନ୍ତି, ଇଂ ସମ୍ୟକ ମହାନ୍ତି, ସାମର୍ଥ ମହାନ୍ତି, ଆୟେଶା ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଷୋଡ଼ଶ ଉପଚାର ପୂଜା


କଟକ ଚଣ୍ଡୀଙ୍କ ସୁନାବେଶ


ଗଡ଼ଚଣ୍ଡୀଙ୍କ ସୁନାବେଶ


ଝାଞ୍ଜିରୀମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ


ଧାକୁଲେଇଙ୍କ ଷୋଡଶୀ ବେଶ


ବାସନ୍ତୀ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ

### କ୍ରିପ୍ଟୋ କରେନ୍ସି ଆଳରେ ଠକେଇ

# ୩ ସାଇବର ଲୁଟେରା ଗିରଫ

**କଟକ, ୧୫।୯ (ସମିସ)**

ସାଇବର ଥାନା ପୁଲିସ ୩ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି। ଟେଲିଗ୍ରାମ ଗ୍ରୁପରେ ଯୋଡି ଜଣେ ବ୍ୟକ୍ତିଙ୍କ ପ୍ରାୟ ୧୪ ଲକ୍ଷ ଟଙ୍କା ଠକିନେବା ଘଟଣାରେ କଟକ ସାଇବର ଥାନା ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋସ ବସ୍ତୀର ପ୍ରତୀକ ଓରଫ ସିଦ୍ଧାର୍ଥ ଚୌରାସିଆ(୨୧)। ଆଜି ସମସ୍ତଙ୍କୁ କଟକ ଆଣି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ପୂର୍ବରୁ ରାଉରକେଲାରେ ରହୁଥିବା ଝାରସୁଗୁଡା ବେଲପାହାଡର ଇଞ୍ଜିନିୟରିଂ ଛାତ୍ର ଅନୁରାଗ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା।

ପୁଲିସ ସୂଚନା ଅନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ଗତ ମେ' ମାସରେ ସୋସିଆଲ ମିଡିଆରେ ଏକ ଅନଲାଇନ ରୋଜଗାର ସମ୍ପର୍କିତ ବିଜ୍ଞାପନ ଦେଖିଥିଲେ। ଏଥିରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ କରିବାରୁ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପରେ ଯୋଡି ଦିଆଯାଇଥିଲା। ସେଠାରେ ତାଙ୍କୁ କ୍ରିପ୍ଟୋ କରେନ୍ସିରେ ନିବେଶ କରିବାକୁ କୁହାଯାଇଥିଲା। ନିବେଶ ଅର୍ଥର ୨ ଗୁଣା ମିଳିବ ବୋଲି ପ୍ରତିଶ୍ରୁତି ମିଳିବାରୁ ସେ ପର୍ଯ୍ୟାୟକ୍ରମେ ୧୩ ଲକ୍ଷ ୭୨ ହଜାର ୭୦ ଟଙ୍କା ନିବେଶ କରିଦେଇଥିଲେ। ମାତ୍ର କିଛି ଦିନ ପରେ ଟଙ୍କା ଉଠାଣ ସମ୍ଭବ ହୋଇନଥିଲା। ତେଣୁ ସେ ଠକେଇର ଶିକାର ହୋଇଥିବା ଜାଣି ଗତ ଜୁଲାଇ ୬ ତାରିଖରେ ଏତଲା ଦାୟର କରିଥିଲେ। ପୁଲିସ ମାମଲା ରୁଜୁ କରି ବିଭିନ୍ନ ବୈଷୟିକ ତଥ୍ୟ ଆଣିବା ପରେ ଚଳିତ ମାସ ୬ ତାରିଖରେ ରାଉରକେଲାରେ ଚଢଉ କରି ପ୍ରଥମେ ଇଞ୍ଜିନିୟରିଂ ଛାତ୍ର ଅନୁରାଗକୁ ଗିରଫ କରିଥିଲା। ତେବେ ଅନୁରାଗ ସହିତ ଆଉ କିଛି ଯୁବକ ଏହି ଠକେଇରେ ସାମିଲ ଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ମାତ୍ର ସେମାନଙ୍କର ଫୋନ ବନ୍ଦ ଥିବାରୁ ଗିରଫ କରିବା ସମ୍ଭବ ହୋଇନଥିଲା। ତେଣୁ ଗୋଟିଏ ସପ୍ତାହ ପରେ ପୁଣି ଏକ ପାଲିସ ଟିମ ରାଉରକେଲାରେ ଡେରା ପକାଇଥିଲା।

- **ଆଧାର କାର୍ଡ, ଫୋନ, ଚେକ୍‌ବୁକ, ପାସବୁକ ଜବତ**
- **୨ ଲକ୍ଷ ଟଙ୍କା ଥିବା ୩୯ଟି ବ୍ୟାଙ୍କ ଖାତା ଅଚଳ**

ସ୍ଥାନୀୟ ଥାନାର ସହଯୋଗରେ ରବିବାର ପୁଲିସ ଟିମ ଉପରୋକ୍ତ ୩ ଜଣ ଯୁବକଙ୍କୁ ଗିରଫ କରି କଟକ ଆଣିଛି। ଅଭିଯୁକ୍ତମାନେ ବିଭିନ୍ନ ମୋବାଇଲ ଓ ୟୁପିଆଇ ପ୍ରଦାନକାରୀ ସଂସ୍ଥାରେ କାମ କରୁଥିଲେ। ଏମାନେ ମିଳିମିଶି ସାଇବର ଠକେଇ ର୍‌ୟାକେଟ୍‌ରେ ସାମିଲ ହୋଇ ମୋଟା ଅଙ୍କର ଅର୍ଥ ରୋଜଗାର କରିଛନ୍ତି। ଗିରଫ ହୋଇଥିବା ଅବିନାଶ ଏକ ପ୍ରତିଷ୍ଠିତ ମୋବାଇଲ ୱାଲେଟ କମ୍ପାନୀର କର୍ମଚାରୀ ଭାବେ ବିଭିନ୍ନ ଦୋକାନରେ ୟୁପିଆଇ ସ୍କାନର ଲଗାଇବା କାମ କରୁଥିଲା। ଏହି ସୁଯୋଗରେ ସେ ସ୍ଥାନୀୟ ଅଞ୍ଚଳରେ ନିରୀହ ଲୋକଙ୍କ ଠାରୁ ବ୍ୟାଙ୍କ ଖାତା ସଂଗ୍ରହ କରୁଥିଲା। ନିଜ ନାଁରେ ମଧ୍ୟ କିଛି ଜାଲ ବ୍ୟାଙ୍କ ଖାତା ଖୋଲି ସାଇବର ଠକଙ୍କ ପାଖକୁ ପଠାଇଛି। ପ୍ରତି ଖାତାରେ ଦେଣନେଣ ଅନୁସାରେ ସେ କମିଶନ ବାବଦ ଟଙ୍କା ପାଉଥିଲା। ସେହିପରି ଅଭିଯୁକ୍ତ ଗିରଫ ଜଗନ ଦୁଇଟି ମୋବାଇଲ କମ୍ପାନୀ ପାଇଁ କାମ କରୁଥିଲା। କମ୍ପାନୀ ପକ୍ଷରୁ ପେମେଣ୍ଟ ବ୍ୟାଙ୍କ ଖାତା ଖୋଲିବା ତାର କାମ ଥିଲା। ହେଲେ ସେ ପ୍ରି ଆକ୍ଟିଭେଟେଡ ସିମ ଅର୍ଥାତ ଅନ୍ୟ ଲୋକ ନାଁରେ ଜାଲିଆତି କରି ଆକ୍ଟିଭ ହୋଇଥିବା ସିମ, ଗରିବ ଲୋକଙ୍କୁ ଲୋଭ ଦେଖାଇ ସେମାନଙ୍କ ବ୍ୟାଙ୍କ ଖାତା ଓ ତାଙ୍କର ଏଟିଏମ କାର୍ଡ ଏବଂ ଚେକ ବହି ଯୋଗାଡ କରୁଥିଲା। ପରେ ସେଗୁଡିକୁ କୋରିଅର ଯୋଗେ ମୁମ୍ବାଇ, ଦିଲ୍ଲୀ, ଗୁଜୁରାଟ ଓ ରାଜସ୍ଥାନରେ ଥିବା ସାଇବର ଠକଙ୍କ ପାଖକୁ ପଠାଇ ଦେଉଥିଲା। ଅନ୍ୟତମ ଅଭିଯୁକ୍ତ ପ୍ରତୀକ ଏକ ପ୍ରତିଷ୍ଠିତ ମୋବାଇଲ କମ୍ପାନିରେ ରହି ସିମ ବିକ୍ରି କରୁଥିଲା। ଆଉ ଲୋକଙ୍କୁ ଭୁଲ ତଥ୍ୟ ଦେଇ ସେମାନଙ୍କ ନାଁରେ ଜାଲ ମୋବାଇଲ ସିମ ତିଆରି କରି ଅବିନାଶ ଓ ଜଗନକୁ ପ୍ରଦାନ କରୁଥିଲା। ଗତ କିଛି ମାସ ହେବ ରାଉରକେଲାର ଏହି ଯୁବକମାନେ ସାଇବର ଠକେଇରେ ଲିପ୍ତ ରହିଥିଲେ। ଗିରଫଦାରୀ ସମୟରେ ଅଭିଯୁକ୍ତଙ୍କ ପାଖରୁ ୩ଟି ଆଧାର କାର୍ଡ, ୬ଟି ଫୋନ, ୩ଟି ଚେକ ବହି ଓ ୧୦ଟି ବ୍ୟାଙ୍କ ପାସବୁକ ଆଦି ଜବତ ହୋଇଛି। ସେମାନଙ୍କ ୩୯ଟି ବ୍ୟାଙ୍କ ଖାତାକୁ ଅଚଳ କରାଯାଇଛି। ଯେଉଁଥିରେ ୨ଲକ୍ଷ ଟଙ୍କା ରହିଛି। ଠକେଇରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦିଆଯାଇଛି।

# ଅଳିଆ ଉଠିବା ବାଟ ଫିଟିଲା

**କଟକ, ୧୫।୯ (ସମିସ):** କଟକ ସହରରୁ ୭ ଦିନ ହେବ ଅଳିଆ ଉଠୁନଥିଲା। ଚକ୍ରଧରପୁର ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ସହରରେ ଅବସ୍ଥା ବେହାଲ ହୋଇ ପଡ଼ିଥିଲା। ଏହି ସମସ୍ୟାର ସମାଧାନ ହୋଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଲୋକଙ୍କର ସମସ୍ୟାକୁ ଦୂର କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାସ୍ତା ନିର୍ମାଣ, ଡମ୍ପିୟାର୍ଡ ଚାରିପାଖରେ ପାଚେରି ସହ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ବିଶୁଦ୍ଧ ପାନୀୟ ଜଳ ମଧ୍ୟ ଲୋକମାନେ ପାଇବେ। ଏଥିପାଇଁ ବର୍ଷେ ମଧ୍ୟରେ ଏକ କୋଟି ବ୍ୟୟରେ ସବୁ ସମସ୍ୟାର ସମାଧାନ କରାଯିବାକୁ ସ୍ଥିର ହୋଇଛି। ଯାହାଫଳରେ ମଙ୍ଗଳବାର ଠାରୁ ସହରରେ ଗଦା ହୋଇ ରହିଥିବା ଅଳିଆ ଚକ୍ରଧରପୁର ନିଆଯିବ। ଏହି ସମୟରେ ସିଏମସି, ଜିଲା ପ୍ରଶାସନ, ପୁଲିସ ସମେତ ଲୋକ ପ୍ରତିନିଧି ଯାଇ ସ୍ଥିତି ଅନୁଧ୍ୟାନ କରିବେ। ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର କିରଣଦୀପ କୌର ସହୋତା, ମେୟର ସୁବାସ ସିଂହ, ଡିସିପି ଋଷିକେଶ ଖିଲାରି ଦ୍ୟାନଦେଓ, ସ୍ଥାନୀୟ ଅଞ୍ଚଳ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

**ଚକ୍ରଧରପୁର ଅଞ୍ଚଳର ବିକାଶ ପ୍ରତିଶ୍ରୁତି**

### ଅଧାଗଡ଼ା କଟକ ଚଣ୍ଡୀ ମନ୍ଦିର

# ଷୋଳପୂଜା ବେଳେ ଦୁର୍ଦ୍ଦଶା; ଶ୍ରଦ୍ଧାଳୁ ହୀନସ୍ତା




**କଟକ, ୧୫।୯ (ସମିସ):** କଟକର ଆରାଧ୍ୟା ମା' କଟକ ଚଣ୍ଡୀଙ୍କ ପୀଠରେ ଷୋଡଶ ଉପଚାର ତଥା ଷୋଳପୂଜା ଚାଲିଛି। ଆଜି ଦ୍ୱିତୀୟ ଦିନରେ ମା' ସୁନାବେଶରେ ଦର୍ଶନ ଦେଇଥିଲେ। ତେବେ ସନ୍ଧ୍ୟା ସମୟର ନିର୍ଘାତ ବର୍ଷା ଯୋଗୁଁ ଶ୍ରଦ୍ଧାଳୁମାନେ ହୀନସ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଅଧାଗଡ଼ା ଏହି ମନ୍ଦିର ପରିସରରେ ବର୍ଷା ପାଣି ଲହଡି ମାରୁଥିଲା। ଅସ୍ଥାୟୀ ପାଲ ବନ୍ଧା ଯାଇଛି। ମାତ୍ର ଏଥିରେ ଶହଶହ ଶ୍ରଦ୍ଧାଳୁ ମୁଣ୍ଡ ଗୁଞ୍ଜିବା ସମ୍ଭବପର ନଥିଲା। ଯେଉଁଥିପାଇଁ ଆଜି ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁଙ୍କ ଭିତରେ ଅସନ୍ତୋଷ ଉପୁଜିଥିଲା। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶଯୋଗ୍ୟ, ୭୦ କୋଟି ଟଙ୍କା ବ୍ୟୟରେ ହେଉଥିବା କଟକ ଚଣ୍ଡୀ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ନିମନ୍ତେ ଓବିସିସିକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ କେମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ପୂର୍ବ ନିଷ୍ପତ୍ତି ମୁତାବକ ଆଗେଇ ପାରିନାହିଁ। ଷୋଳପୂଜା ହେତୁ ସେପ୍ଟେମ୍ବର ୧୦ ତାରିଖରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଛି। ପ୍ରାୟ ଏକମାସ ନିର୍ମାଣ ସ୍ଥଗିତ ରଖାଯିବ ବୋଲି ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ(ଓବିସିସି) ପକ୍ଷରୁ ସୂଚନା ଦିଆଯାଇଛି।

- **ମନ୍ଦିର ପରିସରରେ ବର୍ଷା ପାଣିର ଲହଡି**
- **ସନ୍ଧ୍ୟା ଦର୍ଶନ ସମୟରେ ଅସନ୍ତୋଷ**

# ଚୌଦ୍ୱାରରେ ବିଗୁଡୁଛି ଆଇନଶୃଙ୍ଖଳା: ପୁଲିସ ସାଜିଛି ନିରବଦ୍ରଷ୍ଟା

**କଟକ, ୧୫।୯ (ସମିସ):** ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା), କଟକ ଜିଲ୍ଲା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ବିରୋଧରେ ଅଭିଯୋଗ ଉଠିଛି। ଚୌଦ୍ୱାର ଅଞ୍ଚଳରେ ବ୍ୟାପକ ଚୋରି, ସିନ୍ଧିଚୋରି ଲୁଟ୍ ତରାଜ, ଖଣିଜ ପଥର, ମାଟି ଘେରି ଓ ଚୋରା ମଦ କାରବାର ବୃଦ୍ଧି ବିରୋଧରେ ମତପ୍ରକାଶ ପାଇଛି। ଗତ ୮/୯ ମାସ ମଧ୍ୟରେ ଚୌଦ୍ୱାର ଅଞ୍ଚଳରେ ବ୍ୟାପକ ଡେରି, ସିନ୍ଧିଚୌରି, ଲୁଟ୍ ତରାଜ, ଛିନତାଇ, ଖଣିଜ ପଥର, ମାଟି ଘେରି ଓ ଚୋରା ମଦ କାରବାର ୫ ଗୁଣ ବୃଦ୍ଧି ହୋଇଛି। ଚୌଦ୍ୱାର ଅଞ୍ଚଳରେ ଅଧିକାଂଶ ମନ୍ଦିର ମାନଙ୍କରୁ ସୁନା ଓ ରୂପା ଅଳଙ୍କାର ଚୋରି, ଦୋକାନଗୁଡ଼ିକର ଛାତ ଆଜବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି ବଢ଼ିଚାଲିଛି ବୋଲି ସୂଚନା ଅଧିକାର କର୍ମୀ ଅଭିଯୋଗ ଉଠାଇଛନ୍ତି। ଆଇଆଇସିଙ୍କୁ ଚୌଦ୍ୱାର ଥାନାରୁ ତୁରନ୍ତ ବଦଳି କରିବାକୁ ଆଜି ସାମ୍ବାଦିକ ସମ୍ମିଳନୀରେ ଓସା କଟକ ଜିଲ୍ଲା ଆବାହକ ଶ୍ରୀକାନ୍ତ ପାକଳ, ସୂଚନା ଅଧିକାର କର୍ମୀ ରଞ୍ଜିତ ମଲ୍ଲିକ ଓ ପ୍ରଭାନନ୍ଦ ସାହୁ ଦାବି କରିଛନ୍ତି।

# ବିପୁଳ ପରିମାଣର ତମାଖୁ ଜବତ

**କଟକ, ୧୫।୯ (ସମିସ):** ପୁଲିସର ପ୍ରହାର ଅଭିଯାନକ୍ରମେ ଆଜି ମାଲଗୋଦାମ ଥାନା ପକ୍ଷରୁ ଜୋରଦାର ଚଢଉ ହୋଇଛି। ଜୋନ ୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସିଏମସି ଓ ପୁଲିସ ଟିମ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳର ଏକାଧିକ ଦୋକାନରେ ଯାଞ୍ଚ କରିଥିଲେ। ଏହି ସମୟରେ ଶିଖରପୁର ତଳସାହି ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ନିକଟ ଏକ ଦୋକାନରୁ ଅଳ୍ପ ପରିମାଣର ଗଞ୍ଜେଇ ସହ ଗୁଟଖା, ସିଗାରେଟ ଭଳି ବହୁ ତମ୍ବାଖୁ ଜାତୀୟ ଦ୍ରବ୍ୟ ଜବତ ହୋଇଛି। ଏହି ଘଟଣାରେ ପୁଲିସ ନଦୀକୂଳ ସାହିର ଖଗେଶ୍ୱର ଖୁଣ୍ଟିଆ(୫୪)ଙ୍କ ଦୋକାନକୁ ସିଲ କରିଛି। ଏନେଇ ପୁଲିସ କୋଟପା ଆକ୍ଟ ୨୦୦୩ରେ ଏକ ମାମଲା ରୁଜୁ କରିବା ସହ ୨୦୦ ଟଙ୍କା ଜରିମାନା ଆଦାୟ କରିଛି। ଚଢଉରେ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଆସନ୍ତି ମା'

# ଦଶମୀରେ ହେବ ସିନ୍ଦୂର ଖେଳ

## ସାଆନ୍ତସାହି- ବଜ୍ରକବାଟୀ ପୂଜା କମିଟି


ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....



**କଟକ, ୧୫।୯ (ସମିସ)**

ସାଆନ୍ତସାହି ବଜ୍ରକବାଟୀ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ୨ଟି ଡିଜାଇନ ଏଲଇଡି ଲାଇଟ ଗେଟ୍ ନିର୍ମାଣ କରାଯିବ। ଏହି ଲାଇଟ ଗେଟ୍‌ର ଉଚ୍ଚତା ୨୨ଫୁଟ୍ ଓ ଚଉଡା ୪୦ଫୁଟ୍ ରହିବ। ଚଳିତବର୍ଷ ପୂଜା ବଜେଟ୍ ୧୮ ଲକ୍ଷ ଟଙ୍କା ରଖାଯାଇଛି। ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ କାଠଗଡ଼ା ସାହିର ବିଜୟ କୁମାର ମୁଦୁଲି ଓ ସାଥିମାନେ ଲାଗିଛନ୍ତି। ମା'ଙ୍କର ଜରି ମେଢ଼ ନିର୍ମାଣ ଚାଲିଛି। ବଙ୍ଗୀୟ ପରମ୍ପରାରେ ଏଠାରେ ପୂଜାର୍ଚ୍ଚନା କରାଯାଏ। ୧୯୬୦ ମସିହାରେ ସାଆନ୍ତ ସାହିରେ ଏକ ଚାଳ ଘରେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ପରେ ୧୯୯୫ ମସିହାରୁ ସାଆନ୍ତ ସାହି ବଜ୍ରକବାଟୀ ମୁଖ୍ୟରାସ୍ତାରେ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା କରାଯାଇ ଆସୁଅଛି। ମା'ଦୁର୍ଗାଙ୍କର ସୁନାର ଚିଗ ଓ ନୋଥ ରହିଛି। ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କର ୫୦ କେଜି ଓଜନର ଅଳଙ୍କାର ରହିଛି। ମହାଅଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା କରାଯାଇଥାଏ। ଦଶମୀରେ ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ୫ଶହ ଶ୍ରଦ୍ଧାଳୁଙ୍କ ପାଇ କମିଟି ପକ୍ଷରୁ ଦହି ପଖାଳ ଭୋଗ କରାଯାଇ ବଣ୍ଟାଯିବ। ଭସାଣୀରେ ସାଲେପୁରର ବ୍ୟାଣ୍ଡ ପାର୍ଟି, ପୁରୀର ଘଣ୍ଟବାଦ୍ୟ, ଢ଼େଙ୍କାନାଳ ସିଂହ ବାଜା ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଡିଜେମୁକ୍ତ ଭସାଣି



ଦଶହରା ପୂଜାରେ ସମୟରେ କମିଟି ପକ୍ଷରୁ ମା'ଙ୍କ ପାଖରେ ପୂଜା ପାଇ ବ୍ୟବହାର କରୁଥିବା ପଲିଥିନକୁ ବାରଣ କରାଯିବ। ଏହାସହ ଭସାଣିରେ କେବଳ ହାତ ବାଜାକୁ ଗୁରୁତ୍ୱ ଦିଆଯାଇ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବ।

-ସଞ୍ଜୟ କୁମାର ଘୋଷ, ସଭାପତି

### ସିନ୍ଦୂର ଖେଳ ସ୍ୱତନ୍ତ୍ର



ମା'ଙ୍କ ବିସର୍ଜନ ଦଶମୀ ଦିନ କରାଯାଏ। ଏକଦଶୀ ବା ଭସାଣୀ ଦିନ ମେଲାଣି ଦିଆ ଯାଇଥାଏ। ବିସର୍ଜନ ପରେ ଶହଶହ ମହିଳା ଏକାଠି ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେଇଥାନ୍ତି। ଏହି ପରମ୍ପରା ପ୍ରତ୍ୟେକ ବର୍ଷ ପାଳନ କରାଯାଇ ଆସୁଅଛି।

-ଦୟାନିଧୀ ରାଉତ, ସମ୍ପାଦକ


ସ୍ମୃତିରେ ...

ଗାନ୍ଧୀ ମଣିଷ

ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ

ତା: ୧୬.୦୯.୨୦୨୫ (ମଙ୍ଗଳବାର)


ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।

ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୃନ୍ଦ ଦେବ ମିଶ୍ର



ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସଦା ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ।

# ମୁସଲିମ୍ ବିବାହ ଓ ଛାଡ଼ପତ୍ର ପଞ୍ଜୀକରଣ ନିବନ୍ଧକ ଭାବେ କାର୍ଯ୍ୟ କରିପାରିବେନି ସରକାରୀ କର୍ମଚାରୀ

କଟକ, ୧୫।୯(ସମିସ): ସରକାରୀ ଚାକିରି କରି ମୁସଲିମ୍ ବିବାହ ଓ ଛାଡ଼ପତ୍ର ପଞ୍ଜୀକରଣର ନିବନ୍ଧକ ଭାବେ କାର୍ଯ୍ୟ କରିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ସରକାରୀ ସ୍କୁଲରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଶିକ୍ଷକ ଭାବେ ସେମାନଙ୍କର କର୍ତ୍ତବ୍ୟ ପାଳନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବ। ଏହି କାରଣ ଯୋଗୁଁ କେତେକ ସରକାରୀ ଶିକ୍ଷକମାନଙ୍କୁ ମୁସଲିମ ବିବାହ ଓ ଛାଡ଼ପତ୍ର ପଞ୍ଜୀକରଣର ନିବନ୍ଧକ ଭାବେ କାର୍ଯ୍ୟ କରିବା ପାଇଁ ସରକାରଙ୍କ ନିଷେଧାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିବା ସହ ଆବେଦନଗୁଡ଼ିକୁ ଖାରଜ କରିଛନ୍ତି।

### ୬ ଶିକ୍ଷକଙ୍କ ଆବେଦନ ହାଇକୋର୍ଟରେ ଖାରଜ

ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ମହମ୍ମଦ ଉସମାନ ଖାଁ ଓ ଅନ୍ୟ ୫ଜଣ ସରକାରୀ ଶିକ୍ଷକଙ୍କ ତରଫରୁ ରୁଜୁ ହୋଇଥିବା ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପାଦ। ମୁସଲିମ ସମ୍ପ୍ରଦାୟର ହଜାର ହଜାର ବେକାର ବ୍ୟକ୍ତିଙ୍କୁ ଉପରୋକ୍ତ ଭୂମିକା ଗ୍ରହଣ କରିବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ବୋଲି ହାଇକୋର୍ଟ ପରାମର୍ଶ ଦେଇଛନ୍ତି।

■ ଆୟୁର୍ବେଦିକ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ଅବମାନନା

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ, ୧୫।୯(ସମିସ): ଆୟୁର୍ବେଦିକ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ଅବମାନନା ଅଭିଯୋଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ପ୍ରତିପକ୍ଷ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଡା. ଲୋପାମୁଦ୍ରା ନନ୍ଦ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍.ଏସ୍.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୧୧୦ଟି ଆୟୁର୍ବେଦିକ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରସଙ୍ଗରେ ଆବେଦନକାରୀମାନଙ୍କ ଦାବି ପୁନର୍ବିଚାର କରିବାକୁ ମୂଳ ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ୧୭.୧୧.୨୦୨୪ ରେ ମାମଲା ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରଖାଯାଇଥିଲା। ୨୦୨୫ ଜାନୁଆରି ୪ରେ ଏ ସଂକ୍ରାନ୍ତରେ ଆବେଦନକାରୀମାନେ ସ୍ୱାସ୍ଥ୍ୟ ସଚିବଙ୍କୁ ୨୦୨୫ ଜାନୁଆରି ୪ରେ ଅବଗତ କରିବା ସହ ୨୨ଟି ପଦବୀକୁ ରାୟ ଆସିବା ଯାଏଁ ଖାଲି ରଖିବାକୁ ନିବେଦନ କରିଥିଲେ। ୨୦୨୫ ଜାନୁଆରି ୨୭ରେ ରାୟ ପ୍ରକାଶ କରାଯାଇଥିଲା। ହେଲେ, ରାୟ ଆସିବା ପୂର୍ବରୁ ୧୧୦ ଜଣ ଏମ୍.ଓ (ଆୟୁର୍ବେଦ) ପଦବୀରେ ନିଯୁକ୍ତି ପାଇଁ କାଉନସେଲିଂ ପାଇଁ ପ୍ରାର୍ଥୀଙ୍କୁ ଡକାଯାଇଥିଲା। ହାଇକୋର୍ଟଙ୍କ ରାୟ ଆସିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଏତାଦୃଶନିଷ୍ପତ୍ତିଅଦାଲତଙ୍କଆଦେଶରଅବମାନନାଦର୍ଶାଇ୨୨ଜଣଆବେଦନକାରୀପୁଣିହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର୨୭କୁ ଧାର୍ଯ୍ୟ କରାଯାଇଛି।

# ଓପିଏସ୍‌ସି କ୍ୟାଡର୍ ପୁନର୍ଗଠନ କର: ହାଇକୋର୍ଟ

କଟକ, ୧୫।୯ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ରେ କ୍ୟାଡର୍ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଆଜି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଆଲୋକ ଚନ୍ଦ୍ର ମିଶ୍ର ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଦାବିକୁ ବିଚାରକୁ ନେଇ ସଚିବାଳୟ ଭଳି ସମାନ ପଦ୍ଧତିରେ ଏବଂ ସମାନ ଭାବେ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସ୍ଥିର କରି ଉପଯୁକ୍ତ ସମୟ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ କରିବାକୁ କହିଛନ୍ତି ଅଦାଲତ।

ଆବେଦନକାରୀମାନେ ଓପିଏସ୍‌ସିରେ କନିଷ୍ଠ ସହାୟକ ଭାବେ ପ୍ରାରମ୍ଭିକ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ। ପରେ ସେମାନଙ୍କ ଚାକିରି ନିୟମିତୀକରଣ ସହ ବରିଷ୍ଠ ସହାୟକ ପଦକୁ ପଦୋନ୍ନତି ମିଳିଥିଲା। ପରବର୍ତ୍ତୀ ସମୟରେ ସଚିବାଳୟରେ ଏଏସ୍‌ଓ କ୍ୟାଡର୍‌ରେ ଜୁନିଅର ଆସିଷ୍ଟାଣ୍ଟ ଏବଂ ସିନିୟର ଆସିଷ୍ଟାଣ୍ଟ କ୍ୟାଡର୍‌କୁ ମିଶ୍ରଣ କରିଥିଲେ। ନିୟମାବଳୀ ଅନୁଯାୟୀ, କମିସନର ସମସ୍ତ କର୍ମଚାରୀଙ୍କୁ ସଚିବାଳୟର କର୍ମଚାରୀଙ୍କ ସହ ସମାନ ଭାବରେ ବ୍ୟବହାର କରାଯିବା ଉଚିତ। ତେଣୁ, ସମାନ କ୍ୟାଡର୍ ଦାବି କରାଯାଇ ଆସୁଥିଲେ ସୁଦ୍ଧା ସରକାର ଏହାକୁ ଏକାଧିକ ଥର ପ୍ରତ୍ୟାଖ୍ୟାନ କରିଥିଲେ। ଆବେଦନକାରୀ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ ଓପିଏସ୍‌ସି ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା। ଏଣୁ ପ୍ରତିପକ୍ଷ ନଂ.୨ ରାଜ୍ୟ ସରକାରଙ୍କ କୌଣସି ଅନୁମୋଦନ ଆବଶ୍ୟକ କରେ ନାହିଁ। ତେଣୁ, ଏହି କ୍ୟାଡର୍ ସୃଷ୍ଟି କରିବାରେ ଅସୁବିଧା ନଥିବା ଆବେଦନକାରୀଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ଅଦାଲତ ସମସ୍ତ ବିଷୟକୁ ତର୍ଜମା କରି ଓପିଏସସି କ୍ୟାଡର ପୁନର୍ଗଠନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ସମନ୍ୱିତ ଗୃହ ଓ ବସ୍ତି ବିକାଶ ଯୋଜନାରେ ସୁବିଧା ନ ମିଳିବା ପ୍ରସଙ୍ଗ

# ହାଜର ପାଇଁ ବିଏମ୍‌ସି କମିସନରଙ୍କୁ ନିର୍ଦ୍ଦେଶ

କଟକ, ୧୫।୯(ସମିସ): ଭୁବନେଶ୍ୱର ଶାନ୍ତିପାଲି ବସ୍ତିରେ ବସ୍ତିବାସିନ୍ଦାଙ୍କ ଭୂମି ଅଧିକାର ଆଇନ -୨୦୧୭ ଏବଂ ଏହା ଅଧୀନରେ ସମନ୍ୱିତ ଗୃହ ଏବଂ ବସ୍ତି ବିକାଶ କାର୍ଯ୍ୟକ୍ରମରେ ସୁବିଧା ପ୍ରଦାନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) କମିସନର ହାଜର ହେବା ପାଇଁ ଆଜି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କ୍ଷେତ୍ରବାସୀ ବେହେରା ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି। ଏଥିସହ ସ୍ଥିତାବସ୍ଥା ଜାରି ପାଇଁ ହାଇକୋର୍ଟଙ୍କ ଗତ ୨୦୨୩ ଅଗଷ୍ଟ ୭ର ଅନ୍ତରୀଣ ଆଦେଶକୁ ବଳବତ୍ତର ରଖିଛନ୍ତି ଅଦାଲତ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଓଡ଼ିଶା ବସ୍ତି ବାସିନ୍ଦାଙ୍କ ପାଇଁ ଭୂମ ଅଧିକାର ଆଇନ-୨୦୧୭ ଏବଂ ଏହା ଅଧୀନରେ ପ୍ରଣୀତ ନିୟମ ଅନୁଯାୟୀ ଉକ୍ତ ବସ୍ତିରେ ସମନ୍ୱିତ ଗୃହ ଏବଂ ବସ୍ତି ବିକାଶ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇନଥିଲା। ଏପରିକି, ବିଏମସି ପକ୍ଷରୁ ଉଚ୍ଛେଦ ପାଇଁ ମାଇକ୍ ଘୋଷଣା କରାଯାଇଥିଲା। ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ନବଜାତକକୁ ନେଇଗଲେ ସ୍ୱାସ୍ଥ୍ୟକର୍ମୀ

ମାଲକାନଗିରି, ୧୫।୯(ସମିସ): ଚିକିତ୍ସା ପାଇଁ ନବଜାତକକୁ ନେଇ ଆଉ ଫେରାଇଲେନି ସ୍ୱାସ୍ଥ୍ୟକର୍ମୀ। ଏ ସମ୍ପର୍କରେ ପଚାରଉଚରା କରିବାରୁ ଛୁଆ ମରିଯାଇଛି ବୋଲି କହି ଘଉଡ଼ାଇ ଦେଲେ। ଏପରିକି, ପରିବାରଲୋକଙ୍କୁ ଧମକଚମକ ଦେବା ସହ ମା'କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଲେ। ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ବିରୋଧରେ ଆଜି ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ମାଥିଲି ବ୍ଲକ୍ ଅନ୍ତର୍ଗତ କମାରପାଲ୍ଲୀ ଗ୍ରାମର ଲଚ୍ଛୁ କବାସୀଙ୍କ ସ୍ତ୍ରୀ ଆଡମେ ସୋଡି ଗର୍ଭବତୀ ଥିଲେ। ପ୍ରସବ ବେଦନା ହେବାରୁ ପରିବାରଲୋକ ତାଙ୍କୁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଜୁଲାଇ ୧୮ ତାରିଖ ଅପରାହ୍ଣରେ ଆଡମେ ଏକ କନ୍ୟାସନ୍ତାନ



ପ୍ରସବ କରିଥିଲେ। ପ୍ରସବ ପରେ କିଛି ମହିଳା ସ୍ୱାସ୍ଥ୍ୟକର୍ମୀ ନବଜାତକକୁ ଚିକିତ୍ସା ଆଳରେ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ତା' ପରଠାରୁ ଆଉ ଶିଶୁ ସଂପର୍କରେ କେହି ଇଁ...ହୁଁ କରିନଥିଲେ। କିଛି ଦିନ ପରେ ଆଡମେ ସୁସ୍ଥ ହେବା ପରେ ଛୁଆ କୁଆଡ଼େ ଗଲା ବୋଲି ପଚାରିବାରୁ ଶିଶୁଟି ମରି ଯାଇଛି ବୋଲି ସ୍ୱାସ୍ଥ୍ୟକର୍ମୀ କହିଥିଲେ। ସେ ଶିଶୁର ମୃତଦେହ ମାଗିବାରୁ ତାଙ୍କୁ ଧମକଚମକ ଦେଇ ମେଡିକାଲରୁ ଡିସ୍‌ଚାର୍ଜ କରିଦେଇଥିଲେ। ଘଟଣାର ଦୁଇ ମାସ ପରେ ଏନେଇ ପରିବାର ଲୋକେ ଆଜି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଘଟଣାର ତଦନ୍ତ ପାଇଁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତେବେ ଘଟଣା ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ବ୍ରଜକିଶୋର ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ଘଟଣା। ପରିବାରଲୋକେ ଏନେଇ ଯଦି ଲିଖିତ ଅଭିଯୋଗ କରିଛନ୍ତି, ନିଶ୍ଚିତ ଭାବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବୁ।

# ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ

କଟକ,୧୫।୯(ସମିସ): ଆୟୁର୍ବେଦିକ ମେଡିକାଲ ଅଫିସର ନିଯୁକ୍ତି ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ଅବମାନନା ଅଭିଯୋଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ପ୍ରତିପକ୍ଷ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଡା. ଲୋପାମୁଦ୍ରା ନନ୍ଦ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍.ଏସ୍.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧୧୦ଟି ଆୟୁର୍ବେଦିକ ମେଡିକାଲ ଅଫିସର ନିଯୁକ୍ତି ପ୍ରସଙ୍ଗରେ ଆବେଦନକାରୀମାନଙ୍କ ଦାବି ପୁନର୍ବିଚାର କରିବାକୁ ମୂଳ ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୫ ଜାନୁଆରି ୪ରେ ଏ ସଂକ୍ରାନ୍ତରେ ଆବେଦନକାରୀମାନେ ସ୍ୱାସ୍ଥ୍ୟ ସଚିବଙ୍କୁ ୨୦୨୫ ଜାନୁଆରି ୪ରେ ଅବଗତ କରିବା ସହ ୨୨ଟି ପଦବୀକୁ ରାୟ ଆସିବା ଯାଏଁ ଖାଲି ରଖିବାକୁ ନିବେଦନ କରିଥିଲେ। ୨୦୨୫ ଜାନୁଆରି ୨୭ରେ ରାୟ ପ୍ରକାଶ କରାଯାଇଥିଲା। ହେଲେ, ରାୟ ଆସିବା ପୂର୍ବରୁ ୧୧୦ ଜଣ ଏମ୍.ଓ (ଆୟୁର୍ବେଦ) ପଦବୀରେ ନିଯୁକ୍ତି ପାଇଁ କାଉନସେଲିଂ ପାଇଁ ପ୍ରାର୍ଥୀଙ୍କୁ ଡକାଯାଇଥିଲା। ହାଇକୋର୍ଟଙ୍କ ରାୟ ଆସିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଏତାଦୃଶ ନିଷ୍ପତ୍ତି ଅଦାଲତଙ୍କ ଆଦେଶର ଅବମାନନା ଦର୍ଶାଇ ୨୨ଜଣ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କୁଚିଣ୍ଡା ତହସିଲଦାର ନିଲମ୍ବିତ

ସମ୍ବଲପୁର/କୁଚିଣ୍ଡା, ୧୫।୯(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ତହସିଲଦାର ମିତାଲି ମଧୁସ୍ମିତା ଦଳେଇଙ୍କୁ ରାଜ୍ୟ ରାଜସ୍ୱ ବିଭାଗ ଆଜି ଏକ ନିର୍ଦ୍ଦେଶନାମା ଜରିଆରେ ନିଲମ୍ବିତ କରିଛି। ଜମିଜମା ମାମଲାରେ ପକ୍ଷପାତିତା କରିଥିବା ନେଇ ଜଣେ ବ୍ୟକ୍ତି ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଆଜି ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାନୁଯାୟୀ, କୁଚିଣ୍ଡା ସହରର ୨୭ ସଦସ୍ୟ ବିଶିଷ୍ଟ ପରିବାରର ତଥ୍ୟ ଲୁଚେଇ ମାତ୍ର ୪ ଜଣ ବଞ୍ଚିଥିବା ଦର୍ଶାଇ କୁଚିଣ୍ଡା ତହସିଲଦାର ଓ କୁଚିଣ୍ଡା ଆର୍‌ଆଇ କୋଟିକୋଟି ଟଙ୍କାର ଜମି ଦେଇଦେବା ଭଳି ବେଆଇନ କାମ ବିରୋଧରେ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ମୂଳ ଜମି ସ୍ୱର୍ଗତ ଜଗଦୀଶ ଲାଲ ସେଠଙ୍କ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କ ଚାରିପୁଅଙ୍କ ମଧ୍ୟ ପରଲୋକ ହୋଇସାରିଛି। ତେବେ ତାଙ୍କ ଉତ୍ତରାଧିକାରୀଙ୍କ ମଧ୍ୟରୁ କେତେଜଣ ଷଡ଼ଯନ୍ତ୍ର କରୁଥିଲେ। ଏନେଇ ଜଗଦୀଶଙ୍କ ପୁଅ ସ୍ୱର୍ଗତ ମୁରାରୀଲାଲ ସେଠଙ୍କ ପୁଅ ରାଜେଶ ଅଗ୍ରୱାଲା ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ମାମଲାକୁ ତଦନ୍ତ କରିବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ବିଭାଗ ପକ୍ଷରୁ ଆଜି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ସମ୍ ଲାଇଫ୍‌ସାଇନ୍‌ସେସ୍‌ର ଶିଳାନ୍ୟାସ

ଭୁବନେଶ୍ୱର, ୧୫।୯ (ସମିସ): ସୁମା ରିୟଲ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପ୍ରସ୍ତାବିତ ଔଷଧ ପ୍ରସ୍ତୁତକାରୀ ଏବଂ ଗବେଷଣା କେନ୍ଦ୍ର ସମ୍ ଲାଇଫ୍ ସାଇନ୍‌ସେସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା ଶିଳ୍ପାଞ୍ଚଳଠାରେ ସ୍ଥାପିତ ହେବାକୁ ଯାଉଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସମ୍ ଲାଇଫ୍ ସାଇନ୍‌ସେସ୍ ପକ୍ଷରୁ ୨୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶରେ ଗୋଠପାଟଣାଠାରେ ଏହି ଫାର୍ମା ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପରେ ୧୨୮୦ଜଣକୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର



ଅନୁ ଗର୍ଗ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସହ ବିଭିନ୍ନ ଶିଳ୍ପ କ୍ଷେତ୍ରର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ମହାବିଦ୍ୟାଳୟ ପରିସରରେ ତଥା ଗୋଠପାଟଣାଠାରେ ସମ୍ ଲାଇଫ୍‌ସାଇନ୍‌ସେସ୍‌ର ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ନ୍ୟାୟପାଳିକା ବିରୋଧରେ ଫେସ୍‌ବୁକରେ ଅରୁଚିକର ମନ୍ତବ୍ୟ

# ଭଦ୍ରକ ଆଇନଜୀବୀଙ୍କ ଲାଇସେନ୍ସ ୨ବର୍ଷ ପାଇଁ ସସ୍‌ପେଣ୍ଡ

କଟକ,୧୫।୯(ସମିସ): ବିଚାର ବିଭାଗ ଅଧିକାରୀ ଓ ନ୍ୟାୟପାଳିକା ବିରୋଧରେ ଫେସବୁକ୍‌ରେ ଅରୁଚିକର ମନ୍ତବ୍ୟ ଦେବା ଭଦ୍ରକର ଜଣେ ଆଇନଜୀବୀଙ୍କ ପାଇଁ ମହଙ୍ଗା ପଡ଼ିଛି। ରାଜ୍ୟ ବାର୍ କାଉନସିଲ ଶୃଙ୍ଖଳାଗତ କମିଟି ତାଙ୍କ ଲାଇସେନ୍ସକୁ ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ସେ ହେଲେ, ଆଇନଜୀବୀ ହେମନ୍ତ କୁମାର ନାୟକ। ଏହି ୨ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନସିଲ ପକ୍ଷରୁ ଏକ ପ୍ରେସ୍‌ବିବୃତ୍ତିରେ କାଉନସିଲ୍‌ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜଣାଇଛନ୍ତି। ଓକିଲ ଶ୍ରୀ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ(ଚାଣକ୍ୟ) ନାମରେ ଫେସବୁକ୍ ଆକାଉଣ୍ଟ ଖୋଲି କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଦେଇ ଆସୁଥିଲେ। ଏ ସମ୍ପର୍କରେ ରାଜ୍ୟ ବାର୍ କାଉନସିଲ୍ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ ବାର୍ କାଉନସିଲ ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ତପନ ବିଶ୍ୱାଳ ଓ ଫଣୀଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ୩ଜଣିଆ କମିଟି ଏହାର ବିଚାର ପାଇଁ ଶ୍ରୀ ନାୟକଙ୍କୁ ବାରମ୍ବାର କାରଣ ଦର୍ଶାଅ ନୋଟିସ୍ ଦେଇଥିଲେ। ନୋଟିସ ପାଇବା ପରେ ଆହୁରି ଉତ୍‌କ୍ଷିପ୍ତ ହୋଇ ଆଇନଜୀବୀ ଶ୍ରୀ ନାୟକ ଫେସବୁକ ଆକାଉଣ୍ଟରେ ବାର୍ କାଉନସିଲର କ୍ଷମତା ସମ୍ପର୍କରେ ପ୍ରଶ୍ନ ଉଠାଇ ଶୃଙ୍ଖଳାଗତ କମିଟିରେ ହାଜର ହୋଇନଥିଲେ।

### ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିଷ୍ଠା ଦିବସ

# ଇଭିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୫।୯(ସମିସ): ସାମ୍ପ୍ରତିକ ସମୟରେ ରାଜ୍ୟର ଦ୍ରୁତ ଗତିରେ ବଢୁଥିବା ସହରଗୁଡ଼ିକରେ ନାଗରିକମାନଙ୍କୁ ବିଦ୍ୟୁତ୍ ଯାନ (ଇଭି)ର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ସୋମବାର ଭୁବନେଶ୍ୱରଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୨ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି ଯେ ରାଜଭବନର ସରକାରୀ କାରକେଡ୍‌କୁ ଇଭିରେ ରୂପାନ୍ତରିତ କରାଯାଇଛି। ଏହା ଅନ୍ୟମାନଙ୍କ ପାଇଁ ଅନୁସରଣ କରିବା ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି। ଏହାସହ ଘରେ ଘରେ ସୋଲାର୍ ସିଷ୍ଟମ ସ୍ଥାପନ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିବା ବେଳେ ଏହା କେବଳ ବିଦ୍ୟୁତ୍ ବିଲ୍ ହ୍ରାସ କରେ ନାହିଁ, ବରଂ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଏହାସହ ରାଜ୍ୟପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାୟୁ ଗୁଣବତ୍ତା ଉନ୍ନତି, ନଦୀ ପୁନରୁଦ୍ଧାର ଏବଂ ଶିଳ୍ପ ଏବଂ ଜଳାଶୟର ବାସ୍ତବ ଓ ସମୟ ଉପଯୋଗୀ ମନିଟରିଂ ଭଳି ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ବୋଧନ ଦେଇ କହିଲେ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ବିକାଶ ହାସଲ କରିବା ପାଇଁ ସାମୂହିକ ଦାୟିତ୍ୱ ଆବଶ୍ୟକ ରହିଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ।

### ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ

# ଇନ୍ଦିରା ଓ ନନ୍ଦିନୀଙ୍କୁ ମନେ ପକାଇଲା ଦଳ

ଭୁବନେଶ୍ୱର, ୧୫।୯ (ସମିସ): ଭାରତରେ ନାରୀଶକ୍ତିର ସବୁଠୁ ବଡ଼ ପ୍ରତୀକ ଇନ୍ଦିରା ଗାନ୍ଧୀଙ୍କ ରାଷ୍ଟ୍ରନିର୍ମାଣ କାର୍ଯ୍ୟକ୍ରମ ଦେଶରେ ନାରୀ ସଶକ୍ତୀକରଣର ସୂତ୍ରପାତ କରିଥିଲା। ୧୯୭୧ ଯୁଦ୍ଧରେ ପାକିସ୍ତାନଠାରୁ ବାଂଲାଦେଶକୁ ଅଲଗା କରିଦେଇଥିବା ଇନ୍ଦିରା ଗାନ୍ଧୀଙ୍କ ଲଢ଼େଇ ଓ ସଂଗଠନ ନିର୍ମାଣର ସଂକଳ୍ପ ଯୋଗୁଁ ମହିଳାମାନଙ୍କ ମଞ୍ଚମଣ୍ଡନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜନସଂଖ୍ୟାର ୫୦ପ୍ରତିଶତ ହେଉଛନ୍ତି ମହିଳା। ନାରୀନ୍ୟାୟ ପାଇଁ ଯଦି ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ୨୦ ହଜାର ମହିଳା ଘେରିବା ସାମର୍ଥ୍ୟ ରଖିବେ, ସେଦିନ ମହିଳା କଂଗ୍ରେସ ଗଠନର ପ୍ରକୃତ ଲକ୍ଷ୍ୟ




ସାଧିତ ହେବ। ସୋମବାର କଂଗ୍ରେସ ଭବନରେ ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସରେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି। ରାଜ୍ୟ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସମାବେଶରେ ଦଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସ୍ମୃତିଚାରଣ ହୋଇଥିଲା। ଶ୍ରୀମତୀ ବାହିନୀପତି କହିଲେ ଯେ ଆଜି ଆମ ମହିଳା କଂଗ୍ରେସର ଜନ୍ମ। ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଯୋଗୁଁ ଆଜି ଏଠି ଆମେ ମହିଳା କଂଗ୍ରେସ ଆନୁକୂଲ୍ୟରେ ସଭା କରିପାରୁଛୁ। ଯେତେବେଳେ ମହିଳା ଘରୁ ପଦାକୁ ବାହାରୁ ନ ଥିଲେ, ଏହି କଂଗ୍ରେସ ମହିଳାଙ୍କୁ ଲୋକସଭା, ରାଜ୍ୟସଭା ଓ ବିଧାନସଭା ପଠାଇଥିଲା। ମନ୍ତ୍ରୀପଦରେ ଅଳଙ୍କୃତ କରିଥିଲା। କଂଗ୍ରେସ ହିଁ କେବଳ ମହିଳାଙ୍କୁ ସମ୍ମାନ ଦେଇ ଜାଣେ। ଏହି ଅବସରରେ ସୁଶୀଳା ତିରିଆ ଓ ସରସ୍ୱତୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

# ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୫।୯ (ସମିସ): ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର.ଏସ୍ ଗୋପାଳନ ଏକ ବୈଠକ କରିଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବୈଠକରେ ସିଇଓ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ, ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର୍ ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା।

### ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

# ୫ ପ୍ରତିଭାଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'

**କଟକ,୧୫।୯(ସମିସ):** କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ 'ପୂଜ୍ୟପୂଜ୍ୟ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ତଥା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ପ୍ରଶାସିକା ତେଜସ୍ୱିନୀ ବେହେରା, ଅଲିମ୍ପିଆନ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନସ୍ୱରୂପ, ପ୍ରତ୍ୟେକଙ୍କୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ, ଉପଢ଼ୌକନ ଏବଂ ୨୫ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ, ଦେବଗଡ଼ର ଅଧ୍ୟକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜୀବନର ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।




ଧନେଶ୍ୱର ରଥ ଫାଉଣ୍ଡେସନ୍ ଅଧ୍ୟକ୍ଷ ଇଂ ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର,, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

यूनियन बैंक ऑफ इंडिया Union Bank of India ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।

ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।

**୧.** ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧୀନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।

**୨.** ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।


**୩.** ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନସ୍ପଦ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।

**୪.** ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।

- ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
- ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତ୍ତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
- ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
- ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୂରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।

ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

# ସମ୍ପାଦକୀୟ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ନାହିଁ। ଆପୋସ ବୁଝାମଣା ଦ୍ୱାରା ହିଁ ଏହା ସମ୍ଭବ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଅହଂକାରୀ ନେତାନ୍ୟାହୁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅନମନୀୟ ଆଚରଣ ଓ ଆତ୍ମଗର୍ବ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପ୍ରସଙ୍ଗ ଓ ବିବାଦ ଯାହାହେଉନା କାହିଁକି ଗାଜାପଟିରେ ଦୀର୍ଘ ଦୁଇବର୍ଷ ଧରି ଇସ୍ରାଏଲ ଯେଉଁ ଗଣହତ୍ୟା ଓ ଭୟଙ୍କର ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି, ତାହାକୁ ରୋକିବାରେ ବିଶ୍ୱ ଜନସମୁଦାୟର ବିବଶତା ସବୁଠାରୁ ଚିନ୍ତା ଓ ଉଦ୍‌ବେଗର କାରଣ। ଇସ୍ରାଏଲ ପ୍ରତି ଆମେରିକାର ଅତୁଟ ସମର୍ଥନ ନେତାନ୍ୟାହୁଙ୍କ ବିସ୍ତାରବାଦୀ ଆଭିମୁଖ୍ୟକୁ ବଳ ଦେଇ ଚାଲିଛି। ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଫ୍ରାନସ ଓ ସାଉଦୀଆରବ ପକ୍ଷରୁ ଇସ୍ରାଏଲ ଓ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ପାଇଁ ଆଗତ ପ୍ରସ୍ତାବ ସପକ୍ଷରେ ୧୪୨ ଭୋଟ ମିଳିଥିଲେ ମଧ୍ୟ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଜିଦ୍ ଭାଙ୍ଗିନାହିଁ। ପ୍ରସ୍ତାବ ବିପକ୍ଷରେ ଆମେରିକା, ଇସ୍ରାଏଲ, ହଙ୍ଗେରି ଓ ଆର୍ଜେଣ୍ଟିନାକୁ ବାଦ ଦେଲେ ସେଭଳି କୌଣସି ପ୍ରଭାବଶାଳୀ ରାଷ୍ଟ୍ରଙ୍କ ସମର୍ଥନ ନାହିଁ। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଭାରତ ନିଜର ଆଭିମୁଖ୍ୟ ବଦଳାଇ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଭାରତ ଚାହେଁ ବୋଲି ପରୋକ୍ଷରେ ବାର୍ତ୍ତା ଦେଇଛି।

ହମାସ ଆତଙ୍କବାଦୀ ଆଶ୍ରୟ ନେଇଥିବା ଆଳରେ କାତାରର ରାଜଧାନୀ ଦୋହା ଉପରେ ଇସ୍ରାଏଲର ବୋମାମାଡ଼ ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ନୂଆମୋଡ଼ ଆଣିଛି। ଆମେରିକାର ଅନ୍ୟତମ ନିକଟତମ ସହଯୋଗୀ ରାଷ୍ଟ୍ର କାତାର। ମଧ୍ୟପ୍ରାଚ୍ୟରେ ଆମେରିକାର ସବୁଠାରୁ ବୃହତ୍ ସାମରିକ କେନ୍ଦ୍ର ଓ ସେନାବାହିନୀ ସେଠାରେ ଥିବାରୁ ତାହାର ପ୍ରଭାବ ଓ ପତିଆରା ଅପେକ୍ଷାକୃତ ଅଧିକ। ଏହାସତ୍ତ୍ୱେ ଇସ୍ରାଏଲର ଆକ୍ରମଣ ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାରେ ଆମେରିକାର ଭୂମିକା ଯାହା ହେଉନା କାହିଁକି ଆରବ ରାଷ୍ଟ୍ରସମୂହ ଇସ୍ରାଏଲ ବିରୋଧୀ ମଞ୍ଚରେ ଏକଜୁଟ ହେବା ସହ ରଣନୀତି ପ୍ରସ୍ତୁତ କରୁଥିବାର ସୂଚନା ମିଳିଛି। ସିଆ-ସୁନି ବିବାଦ ଏବଂ ଆମେରିକା ବିରୋଧୀ ଆଭିମୁଖ୍ୟ ଦୃଷ୍ଟିରୁ ଇରାନ ଏକପ୍ରକାର ଏକଘରିକିଆ ହୋଇ ରହିଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଆରବରାଷ୍ଟ୍ର ତେହେରାନ ସହ ହାତ ମିଳାଇବାର ସୂଚନା ମିଳିଛି। କାତାର- ସାଉଦୀ ଆରବ ଓ ଇରାନ ମିଳିତ ସମରାଭ୍ୟାସ ସକାଶେ ଏକଜୁଟ ହେବା ପାଇଁ ଦୋହା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଏବେ ଆରବର ମୁସଲିମ ସମୁଦାୟକୁ ଐକ୍ୟବଦ୍ଧ ଭାବେ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏପରିକି ଆରବ ଏମିରେଟକୁ ଇସ୍ରାଏଲ ସହ କୂଟନୈତିକ ସଂପର୍କ ଛିନ୍ନ କରିବା ସକାଶେ କାତାର ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ମେଣ୍ଟକୁ ଇଜିପ୍ଟ ଓ ତୁର୍କୀ ମଧ୍ୟ ଖୋଲା ସମର୍ଥନ ଦେଉଥିବାର ଜଣାପଡ଼ିଛି। ମଧ୍ୟ-ପ୍ରାଚ୍ୟରେ ସୃଷ୍ଟି ହୋଇଥିବା ରୁଷ ଓ ଚୀନ ଯଦି ପକ୍ଷ ନିଅନ୍ତି ତେବେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର ହୋଇଯିବ।

ନେତାନ୍ୟାହୁ ଜାରି ରଖିଥିବା ଯୁଦ୍ଧ ଘନଘଟା ଆମେରିକାର ଅସ୍ତ୍ରଶସ୍ତ୍ର ଓ ବିପୁଳ ଅର୍ଥରାଶି ଉପରେ ନିର୍ଭରଶୀଳ। ଅଥଚ ଦୋହା ପ୍ରସଙ୍ଗରେ ଟ୍ରମ୍ପଙ୍କ ପ୍ରତିକ୍ରିୟା ନେଇ ନେତାନ୍ୟାହୁ ଯେଭଳି ରୋକଠୋକ ଶୁଣାଇଛନ୍ତି ତାହା କମ କଥା ନୁହେଁ। ଆରବରାଷ୍ଟ୍ର ସହ ନିବିଡ଼ ସମ୍ପର୍କ ସତ୍ତ୍ୱେ ଆମେରିକାର ଇସ୍ରାଏଲ ପ୍ରତି ଏତେ ଦୁର୍ବଳତା ଓ ବିବଶତା ପଛରେ 'ଫାଇଲ୍ ଇପଷ୍ଟିନ୍' କିମ୍ବା 'ମୋସାଦ୍' ମାଧ୍ୟମରେ ସଂଗୃହୀତ କିଛି ଗୋପନ ତଥ୍ୟ ଥିବା ମନେ ହୁଏ। ●

## ଭେଣ୍ଡିଆବୋଧ କେତେଦିନ?

ଫେରନ୍ତା ପଥରେ ମୌସୁମୀ। ତେବେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣଓଡ଼ିଶା ଉପକୂଳରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏହି ବର୍ଷା ଚାଷ ପାଇଁ ଅନୁକୂଳ। ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗୁଆ ଆଗମନ ପ୍ରାୟ ସାତଦିନ ପୂର୍ବରୁ ହୋଇଥିଲେ ମଧ୍ୟ କେରଳରୁ ଓଡ଼ିଶା ଆସିବାରେ ବାଟ ହୁଡ଼ିବାରୁ ଏବଂ ଅଗଷ୍ଟ ମାସରେ ଅପେକ୍ଷାକୃତ ଅଧିକ ବର୍ଷା ହେବାରୁ ଆମ ରାଜ୍ୟରେ ଖରିଫ ଚାଷ ଅପେକ୍ଷାକୃତ ବିଳମ୍ବ ହୋଇଛି। ଏଭଳି ସ୍ଥିତିରେ ସାର ଅଭାବ ଚାଷୀଙ୍କ ପାଇଁ ସଙ୍କଟ ସୃଷ୍ଟି କରିଛି।

କଥାରେ ଅଛି, ଚାଷ ତରତର ବଣିଜ ମଠ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସାର ଉପରେ ଚାଷୀଙ୍କ ନିର୍ଭରଶୀଳତା ବଢ଼ିଛି। ଚାହିଦା ଅନୁଯାୟୀ ରାଜ୍ୟକୁ ସାର ଯୋଗାଇ ଦିଆଯାଇଛି ବୋଲି ଦାବି କରାଯାଉଥିବା ବେଳେ ତାହା ଠିକଣା ସମୟରେ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସରକାରଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ପ୍ରତିଶ୍ରୁତି, ଦୃମ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶରେ ଯଦି ସମସ୍ୟାର ସମାଧାନ ହୋଇଯାଉଥା'ନ୍ତା ତେବେ ଚାଷୀ ବିଲବାଡ଼ି ଛାଡ଼ି ବିକ୍ଷୋଭ, ପ୍ରତିବାଦ ଓ ରାଜପଥ ଅବରୋଧ କରିବା ଭଳି ସ୍ଥିତି ଉପୁଜି ନଥା'ନ୍ତା। ରାଜଧାନୀ ଓ ରାଜଭବନ ଘେରାଉ, ବିକ୍ଷୋଭ ଆଦି ସହ ଚାଷୀଙ୍କ ସଂପୃକ୍ତି କମ। ରାଜ୍ୟର ଚାଷୀଙ୍କ ସମସ୍ୟା ଓ ପ୍ରସଙ୍ଗ ଉପସ୍ଥାପନ କରିବାର ଦାୟିତ୍ୱ ବିରୋଧୀ ଦଳର ହୋଇଥିବାରୁ ସେମାନେ ତାଙ୍କ ଦାୟିତ୍ୱ ତୁଲାଉଛନ୍ତି। ଏହି ପରିସ୍ଥିତିରୁ ଆମେ ଦୁଇଟି ସିଦ୍ଧାନ୍ତରେ ଉପନୀତ ହେଉଛୁ। ପ୍ରଥମଟି ହେଲା, ରାଜ୍ୟରେ ଚାଷୀଙ୍କ ଚାହିଦା ମୁତାବକ ସାର ପହଞ୍ଚିପାରି ନ ଥିବାରୁ ସରକାର ତାଙ୍କ ବିଫଳତା ଲୁଚାଉଛନ୍ତି। ଦ୍ୱିତୀୟତଃ, ଯଦି ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି ତେବେ ଚାଷୀଙ୍କୁ ଯୋଗାଇବାରେ ଅସୁବିଧା କେଉଁଠି? ଏହି ଦୁଇଟି ଦିଗକୁ ତର୍ଜମା କଲେ ମନେ ହୁଏ ରାଜ୍ୟରେ ସାର କଳାବଜାର ସରକାରଙ୍କ ଜ୍ଞାତସାରରେ ଚାଲିଛି; ଯାହା ବିରୋଧରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନି।

ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶର ପ୍ରଭାବ କଳାବଜାର ଉପରେ ପଡୁନି। ଏବେ ଚାଷୀଙ୍କୁ ସମୟ ନାହିଁ ଦିନ ଦିନ ଧର କମେଇ ହୋଇ ସାର ପାଇଁ ଲାଇନ ଦେବାକୁ। ଲାଇନ ଦେବା ସତ୍ତ୍ୱେ ଯଦି ଚାଷୀ ସାର ପାଇବନି ସେ ରାଜରାସ୍ତା ଅବରୋଧ କରିବ। ସ୍ଥାନୀୟଅଧିକାରୀ ସେମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ରାସ୍ତାରୁ ହଟାଇଲେ, ତାହା ପୂରଣ କରିବାକୁ ସେମାନେ ସମର୍ଥ ତ? ଏସବୁ ପ୍ରଶ୍ନର ଉତ୍ତର ହେଉଛି 'ନା'। ମାଲିକେ କେବଳ ହେଡ୍‌ଲାଇନ୍ ମ୍ୟାନେଜ୍ କଲେ ସମସ୍ୟାର ସମାଧାନ ହୁଏନି। ତୃଣମୂଳ ସ୍ତରରେ ଠୋସ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ●

# କୃଷିର ନବସୃଜନ ଓ କୃଷକ କଲ୍ୟାଣ

**ବିଦ୍ୟାଧର ମହାରଣା**

ଓଡ଼ିଶା କୃଷି ଜଳବାୟୁ ପରିବର୍ତ୍ତନ, ଅନିୟମିତ ବୃଷ୍ଟିପାତ, କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସୀମିତ ପ୍ରୟୋଗ ଯୋଗୁଁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ପରିଣାମ ସ୍ୱରୂପ ଅନେକ ଚାଷୀ ଚାଷ ଛାଡୁଛନ୍ତି କିମ୍ବା କର୍ମନିଯୁକ୍ତି ଆଶାରେ ପ୍ରବାସନ ଯିବାକୁ ଉଚିତ ମନେ କରୁଛନ୍ତି। ଏପରି ଏକ ଆହ୍ୱାନର ମୁକାବିଲା କରିବା ଏବଂ କୃଷକମାନଙ୍କ ଜୀବିକାର୍ଜନ ପନ୍ଥାର ଉନ୍ନତିକରଣ ନିମନ୍ତେ କେତେକ ନବସୃଜନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ରହିଛି।

ଆଜିକାଲି କୃଷିକ୍ଷେତ୍ରରେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ହେଲାଣି, ଯାହା ହାଇଟେକ୍ କୃଷି ରୂପେ ଆଦୃତ। ଏଥିରେ ଡ୍ରୋନ, ସେନସର, ସ୍ୱତଃ ପ୍ରକ୍ରିୟା ଓ ରୋବର୍ଟ, କୃତ୍ରିମ ମେଧା(ଏଆଇ. ମେସିନ୍ ଲର୍ଣ୍ଣିଂ, ଉଦ୍ଧ୍ୱୋଧର କୃଷି(ଭର୍ଟିକାଲ ଫାର୍ମି) ଓ ହାଇଡ୍ରୋପୋନିକ ଏବଂ ଜୈବ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ। ଅଧିକ ଶ୍ରମିକ ଆବଶ୍ୟକ କରୁଥିବା ରୋପଣ, ଘାସ ବଛା ଓ ଫସଲ ଅମଳ ପାଇଁ ସ୍ୱୟଂଚାଳିତ ଯନ୍ତ୍ର ଓ ରୋବର୍ଟ ବ୍ୟବହାର, ଏଆଇ ଓ ମେସିନ୍ ଲର୍ଣ୍ଣି ମାଧ୍ୟମରେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଫସଲ ଅମଳ ପରିମାଣ ବୃଦ୍ଧି, ରୋଗ ପୋକ ଆକ୍ରମଣ ସମ୍ବନ୍ଧୀୟ ଆଗୁଆ ଆକଳନ କରି ସଠିକ ପରିଚାଳନା ଆଦି ହାଇଟେକ୍ କୃଷିରେ ସମ୍ଭବ। ପାରମ୍ପରିକ କୃଷି ତୁଳନାରେ କମ୍ ଜଳ ଓ କମ୍ ଜାଗା ବ୍ୟବହାର କରି ଘର ମଧ୍ୟରେ ଏକ ନିୟନ୍ତ୍ରିତ ପରିବେଶରେ ଅଧିକ ଅମଳ ପାଇଁ ଭର୍ଟିକାଲ ଫାର୍ମି ଓ ହାଇଡ୍ରୋପୋନିକ (ବିନା ମାଟିରେ ଜଳୀୟ ଦ୍ରବଣ ଦ୍ୱାରା ଚାଷ) ପ୍ରଣାଳୀ ଅନୁସରଣ କରାଯାଇ ପାରିବ। ହାଇଟେକ୍ କୃଷିର ଏହି ଅବଦାନ ସହରାଞ୍ଚଳ ପାଇଁ ଉପଯୁକ୍ତ।

ହାଇଟେକ୍ କୃଷିରେ ମୋବାଇଲ ଆପ ଦ୍ୱାରା କୃଷକମାନେ ପାଣିପାଗ ତଥ୍ୟ, ବଜାର ଦର ଓ କୃଷି ପରାମର୍ଶ ସୂଚନା ଆଗୁଆ ପ୍ରାପ୍ତ ହୋଇପାରିବେ। ସ୍ଥାନୀୟ ଭାବରେ ସଂସାଧନ କେନ୍ଦ୍ର ସ୍ଥାପନ ଜରିଆରେ କୃଷକମାନେ ସେମାନଙ୍କ ଉତ୍ପାଦଗୁଡ଼ିକର ପ୍ରକ୍ରିୟାକରଣ କରି ବିଶେଷ ଲାଭବାନ ହେବେ। ନୂତନ ପ୍ରଯୁକ୍ତିବିଦ୍ୟା ଆଧାରିତ ପରିଶୁଦ୍ଧ କୃଷି ବା ପ୍ରେସିସନ ଏଗ୍ରିକଲଚର ବର୍ତ୍ତମାନ ଧୀରେଧୀରେ ଲୋକପ୍ରିୟ ହେବାକୁ ଲାଗିଲାଣି। ଆମେ କିଆରୀ ସାରା ସମାନ ପରିମାଣରେ ଜଳ ଓ ସାର ବ୍ୟବହାର କରୁ, ଅଥଚ କିଆରୀରେ ବିଭିନ୍ନ ଭାଗରେ ଜଳୀୟ ଅଂଶ ଓ ଖାଦ୍ୟସାର ପରିଣାମ ସମାନ ନଥାଏ। ଫଳରେ ଫସଲ ଅମଳ ସବୁଆଡ଼େ ସମାନ ହୁଏ ନାହିଁ। ଆମେ ଯଦି ଭୌଗୋଳିକ ସୂଚନା ପ୍ରଣାଳୀ ବା ଜି.ଆଇ.ଏସ୍ କିମ୍ବା ଭୌଗୋଳିକ ସ୍ଥିତି ପ୍ରଣାଳୀ ବା ଜିପିଏସ୍ ଓ ସୂକ୍ଷ୍ମ ସମ୍ବେଦୀ ବା ରିମୋର୍ଟ ସେନ୍ସିଙ୍ଗ କୌଶଳ ବ୍ୟବହାର କରିବା ତେବେ କ୍ଷେତ୍ରର ପରିଶୁଦ୍ଧ ତଥ୍ୟ ହାସଲ କରି ସଠିକ ନିଷ୍ପତ୍ତି ଗ୍ରହଣ କରିପାରିବା। କ୍ଷେତ୍ରରେ ସ୍ୱତନ୍ତ୍ର ଅଞ୍ଚଳ ଚିହ୍ନଟ କରି ସାର ଓ ଜଳସେଚନ କିମ୍ବା କୀଟନାଶକ ଔଷଧ ପ୍ରୟୋଗ କରିପାରିବା। ଏହାଦ୍ୱାରା ଖର୍ଚ୍ଚ କମିବା ସହିତ ପରିବେଶ ପ୍ରଦୂଷିତ ହେବନାହିଁ। ସେନସର ଓ ଜିପିଏସ୍ ପ୍ରଣାଳୀ ଉପଯୋଗରେ ପରିବର୍ତ୍ତନୀୟ ଦର ପ୍ରଯୁକ୍ତିବିଦ୍ୟା ବା ଭି.ଆର୍.ଟି ପଦ୍ଧତିରେ କୃଷି କ୍ଷେତ୍ରରେ ବିଭିନ୍ନ ଜାଗାରେ ଆବଶ୍ୟକତା ଓ ଗୁଣବତ୍ତା ଅନୁଯାୟୀ ଜଳ, ସାର ଓ କୀଟନାଶକ ସଠିକ ମାତ୍ରା ଓ ସମୟରେ ପ୍ରୟୋଗ କରାଯାଏ। ଭି.ଆର୍.ଟି ଆଧାରିତ ସିଞ୍ଚନ ଯନ୍ତ୍ର ଓ ସାର ପ୍ରୟୋଗ ଯନ୍ତ୍ର ମାଧ୍ୟମରେ କୀଟନାଶକ ଓ ସାର ଆବଶ୍ୟକ ଅନୁଯାୟୀ ପ୍ରୟୋଗ କରାଯାଏ। ଏହାଦ୍ୱାରା ଉର୍ବର ମାଟିରେ ସାମାନ୍ୟ ସାର ଓ ଦୁର୍ବଳ ମାଟିରେ ଅଧିକ ସାର ପ୍ରୟୋଗ କରାଯାଇପାରିବ।

ଆମେ ଅଧିକାଂଶ ସମୟରେ ଜଳସେଚନ ଉପରେ ନିର୍ଭର କରୁ। କିନ୍ତୁ ସେଚନ ଜଳର କାର୍ଯ୍ୟ ଦକ୍ଷତା ମାତ୍ର ୩୫। ଫସଲ ଅମଳ କ୍ଷମତା ମଧ୍ୟ ଫସଲ ଅନୁସାରେ ଭିନ୍ନ। ଏଣୁ ବୁନ୍ଦା ଜଳସେଚନ ପ୍ରଣାଳୀ ସର୍ବଶ୍ରେଷ୍ଠ, ଯାହାର ଦକ୍ଷତା ପ୍ରାୟ ୯୦%। ଫୁଆରା ଓ ବୁନ୍ଦା ଜଳସେଚନ ପୂର୍ବରୁ ମୃତ୍ତିକାର ଜଳୀୟ ଅଂଶ ପରୀକ୍ଷା ପାଇଁ ଟେନସିଓମିଟର ବ୍ୟବହାର କରାଯାଏ। ଏହାପରେ ସେନସର ବ୍ୟବହାର କରି ଯେତିକି ଆବଶ୍ୟକ ସେତିକି ଜଳସେଚନ ବ୍ୟବହାର କରିବା ଯୋଗୁଁ ସୀମିତ ଜଳରୁ ସର୍ବାଧିକ ଅମଳ ମିଳିଥାଏ। ମରୁଡ଼ିରୁ ରକ୍ଷା ପାଇଁ ଜଳଅମଳ ପ୍ରକଳ୍ପ, ଆଡ଼ିବନ୍ଧ, ଫାର୍ମ ପୋଖରୀ, କୂପ ଖନନ ଇତ୍ୟାଦି ଦ୍ୱାରା ବର୍ଷାଜଳ ଅମଳ କରି ଫସଲ ପାଇଁ ବ୍ୟବହାର କରିହେବ। ଜମିରେ ବନ୍ଧ ନିର୍ମାଣ, ଖାଇ ଖନନ ଇତ୍ୟାଦି କରି ବର୍ଷାଜଳ ମାଟିରେ ବହୁଦିନ ସାଇତି ରଖିହେବ। ମିତ ଜଳସେଚନ ନିମନ୍ତେ ବୁନ୍ଦା ଜଳସେଚନ ପ୍ରଣାଳୀ ସବୁଠୁ ଭଲ।

କୃଷି ଦ୍ୱାରା ୧୦-୨୧% ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ତ୍ୟାଗ ହୋଇଥାଏ। ପାରମ୍ପରିକ କୃଷି ପରିବର୍ତ୍ତେ ଜଳବାୟୁ ଅନୁକୂଳ କୃଷିପଦ୍ଧତି ଅନୁସରଣ କଲେ ବାୟୁମଣ୍ଡଳକୁ ସୀମିତ ସବୁଜଗୃହ ବାଷ୍ପ ନିର୍ଗତ ହେବ ଏବଂ କୃଷି ପରିବେଶ ଅନୁକୂଳ ହେବ। ଖତ, ସବୁଜ ସାର, ଜୈବସାର ପ୍ରୟୋଗ, ସର୍ବନିମ୍ନ କର୍ଷଣ, ଜଳ ଓ ପୋଷକ ପରିଚାଳନା, ଛାଦନ ଏବଂ ଫସଲ ପର୍ଯ୍ୟାୟ ଅନୁସରଣ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ଅକ୍ଷୁଣ୍ଣ ରହିବ। ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ରହିଲେ ଜଳବାୟୁ ପରିବର୍ତ୍ତନକୁ ଏହା ସହ୍ୟ କରିବ। ରାସାୟନିକ କୃଷିର ପରିବେଶୀୟ କୁପ୍ରଭାବ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ବହୁଚାଷୀ ଏବେ ଜୈବିକ କୃଷି ଆଡ଼କୁ ମୁହାଁଇଲେଣି। କୃଷି ଉତ୍ପାଦକୁ ପ୍ରମାଣିତ କରିବା ପରେ ଏଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରୟ କରାଯାଏ କିମ୍ବା ବିଦେଶକୁ ରପ୍ତାନୀ କରାଯାଏ। ସେହିପରି ଜମିରେ ଧାନ ଚାଷ ବ୍ୟତୀତ ପୁଷ୍ଟିଶସ୍ୟ, ଡାଲି ଫସଲ ଓ ତୈଳବୀଜ କିମ୍ବା ପନିପରିବା ଫସଲ ଏକକ ବା ମିଶ୍ରିତ ଫସଲ ହିସାବରେ ଚାଷ କରିବା ଭଲ। ପ୍ରତିକୂଳ ଜଳବାୟୁ ସହଣି ଦେଶୀ କିମ୍ବା ଉନ୍ନତ କିସମ ବିହନ ବ୍ୟବହାର ନିମନ୍ତେ ଗ୍ରାମସ୍ତରରେ ବିହନ ବ୍ୟାଙ୍କ ଓ ଶସ୍ୟବ୍ୟାଙ୍କ ସ୍ଥାପନ କରାଗଲେ ଚାଷୀମାନେ ସୁବିଧାରେ ଏହି ବିହନ ପାଇପାରିବେ।

ଜମିରେ ଓଜନିଆ ମେସିନ୍ ବ୍ୟବହାର ନ କରି ବଳଦ ଚାଳିତ ଶୂନ୍ୟକର୍ଷଣ ବା ସର୍ବନିମ୍ନ କର୍ଷଣ ସହିତ ଛାଦନ ଦ୍ୱାରା ଫସଲ ଚାଷ ଜଳବାୟୁ ସହନଶୀଳ ହୁଏ। ଫସଲ ରୁଆ ନ କରି ଧାଡ଼ିବୁଣା ବା ଶ୍ରୀ-ପ୍ରଣାଳୀ ଧାନଚାଷ ଅଧିକ ନିରାପଦ। ଖାଲ ଜମିରେ ଧାନସହ ମାଛଚାଷ, କୁକୁଡ଼ା ପାଳନ, ପନିପରିବା ଓ ଫଳଚାଷ ଗୋଟିଏ ଜମିରେ ସମନ୍ୱିତ ଭାବରେ କରିହେବ। ଏଥିପାଇଁ ଗୋଟିଏ ପୋଖରୀ ଆବଶ୍ୟକ। ଏହି ଚାଷରେ ଗୋଟିକର ବର୍ଜ୍ୟବସ୍ତୁ ଅନ୍ୟଟିରେ ବ୍ୟବହାର ହେଉଥିବାରୁ ପରିବେଶ ଠିକ୍ ରହେ ଏବଂ ଚାଷୀକୁ ବର୍ଷସାରା କାମ ଓ ରୋଜଗାର ମିଳେ। ଢିପଜମିରେ କ୍ଷେତ ଫସଲ ସହ ଫଳଚାଷ, ପ୍ରାଣୀପାଳନ, ମହୁଚାଷ, ତୁତଚାଷ, ଔଷଧବୃକ୍ଷ ଚାଷ ଓ କୃଷି ବନୀକରଣ ଇତ୍ୟାଦି କରାଯାଇପାରିବ।

କୃଷକମାନଙ୍କୁ ସହାୟତା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ କିଷାନ ଯୋଜନା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପରି ବହୁ ରାଜ୍ୟସ୍ତରୀୟ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପରି ବହୁ କେନ୍ଦ୍ରୀୟ ସାହାଯ୍ୟପ୍ରାପ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ କୃଷକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ଓ ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କୃଷକମାନେ ସର୍ବନିମ୍ନ ସହାୟତା ମୂଲ୍ୟରେ ସରକାରଙ୍କୁ ନିର୍ଦ୍ଧାରିତ ଉତ୍ପାଦ ବିକ୍ରୟ କରିବା ପାଇଁ ମଣ୍ଡି ବ୍ୟବସ୍ଥା ପ୍ରଚଳିତ ଅଛି। ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର ପାଇଁ ସୌରଶକ୍ତିଚାଳିତ ପମ୍ପ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର ପାଇଁ ପ୍ରୋତ୍ସାହନ ଦିଆଯାଉଛି। କୃଷକମାନଙ୍କ କଲ୍ୟାଣ ନିମନ୍ତେ ବହୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। 'ଗୋ ସୁଗମ' ଆପ ବ୍ୟବହାର କରି ଚାଷୀମାନେ ସମସ୍ତ ସରକାରୀ ସାହାଯ୍ୟ ପାଇପାରିବେ।

ଏହିସବୁ ନବୋନ୍ମେଷ ଓ କୃଷକ କଲ୍ୟାଣ ଯୋଜନା କୃଷି ଉତ୍ପାଦନ ବୃଦ୍ଧି ଓ କ୍ଷତିଭୟ ହ୍ରାସ ସହିତ କୃଷକମାନଙ୍କ ସାମାଜିକ ତଥା ଆର୍ଥିକ ବିକାଶ ପାଇଁ ନିଶ୍ଚିତ ଭାବେ ସହାୟକ ହେବ। ରାଜ୍ୟର ସାମଗ୍ରିକ କୃଷି ବିକାଶ ପାଇଁ ଦେଶୀୟ ଜ୍ଞାନକୌଶଳ ସହିତ ନୂତନ ଜ୍ଞାନକୌଶଳ ସମ୍ମିଶ୍ରଣ, ସମବାୟ କୃଷି, କୃଷକ ଉତ୍ପାଦକ ସଂଗଠନ, ବିପଣନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ବଳିଷ୍ଠ ଗବେଷଣା, ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ପାଦମିଳାଇ ଆଗକୁ ଗତି କରିବା ଆବଶ୍ୟକ। ପରିଶେଷରେ ଏତିକି କହିବା ଆବଶ୍ୟକ ଯେ ଆଗାମୀ କୃଷି କାର୍ଯ୍ୟକ୍ରମ ରୂପାନ୍ତରଣ ପାଇଁ କୃଷି କ୍ଷେତ୍ରରେ ନବସୃଜନ ଓ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ନିଷ୍ଠାର ସହ ପାଳନ କରିବା ସରକାର ଓ ସମସ୍ତ ଅଂଶୀଦାରମାନଙ୍କ ନୈତିକ ଦାୟିତ୍ୱ। ନିରନ୍ତର ପୁଞ୍ଜି ନିବେଶ, ନୀତି ସହାୟତା ଓ ଗୋଷ୍ଠୀ ସହଭାଗିତା ରାଜ୍ୟର ଚିରନ୍ତନ କୃଷିବିକାଶ ସହିତ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଉତ୍ତରଦାୟୀ ହୋଇପାରିବ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଆତ୍ମହତ୍ୟା ଶେଷ ବିକଳ୍ପ ନୁହେଁ

**ଡକ୍ଟର ଅଜୟ କୁମାର ସାହୁ**

ଆତ୍ମହତ୍ୟା ଏକ ମାନସିକ ବିକାର ବା ବିଷାଦ ଜନିତ ଆବେଗ। ବିଜ୍ଞାନରେ ଏହାକୁ ସିଜୋଫ୍ରିନିଆ ଏବଂ ଇମୋସନାଲ୍ ବ୍ରେକ୍‌ଡାଉନ ମଧ୍ୟ କୁହାଯାଏ। ପରିସ୍ଥିତି ମୁକାବିଲାରେ ଅସହାୟବୋଧ ହିଁ ଏହାର କାରଣ। ଏହାଛଡ଼ା ବାଲ୍ୟାବସ୍ଥାରେ ଘଟିଥିବା କିଛି ବଡ଼ ଅଘଟଣ, ମସ୍ତିଷ୍କ ସଂରଚନା, ନିଶା ଅଭ୍ୟାସ, ରୋଜଗାର ସମସ୍ୟା, ଋଣ ଭାର, ଆତ୍ମୀୟଙ୍କ ମୃତ୍ୟୁ ବା ବିଚ୍ଛେଦ, ଧନ-ସମ୍ପତ୍ତି ଓ ମାନ-ସମ୍ମାନ ହରାଇବା, ଘୋର ଆର୍ଥିକ ଅଭାବ, ଦାରିଦ୍ର୍ୟ, କୃତକାର୍ଯ୍ୟ ନ ହେବା, ନିଜ ଲୋକ ସହ କଳି, ପ୍ରେମରେ ନିରାଶ, ହତୋତ୍ସାହ, ଦୀର୍ଘଦିନ ସ୍ୱାସ୍ଥ୍ୟ ଭଲ ନ ରହିବା, ଭୁଲ ସଂବାଦ ଆଦି ମନକୁ ଅଧିକ ବିଷାଦଗ୍ରସ୍ତ କରି ଆତ୍ମହତ୍ୟାର କାରଣ ହୋଇଥାଏ।

ପରିବେଶରୁ ସୃଷ୍ଟି ଅବସାଦକୁ ରିଆକ୍ଟିଭ୍ ଡିପ୍ରେସନ, ମସ୍ତିଷ୍କ ନିରସ ନିଃସୃତଜନିତ ଅବସାଦକୁ ଏଣ୍ଡୋଜିନ୍ ଡିପ୍ରେସନ, ପାରିପାର୍ଶ୍ୱିକ ଅବସ୍ଥାରୁ ସୃଷ୍ଟ ଅବସାଦକୁ ନ୍ୟୁରୋଟିକ ଡିପ୍ରେସନ, ଗଭୀର ଭାବର ପ୍ରଭାବିତ ଅବସାଦକୁ ସାଇକୋଟିକ ଡିପ୍ରେସନ କୁହାଯାଏ। ବିଷାଦ ଦୁଇ ସପ୍ତାହ ଧରି ବିଷମ ହୋଇ ରହିଲେ ଅବସାଦରେ ରୂପାନ୍ତରିତ ହୋଇଥାଏ। ପ୍ରତ୍ୟେକ ମଣିଷର ଇମୋସନାଲ୍ ବ୍ରେନ୍ ଥାଏ ଏବଂ ସେଥିରେ ନ୍ୟୁରୋଟ୍ରାନ୍ସଲେଟ୍ ସ୍ତର ଥାଏ। ସେହି ସ୍ତର ଅତିକ୍ରମ କଲେ ମଣିଷ ଅବସାଦଗ୍ରସ୍ତ ହୁଏ। ଏହି ଅବସାଦ ଜନିତ ତୀବ୍ର ଭାବପ୍ରବଣତାରେ ହିଁ ମଣିଷ ତା'ର ଶରୀରକୁ ବିଭିନ୍ନ ଉପାୟରେ ହତ୍ୟା କରୁଛି। ଆତ୍ମହତ୍ୟା ସବୁ ଶ୍ରେଣୀ, ସବୁ ବୟସ୍କ ଲୋକଙ୍କୁ ତା'ର କରାଳ ରୂପରେ ମାଡ଼ିବସିଛି। ଏହାର ତାଲିକା ବେଶ୍ ଲମ୍ବା। ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶିତ ଆଞ୍ଚଳିକ ଓ ଜାତୀୟସ୍ତରରୁ ଆରମ୍ଭ କରି ବଲିଉଡ୍‌ର ଉଦୀୟମାନ ଲୋକପ୍ରିୟ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତ, ବିଦ୍ୟା ଭାରତୀ, ପ୍ରତ୍ୟୁଷ ବାନାର୍ଜୀ, ଜିଆ ଖାନ, ନାଫିସା ଯୋଶେଫ, ସିଲ୍କ ସ୍ମିତା, ଗୁରୁ ଦତ୍ତ ଏବଂ ସିଗମଣ୍ଡ ଫ୍ରେଉଡ୍, କ୍ଲିଓପାଟ୍ରା, ମାର୍କ ଏଣ୍ଟୋନୀ, ବୃଟାସ, ଏଡୋଲଫ ହିଟଲର, ଭିନସେଣ୍ଟ, ସକ୍ରେଟିସ୍, ମାରିଲିନ ମୋନରୋଏ, କୁଂଗଫୁ କିଂଗ ଡେଭିଡ୍ କାରାଡିନ, ରୋମିଓ ଓ ଜୁଲିଏଟ ଆଦି ଅନେକ ବିଶ୍ୱ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମ ଆତ୍ମହତ୍ୟା ତାଲିକାରେ ଇତିହାସ ସାଇତି ରଖିଛି।

ବିଶ୍ୱରେ ପ୍ରତିବର୍ଷ ୮ ଲକ୍ଷ ଲୋକ ଆତ୍ମହତ୍ୟା କରି ଜୀବନ ହାରିଥା'ନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ମରନ୍ତି। ଆତ୍ମହତ୍ୟାର ୭୯% ନିମ୍ନମଧ୍ୟବିତ୍ତ ଦେଶ ସମୂହରେ ଘଟିଥାଏ। ଆତ୍ମହତ୍ୟା ମାନସିକତା ହଂଗେରୀ, ଡେନମାର୍କ, ଫିନଲ୍ୟାଣ୍ଡ, ଅଷ୍ଟ୍ରିଆ, ଜର୍ମାନୀ, ସ୍ୱିଡେନ ଓ ସ୍ୱିଜରଲାଣ୍ଡରେ ଅଧିକ। ଫିଲିପାଇନସ, ଆଂଗୋଲା, ଜାମାଇକା, ମେକ୍ସିକୋ, ଜୋର୍ଡାନ ଓ ଇଜିପ୍ଟରେ କମ। ଦକ୍ଷିଣ ସାମୁଦ୍ରିକ ଦ୍ୱୀପ ଓ ଭାରତର ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଆତ୍ମହତ୍ୟା ପ୍ରାୟ ହୁଏନି। ସେହିପରି ବିଶ୍ୱରେ ବିକଶିତ ରାଷ୍ଟ୍ର ସମୂହରେ ୩୦% ଲୋକ କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରୁଥିବା ବେଳେ ଲାଟିନ ଆମେରିକା ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମଧ୍ୟ ୫୦% ଲୋକ ଏହି ମାଧ୍ୟମକୁ ବାଛିଥା'ନ୍ତି। ସେହିପରି ବିକଶିତ ରାଷ୍ଟ୍ର ସମୂହରେ ୮୫%ଲୋକ ମାତ୍ରାଧିକ ଔଷଧ ସେବନ ଦ୍ୱାରା ଆତ୍ମହତ୍ୟା କରିଥା'ନ୍ତି। ବିଶ୍ୱରେ ୮୦-୯୦% ଲୋକ ଆଗ୍ନେୟାସ୍ତ୍ର, ୬୫-୮୦% ଲୋକ ପାଣିରେ ବୁଡ଼ି, ୬୦-୮୫% ଲୋକ ଓହଳି, ୩୫-୬୦% ଡେଇଁ, ୬୦-୭୫% କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରିଥା'ନ୍ତି। ଭାରତରେ ପ୍ରତବର୍ଷ ୧, ୩୫, ୦୦୦ଲୋକ ଆତ୍ମହତ୍ୟା କରିଥା'ନ୍ତି। ଦେଶରେ ଜନସଂଖ୍ୟାର ଆତ୍ମହତ୍ୟା ହାର ୧୦.୬% ଥିବା ବେଳେ ଓଡ଼ିଶାରେ ଏହି ହାର ୯%।

ଅବସାଦ ଏକ ମାନସିକ ଅବସ୍ଥା। ନିଜ ପ୍ରତି ନିଜେ ସହନଶୀଳ ହେଲେ ଏହାକୁ ବଦଳାଯାଇପାରିବ। ବିଷାଦ ମଣିଷ ସାଥିରେ ଥିଲା, ଅଛି ଓ ରହିବ। ଜିଇଁବା ପାଇଁ ମଧ୍ୟ ଏହା ଅତ୍ୟନ୍ତ ଜରୁରୀ। ବିଷାଦକୁ ପରିଚାଳନା କରିପାରିଲେ ଏହା ମଣିଷକୁ ସହାୟକ ହୋଇଥାଏ। ଶରୀରକୁ ଆରାମ ଦେବା, ବୁଦ୍ଧିକୁ ସମସ୍ୟାରୁ ସମାଧାନ ମୁହାଁ କରିବା, ଭାବପ୍ରବଣତାକୁ ପରିବର୍ତ୍ତିତ ସ୍ୱାଭିମାନ ମୁହାଁ କରିବା ଓ ଆଧ୍ୟାତ୍ମିକତାକୁ ଅପରାଧମୁକ୍ତ କରି ଦାର୍ଶନିକ ତତ୍ତ୍ୱ ଦେବା ହେଉଛି ବିଷାଦ ପରିଚାଳନାର ମୂଳ ଦର୍ଶନ। ଆତ୍ମହତ୍ୟା କୌଣସି ସମସ୍ୟାର ଶେଷ ବିକଳ୍ପ ବା ସମାଧାନ ନୁହେଁ। ଏହା ବରଂ ଦଣ୍ଡନୀୟ ଅପରାଧ ଓ ମହାପାପ ମଧ୍ୟ। ତେଣୁ ପର ସହ ପ୍ରତିଦ୍ୱନ୍ଦ୍ୱିତା ପ୍ରବୃତ୍ତି ଛାଡ଼ି ନିଜ ସହ ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ। ପ୍ରତ୍ୟେକ ଆଶା ପୂରଣ ପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବା ଦରକାର। ଅବସାଦର ସାମାନ୍ୟ ଲକ୍ଷଣ ଦିଶିଲେ ତୁରନ୍ତ ମନସ୍ତତ୍ତ୍ୱବିତଙ୍କ ସହ ପରାମର୍ଶ କରିବା ଉଚିତ। ଘରେ ଯୋଗ, ସଙ୍ଗୀତ ଶୁଣିବା, ନିୟମିତ ବହି ପଢ଼ିବା, ନିଶାସେବନ ତ୍ୟାଗ କରିବା, ସମୟାନୁବର୍ତ୍ତୀ ହେବା ଦ୍ୱାରା ଅବସାଦରୁ ମୁକ୍ତି ମିଳିଥାଏ। ପରିସ୍ଥିତି ସହ ଖାପ ଖୁଆଇ ଚଳିବା, ଲାଭ କ୍ଷତିର ହିସାବ ନ କରି ବର୍ତ୍ତମାନ ସହ ବଞ୍ଚିବା, ସକାରାତ୍ମକ ଚିନ୍ତାରେ ରହିବା, ମନର ଆବେଗକୁ ବାଣ୍ଟିବା ଓ ସହଯୋଗୀ ହେବା ଅଭ୍ୟାସ କଲେ ଅବସାର ଦୂର ହୁଏ।

ଆତ୍ମହତ୍ୟାକୁ ମହାପାପ ବୋଲି ମଧ୍ୟ ଭାରତୀୟ ପରମ୍ପରାରେ ବିବେଚନା କରାଯାଏ। ପୃଥିବୀ, ଜଳ, ଅଗ୍ନି, ପବନ ଓ ଆକାଶ ଆଦି ପାଞ୍ଚ ତତ୍ତ୍ୱରେ ଯେଉଁ ମଣିଷ ଶରୀର ତିଆରି ହୋଇଛି। ସ୍ୱାଭାବିକ ମୃତ୍ୟୁ ହେଲେ ଶରୀର ସେହି ପାଞ୍ଚ ତତ୍ତ୍ୱରେ ମିଶିଥାଏ। ଆତ୍ମହତ୍ୟା କଲେ ସେଥିରେ ବ୍ୟତିକ୍ରମ ଘଟେ।

ଆବ୍ରାହମ ଲିଙ୍କନଙ୍କ ମତରେ ଜୀବନ ପବିତ୍ର। ଏହାକୁ ଅସମୟରେ ତ୍ୟାଗ କରିବା ଅପରାଧ। ଆସନ୍ତୁ ନିଜକୁ ଭଲ ପାଇବା ଏବଂ ସୁଖଦ ଜୀବନ ଜିଇଁବା। ଜୀବନ କେବଳ ସମାପ୍ତି ପାଇଁ ନୁହେଁ, ଇତିହାସ ରଚିବା ପାଇଁ। ଅନ୍ୟର ଲୁହ ହେବା ପାଇଁ ନୁହେଁ, ଅନ୍ୟର ଲୁହ ପୋଛିବା ପାଇଁ। ଭଙ୍ଗା ମନର ମରୁଭୂମି ପାଇଁ ନୁହେଁ, ଯୋଡ଼ା ହୃଦୟର ନନ୍ଦନକାନନ ପାଇଁ। ସବୁଦିନ ପାଇଁ ବିଦାୟ ନେବା ପାଇଁ ନୁହେଁ, ସଦା ସଜସ୍ମୃତି ହୋଇ ରହିବା ପାଇଁ। ●

ସେମିଲିଗୁଡ଼ା(କୋରାପୁଟ), ମୋ: ୯୪୩୭୦୯୦୯୫୪

# ଅସ୍ୱାସ୍ଥ୍ୟକର ବାସନରେ ରନ୍ଧନ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ଏକଦା ରୋଷେଇ ପାଇଁ ବ୍ୟବହାର ହେଉଥିଲା ମୁଖ୍ୟତଃ ମାଟି ତିଆରି ହାଣ୍ଡି, କଡ଼େଇ ଇତ୍ୟାଦି। ତା'ପରେ ଏଥିରେ ଉପଯୋଗ କରାଗଲା ଲୁହା ତିଆରି ବାସନ ଏବଂ ତାକୁ ଅନୁସରଣ କଲା ଆଲୁମିନିୟମ୍। ତତ୍ପରେ ଏବେ ବହୁଳ ଭାବେ ବ୍ୟବହାର ହେବାକୁ ଲାଗିଲାଣି 'ଟେଫଲନ୍' ନାମକ ରସାୟନର ଲେପଦିଆ ଏବଂ ରାନ୍ଧିବା ବେଳେ ଖାଦ୍ୟ ଲାଗୁ ନଥିବା 'ନନ୍‌ଷ୍ଟିକ୍ ବାସନ। ଏଥିସହିତ ଅଗ୍ନି ନିରୋଧକ ରସାୟନଯୁକ୍ତ ପ୍ଲାଷ୍ଟିକ୍ ବାସନକୁ ମଧ୍ୟ ମାଇକ୍ରୋୱେଭ୍ ଚୁଲ୍ଲୀ ବା ବିଦ୍ୟୁତ୍ ଚାଳିତ ହିଟରରେ ରାନ୍ଧିବା ପାଇଁ ବ୍ୟବହାର କରାଯାଉଛି। ଡାକ୍ତରମାନେ ଏବେ କହିଲେଣି ଯେ ଏହି ଶେଷୋକ୍ତ ତିନୋଟି, ଅର୍ଥାତ୍ ଆଲୁମିନିୟମ, ଟେଫ୍ଲନ୍ ଏବଂ ପ୍ଲାଷ୍ଟିକ ବାସନରୁ ଉଚ୍ଚତାପରେ ବିଷାକ୍ତ ରସାୟନମାନ ନିର୍ଗତ ହୁଏ, ଯାହାକି କର୍କଟ ସମେତ ଅନ୍ୟାନ୍ୟ ବିବିଧ ରୋଗର କାରଣ ହୋଇପାରେ। ସେହି ଡାକ୍ତରମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ନୂଆଦିଲ୍ଲୀ ସ୍ଥିତ 'କ୍ୟାନସର ହିଲର୍ ସେଣ୍ଟର'ର ନିର୍ଦ୍ଦେଶକ ତଥା ସୁପ୍ରସିଦ୍ଧ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ତରଙ୍ଗ କ୍ରିଷ୍ଣା। ବିଗତ ଅଗଷ୍ଟ ମାସ ୧୯ ତାରିଖ (୨୦୨୫) ଦିନ ଏକ ସାକ୍ଷାତକାରରେ ସେ ଏଥିସମ୍ପର୍କରେ ନିମ୍ନୋକ୍ତ ସୂଚନାମାନ ଦେଇଛନ୍ତି।

**ଆଲୁମିନିୟମ୍-** ଏଥିରେ ରୋଷେଇ କଲେ ତହିଁରୁ କିଛିମାତ୍ରାରେ ଧାତୁ ନିର୍ଗତ ହୋଇ ଖାଦ୍ୟରେ ମିଶିଥାଏ। ସମୟକ୍ରମେ ଶରୀର ମଧ୍ୟରେ ଏହାର ମାତ୍ରା ବଢ଼ିବଢ଼ି ଥିଲେ। ତାହା ଜୀବକୋଷ ସ୍ତରରେ କେତେକ ପରିବର୍ତ୍ତନ ଆଣେ, ଯାହାକି କର୍କଟରୋଗର କାରଣ ହୁଏ। ଏହାବ୍ୟତୀତ ତାହା ହଜମକ୍ରିୟା ଜନିତ, ଚର୍ମରୋଗ ଏବଂ ବୃକ୍କ ଉପରେ ଚାପ ଏବଂ ବିବିଧ ସ୍ନାୟବିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ଏଣୁ ଆଲଝିମରସ୍, ଦୁଶ୍ଚିନ୍ତା, ସ୍ମୃତିହୀନତା ଆଦି ମାନସିକ ରୋଗ ଦେଖାଯାଏ। ଏହାର ଅନ୍ୟଏକ ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ହେଲା ବୃକ୍କର ସାଧାରଣ କ୍ରିୟାକଳାପରେ ବାଧାସୃଷ୍ଟି। ଯେତେ ଅଧିକ ଉଚ୍ଚ ତାପରେ ରନ୍ଧା ଯାଏ ଏ ବିପଦ ସେତେ ଅଧିକ ହୁଏ।

**ଟେଫଲନ୍-** ଏହା ହେଲା 'ପଲିଟେଟ୍ରା ଫ୍ଲୋରାଇଡ୍‌ଇଥିଲିନି' ନାମକ ଏକ କୃତ୍ରିମ ପଲିମରର ବ୍ୟବସାୟିକ ନାମ। ଆଗେ ଏହାର ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା ପରଫ୍ଲୋରାଅକ୍ଟାନୋଇକ୍ ଏସିଡ୍। ଏହା କର୍କଟରୋଗ ସୃଷ୍ଟିକାରୀ। ଏବେ ଏହା ବଦଳରେ ବ୍ୟବହାର କରାଯାଉଛି 'ପଲିଫ୍ଲୋରୋ ଏସିଟିଲ୍ ସବ୍‌ଷ୍ଟାନସ୍' ବା ପିଏଫ୍‌ଏଏସ୍। ତଥାପି ପିଏଫ୍‌ଏଏସ୍‌ର ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବର ତଥାପି ଅଧ୍ୟୟନ ଚାଲିଛି। ସାଧାରଣତଃ ଉଚ୍ଚତାପରେ (୨୬୦ ଡିଗ୍ରୀ ସେଲ୍ସିୟସ୍‌ରୁ ଅଧିକ) ରନ୍ଧନ କଲେ ଏ ବାସନରୁ 'ଟେଫଲନ୍' ନାମକ ରସାୟନ ନିର୍ଗତ ହୁଏ। ସେଗୁଡ଼ିକ ବିଭିନ୍ନ ରୋଗର କାରଣ ହୁଅନ୍ତି। ତହିଁରୁ ନିର୍ଗତ ଧୂଆଁ ଜ୍ୱରର କାରଣ ହୋଇପାରେ। ଏଭଳି ବାସନକୁ ଇସ୍ପାତ କିମ୍ବା ଆଲୁମିନିୟମ ବ୍ରସରେ ସଫାକଲେ ନାନାଦି ରସାୟନର କ୍ଷରଣ ହୁଏ।

**ପ୍ଲାଷ୍ଟିକ-** ପ୍ଲାଷ୍ଟିକ ବାସନକୁ ଆମେ ଯେତେଶୀଘ୍ର ଫିଙ୍ଗିଦେବା ତାହା ସେତେ ମଙ୍ଗଳକର। ବିଶେଷକରି ମାଇକ୍ରୋୱେଭ ବା ବିଦ୍ୟୁତ୍ ହିଟରରେ ରନ୍ଧନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଏହିସବୁ ତାପରୋଧକ ପ୍ଲାଷ୍ଟିକରେ ଥାଏ କର୍କଟରୋଗ ସୃଷ୍ଟିକାରୀ ବିସ୍‌ଫିନଲ୍ ଏ ଓ ଆଲେଟ୍‌ସ। ତାପମାତ୍ରା ଅଧିକ ହେଲେ ସେହି ରାସାୟନିକ ପଦାର୍ଥ ବାସନରୁ ନିର୍ଗତ ହୋଇ ଖାଦ୍ୟରେ ମିଶେ। ଏହା ଅନ୍ତଃସ୍ରାବୀଗ୍ରନ୍ଥି, ପ୍ରଜନନ ଓ ସ୍ନାୟବିକ ଅବସ୍ଥାକୁ କ୍ଷତି ପହଞ୍ଚାଏ ଏବଂ ନାନାଦି କର୍କଟରୋଗର ଆଶଙ୍କା ବୃଦ୍ଧି କରେ। ତହିଁରୁ ନିର୍ଗତ ପ୍ଲାଷ୍ଟିକକଣିକା ଅଧିକାଂଶ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ।

**କେଉଁ ବାସନ ନିରାପଦ-** ପିତ୍ତଳ, ଲୁହା ଓ ଇସ୍ପାତ ବାସନ ଅପେକ୍ଷାକୃତ ନିରାପଦ ବୋଲି କହନ୍ତି ଡକ୍ଟର କ୍ରିଷ୍ଣା। ଏଗୁଡ଼ିକ ଥିଲା ଆମ ପାରମ୍ପରିକ ବାସନ। ଏହାବ୍ୟତୀତ ମାଟି ବାସନର ବ୍ୟବହାର ମଧ୍ୟ ଏକ ଉତ୍ତମ ବିକଳ୍ପ। ତେବେ ପ୍ରଥମେ ତାହାକୁ ପରୀକ୍ଷା କରି ସେଥିରେ ସୀସା କିମ୍ବା ସେହି ଅନୁରୂପ କ୍ଷତିକାରକ ତତ୍ତ୍ୱ ଅଛିକି ନାହିଁ ତାହା ନିଶ୍ଚିତ କରିବା ଦରକାର। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତ୍ରୁଟି ଥିଲେ...

ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବାରୁ ମାନ୍ୟବର ବେଞ୍ଚ ଏହା କହିଛନ୍ତି । ଏକ ବେଆଇନ ସର୍ତ୍ତ ଯୋଗୁଁ କୌଣସି ନାଗରିକ ମତଦାନରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ୍ ବୃନ୍ଦା ଗ୍ରୋଭର ଯୁକ୍ତି କରିବାରୁ ମାନ୍ୟବର କୋର୍ଟ କହିଲେ ଯେ 'ଆମ କଥା ମନେ ରଖ । ବିହାରରେ ଏସ୍ଆଇଆର୍ ପ୍ରକ୍ରିୟାରେ କୌଣସି ତ୍ରୁଟି ହୋଇଥିବା ଧରାପଡ଼ିଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ।' ବିହାର ଏସ୍ଆଇଆର୍‌ରେ ଆଧାରକୁ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବା ଲାଗି ସେପଟେମ୍ବର ୮ ତାରିଖରେ ନିର୍ବାଚନ କମିସନଙ୍କୁ କୋର୍ଟ ଦେଇଥିବା ଆଦେଶକୁ ପ୍ରତ୍ୟାହାର କରିବା ଲାଗି ଇତିମଧ୍ୟରେ ପିଟିସନ ଆସିଛି । ଏହା ଉପରେ ସୁପ୍ରିମ କୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି ।

### ୱାକଫ୍ ଆଇନରେ...

ବା ସରକାରୀ ଅଧିକାରୀ ସ୍ଥିର କରିପାରିବେ ନାହିଁ । ନାଗରିକଙ୍କ ସଂପତ୍ତି ଅଧିକାର ଉପରେ ବିଚାର କରିବା ଲାଗି ଜିଲ୍ଲାପାଳଙ୍କର କ୍ଷମତା ନାହିଁ । ଏହା କ୍ଷମତା ପୃଥକୀକରଣ ନିୟମର ଉଲ୍ଲଂଘନ କରୁଛି । ଟ୍ରିବ୍ୟୁନାଲ ରାୟ ନଶୁଣାଇବା ପର୍ଯ୍ୟନ୍ତ କୌଣସି ତୃତୀୟ ପକ୍ଷ ଏଥିରେ ଆସିପାରିବ ନାହିଁ । ଏହସହିତ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୱାକଫ୍ ସଂପତ୍ତି ବିବାଦ ବିଚାରାଧୀନ ଥିବା ବେଳେ ଏହି ବିବାଦୀୟ ସଂପତ୍ତିରୁ ୱାକଫ୍ ମାନ୍ୟତା ପ୍ରତ୍ୟାହାର କରିପାରିବେ ନାହିଁ ସରକାର । ଟ୍ରିବ୍ୟୁନାଲ ବା କୋର୍ଟ ରାୟ ଶୁଣାଇବା ପର୍ଯ୍ୟନ୍ତ ସଂପୃକ୍ତ ସଂପତ୍ତିକୁ ୱାକଫ୍ ହିଁ କୁହାଯିବ । ୱାକଫ୍ ବାଇ ୟୁଜର୍ସ ସଂପର୍କରେ ଅଦାଲତ କହିଲେ ଯେ ଏସଂକ୍ରାନ୍ତ ରାୟ କେବଳ ସଂପୃକ୍ତ ହାଇକୋର୍ଟ ହିଁ ଦେଇପାରିବେ । ହାଇକୋର୍ଟ ରାୟ ନଶୁଣାଇବା ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ୱାକଫ୍ ସଂପତ୍ତିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ସେହିଭଳି ଜଣେ ବ୍ୟକ୍ତି ଅତିକମ୍‌ରେ ୫ ବର୍ଷ ଧରି ଇସଲାମ ଧର୍ମ ପାଳନ କରିଥିଲେ ଯାଇ ସଂପତ୍ତି ୱାକଫ୍ (ଦାନ) କରିପାରିବ ବୋଲି ଆଇନରେ ଥିବା ସର୍ତ୍ତ ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ । ମାନ୍ୟବର ଖଣ୍ଡପୀଠ କହିଛନ୍ତି ଯେ ରାଜ୍ୟ ସରକାର ଏଭଳି ସର୍ତ୍ତ ସଂପର୍କରେ ନିୟମ ନକରିବା ପର୍ଯ୍ୟନ୍ତ କେନ୍ଦ୍ରୀୟ ଆଇନ ଯୁକ୍ତିଯୁକ୍ତ ନୁହେଁ । ୱାକଫ୍ ବୋର୍ଡରେ ଅଣମୁସଲିମ ସଭ୍ୟଙ୍କ ପାଇଁ ସଂରକ୍ଷଣ ସଂପର୍କରେ କୋର୍ଟ କହିଛନ୍ତି ଯେ ରାଜ୍ୟ ୱାକଫ ବୋର୍ଡରେ ତିନିରୁ ଅଧିକ ଅଣମୁସଲିମ ସଭ୍ୟ ରହିପାରିବେ ନାହିଁ । ସେହିଭଳି କେନ୍ଦ୍ରୀୟ ୱାକଫ୍ ବୋର୍ଡରେ ୪ରୁ ଅଧିକ ଅଣମୁସଲିମ ସଭ୍ୟ ରହିବା ଉଚିତ ନୁହେଁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ବୋର୍ଡର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମୁସଲିମ ସମୁଦାୟରୁ ହେବା ଉଚିତ ।

ଏହାସହିତ କୋର୍ଟ ୱାକଫ୍ ସଂପତ୍ତିର ପଞ୍ଜୀକରଣ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ପୁରୁଣା ଆଇନରେ ଏହି ବ୍ୟବସ୍ଥା ରହିଛି । କୋର୍ଟ କହିଥିଲେ ଯେ ସଂଶୋଧିତ ୱାକଫ୍ ଆଇନର ତର୍ଜମା କରାଯାଇଛି । ଯାହା ଜଣାପଡୁଛି, ଏଥିରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ହୋଇନାହିଁ । ତେଣୁ ଆଇନ ଉପରେ ସାମଗ୍ରିକ ରୋକ୍ ଲଗାଇବା ଜରୁରି ନୁହେଁ । କେବଳ ବିରଳରୁ ବିରଳ ମାମଲାରେ ହିଁ ରୋକ୍ ଲଗାଯାଇପାରିବ । ସୂଚନାଯୋଗ୍ୟ ଯେ ୱାକଫ୍ ଆଇନରେ ବ୍ୟାପକ ସଂଶୋଧନ କରି କେନ୍ଦ୍ର ସରକାର ଗତ ଏପ୍ରିଲ ୮ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ । ବିଭିନ୍ନ ମୁସଲିମ ସଂଗଠନ ଏହାକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରିଥିଲେ । ଏହାକୁ ମୁସଲିମ ବିରାଧୀ ବୋଲି ଯୁକ୍ତି କରି ସେମାନେ ଏହା ଉପରେ ରୋକ ଲଗାଇବାକୁ ଦାବି କରିଥିଲେ । ମାମଲାର ଶୁଣାଣି କରି ମଇ ୨୨ ତାରିଖରେ ମାନ୍ୟବର ସୁପ୍ରିମ କୋର୍ଟ ରାୟ ସଂରକ୍ଷିତ ରଖିଥିଲେ ।

### ପ୍ରେମିକକୁ ଗଛରେ...

ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ହେଉଛି । ଗଣମାଧ୍ୟମକୁ ଏ ସଂପର୍କରେ କୌଣସି ସୂଚନା ଦିଆଯାଉନାହିଁ । ଅପରପକ୍ଷେ, ସୋମବାର ଗଣମାଧ୍ୟମ ପ୍ରତିନିଧିମାନେ ପୀଡ଼ିତାଙ୍କ ଘରକୁ ଯାଇଥିଲେ । କିନ୍ତୁ ତାଙ୍କ ଘର ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ । ସେହିପରି ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଏବଂ ସଦର ଏସ୍‌ଡିପିଓ ପ୍ରାୟ ୨ ଘଣ୍ଟା ଧରି ବ୍ରହ୍ମଗିରି ଥାନା ଭିତରେ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ । ବାହାରେ ଗଣମାଧ୍ୟମ ପ୍ରତିନିଧିମାନେ ଜଗି ରହିଥିଲେ । ବୈଠକ ପରେ ଉଭୟଙ୍କୁ ପ୍ରଶ୍ନ କରିବାରୁ ସେମିତି କିଛି ଅଭିଯୋଗ ହୋଇନାହିଁ କହି ପ୍ରସଙ୍ଗକୁ ଏଡ଼ାଇ ଦେବାକୁ ଚେଷ୍ଟା କରିଥିଲେ । ଏ ସଂପର୍କରେ ଏସ୍‌ପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପୀଡ଼ିତାଙ୍କ ଡାକ୍ତରୀମାଇନା ନେଇ ପ୍ରକ୍ରିୟା ଚାଲିଛି ।

### ୨୮ ହଜାର ଲିଟର...

ହଜାର ଲିଟର କ୍ଷୀରର ପ୍ରକୃତ ମୂଲ୍ୟ ବଜାର ଦର ଅନୁସାରେ ୮ରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ସୂଚନାଯୋଗ୍ୟ ଯେ କୁଷ୍ପଙ୍ଗି ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା ପଛପଟେ ଗତ ୯ ତାରିଖ ରାତିରେ କ୍ଷୀର ଅପମିଶ୍ରଣ କାରବାର ଚାଲିଥିଲା । ଏ ସମ୍ପର୍କରେ ଗୁରୁଡିଝାଟିଆ ଥାନା ପୁଲିସ ଖବର ପାଇ ଅତର୍କିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା । ଅପମିଶ୍ରିତ କ୍ଷୀର ବୋଝେଇ ଟ୍ୟାଙ୍କରକୁ ପୁଲିସ ଜବତ କରିବା ସହ ଏକ ଟାଟା ଏସି ଗାଡ଼ିରେ ରହିଥିବା ୫ଟି ରାସାୟନିକ ପଦାର୍ଥ ମିଶା କ୍ଷୀର ଜାର ଜବତ କରିଥିଲା । ପୁଲିସକୁ ଦେଖି ନକଲି କ୍ଷୀର ଅପମିଶ୍ରଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । କେବଳ କ୍ଷୀର ବୋଝେଇ ଟ୍ୟାଙ୍କର ଚାଳକକୁ ପୁଲିସ ମାଡ଼ି ବସିଥିଲା । ଜବତ ଟ୍ୟାଙ୍କରରେ ପ୍ରାୟ ୨୮ ହଜାର ଲିଟର ଅପମିଶ୍ରଣ କ୍ଷୀର ରହିଥିବା ଜଣାପଡ଼ିଥିଲା । ଏହି ଘଟଣାରେ ଡ୍ରାଇଭରକୁ ପଚରାଉଚରା କରି ପୁଲିସ ବହୁ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଥିଲା । ସୁସଙ୍ଗଠିତ ରାକେଟ୍ ଦ୍ୱାରା କ୍ଷୀର ଅପମିଶ୍ରିତ କାରବାର ଦୀର୍ଘ ଦିନ ଧରି ଚାଲିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା । ଜବତ କ୍ଷୀର ବୋଝେଇ ଟ୍ୟାଙ୍କରଟି ସମ୍ବଲପୁର ଜିଲ୍ଲାରୁ କଟକ ଆସୁଥିବା ବେଳେ ବାଟରେ ଗୁରୁଡିଝାଟିଆ ଥାନା ଅଞ୍ଚଳ କୁଷ୍ପଙ୍ଗି ନିକଟସ୍ଥ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ପଛପଟେ ଅପମିଶ୍ରଣ ହେଉଥିଲା । ମେସିନ୍ ଦ୍ୱାରା କ୍ଷୀର ଗାଡ଼ି ମଧ୍ୟରେ ପାଣି ଲୋଡ କରି କ୍ଷୀରକୁ ବାହାର କରି ସେଥିରେ ଲୁଣ, ପାଉଡର୍ ଓ ଏକ କେମିକାଲ ଅପମିଶ୍ରିତ କରି ଦିଆଯାଉଥିଲା । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୁଲିସକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ଉଠିଛି ।

ପ୍ରକାଶଥାଉ କି, ଗତ ୧୨ତାରିଖ ଦିନ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଞ୍ଚଳର ସୁଧିର ତିୱାରୀ ଏବଂ ଚୌଦ୍ୱାର ଥାନା ଅଞ୍ଚଳର ପ୍ରକାଶ ଖୁଣ୍ଟିଆଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଅପମିଶ୍ରିତ କ୍ଷୀର କାରବାର ସମ୍ପର୍କରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି । ଅପମିଶ୍ରିତ କ୍ଷୀର ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି । ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ଖୋଳତାଡ଼ ଜାରି ରହିଛି ।

### ପିଇବା ଯୋଗ୍ୟ...

କେତେକ ସ୍ଥାନରେ ଟ୍ୟାଙ୍କର୍ ମଧ୍ୟ ଯୋଗାଇ ଦିଆଯାଉଛି । କିନ୍ତୁ ବିଶୋଧନାଗାର ପାଣିର ସ୍ଥିତ ଏତେମାତ୍ରାରେ ଅପରିଷ୍କାର ରହିଛି ଯେ ସେଥିରୁ ଜଣ୍ଡିସ୍, ଡାଇରିଆ ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଛି । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ୱାଟକୋକୁ ଚିଠି ଲେଖିଛି । ମହାନଗର ନିଗମ ଅନ୍ତର୍ଗତ ବରେଇପାଲି, ମାନେଶ୍ୱର, ଖଣ୍ଡୁଆଲ ଓ ବିଭିନ୍ନ ବିଶୋଧନାଗାରକୁ ଜନସ୍ୱାସ୍ଥ୍ୟ ବିଭାଗ ପରିଦର୍ଶନ କରିଥିଲା । ଗତ ୩ ତାରିଖରେ ପାଣିର ନମୁନା ସଂଗ୍ରହ କରିଥିଲା । ପିଇବା ପାଣିର ଗୁଣବତ୍ତା ନେଇ ପରୀକ୍ଷା କରାଯାଇଥିଲା । କ୍ଲୋରିନେସନ୍‌ର ମାତ୍ରା ଓ ଏଚ୍‌ଟୁଏସ୍ ପରୀକ୍ଷାରେ ମାନେଶ୍ୱର ଅଞ୍ଚଳରେ ଏହି ପାଇପ ପାଣି ପିଇବା ଉପଯୋଗୀ ନୁହେଁ ବୋଲି ଦର୍ଶାଯାଇଛି । ଲୋକଙ୍କ ଅଭିଯୋଗ ଅନୁସାରେ, ପାଇପରୁ ପାଣି କାଦୁଆ ରହିଥିବା ବେଳେ ଅଧିକ ସମୟ ଦୁର୍ଗନ୍ଧ ବାହାରୁଛି । ଏହି ପାଣି ମହାବୀରପଡ଼ା, ଧନୁପାଲି ମାନେଶ୍ୱର ମାର୍କେଟ୍ ଅଞ୍ଚଳରେ ବିଗତ ଅଧିକାଂଶ ଦିନରେ ଆସୁଛି । ଅଧିକାଂଶ ସ୍ଥାନରେ ପାଇପ୍ ଫାଟିଯାଇଛି । ବିଶେଷକରି, ପାଣିରେ କ୍ଲୋରିନେସନ ଅଭାବ ଥିବା ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ୱାଟ୍‌କୋ ଏହାକୁ ଅବମାନନା କରି ଯଦି ଏପରି ପାଣି ଯୋଗାଇବା ଜାରି ରଖିବ, ଆଗକୁ ଭୟଙ୍କର ସ୍ଥିତି ଉପୁଜିବ ବୋଲି ରିପୋର୍ଟରେ ଦର୍ଶାଯାଇଛି । ୨୦୧୪ ମସିହାରେ ସମ୍ବଲପୁରରେ ଭୟଙ୍କର ଜଣ୍ଡିସ୍ ରୋଗ ସ୍ଥିତି ଉପୁଜିଥିଲା । ତେଣୁ, ଏପରି ପରିସ୍ଥିତି ଜାରି ରହିଲେ ପୁଣି ସମ୍ବଲପୁରରେ ଜଣ୍ଡିସ ସ୍ଥିତି ଦେଖାଯିବ ବୋଲି ଚିଠି ନମ୍ବର ୧୩୧୨ ରେ ୱାଟ୍‌କୋକୁ ସଚେତନ କରାଯାଇଛି । ଏଣୁ ଶୀଘ୍ର ସମସ୍ତ ପାଇପ ମରାମତି କରିବାକୁ କୁହାଯାଇଛି ।

ଉଲ୍ଲେଖଯୋଗ୍ୟ, ଘରକୁ ଯାଇଥିବା ପାଣିର ଅଧିକାଂଶ ପାଇପ୍ ଡ୍ରେନ ମଧ୍ୟରେ ରହିଛି । ଅନେକ ପାଇପ୍ ଫାଟି ଡ୍ରେନ ପାଣି ସିଧାସଳଖ ମିଶୁଛି । କେତକ ସ୍ଥାନରେ ପାଣି ଲିକେଜ୍ ମଧ୍ୟ ହେଉଛି । ଆଉ କେତକ ସ୍ଥାନରେ ପାଇପରେ ଜଙ୍କ ଲାଗି ସାରିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ଏଥିପ୍ରତି ଧ୍ୟାନ ଦେଉନାହିଁ । ଲୋକଙ୍କ ସ୍ୱାସ୍ଥ୍ୟ ସହ ୱାଟକୋ ଖେଳ ଖେଳୁଥିବା ଆଲୋଚନା ହେଉଛି । କିଛି ଦିନ ପୂର୍ବରୁ ଟ୍ରାନ୍ସଫରମର୍ ପୋଡ଼ିଯିବାରୁ ବରେଇପାଲି ବିଶୋଧନାଗାରରୁ ପିଇବା ପାଣି ଯୋଗାଣ ବନ୍ଦ ରହିଥିଲା ।

### ରାଜଧାନୀରେ ଗର୍ଜିଲା...

ଚାଷୀଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀ । ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦଳର ବରିଷ୍ଠ ନେତାମାନେ ଅଭିଯୋଗ କରିଛନ୍ତି । ସାର ବ୍ୟାଗ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି । ଗତ ଦୁଇ ଦଶନ୍ଧିରେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେବି ସୃଷ୍ଟି ହୋଇନଥିଲା । ସାରର ଅଭାବ ଦେଖା ଦେବା ପରେ ତୁରନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ପାଇଁ ଅନୁରୋଧ କଲେ; କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଥର ସମୀକ୍ଷା କଲେଣି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ସାର ନପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି । ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡିବ । ସେଥିପାଇଁ ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ।

ସମାବେଶ ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜଭବନରେ ରାଜ୍ୟର ସାର ସ୍ଥିତି ସଂକ୍ରାନ୍ତରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦଳର ବରିଷ୍ଠ ନେତା ତଥା କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଥିଲେ । ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ, ସେଥିପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି । ରାଜ୍ୟପାଳଙ୍କ ନିକଟକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡାଇ, ବ୍ୟୋମକେଶ ରାୟ, ଧ୍ରୁବ ଚରଣ ସାହୁ, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ଡ. ଅମର ପଟ୍ଟନାୟକ, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ଗୌତମବୁଦ୍ଧ ଦାସ, ଦେବୀ ରଞ୍ଜନ ତ୍ରିପାଠୀ, ଗଣେଶ୍ୱର ବେହେରା, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ସୁଦର୍ଶନ ହରିପାଲ, ସୁଜାତା ସାହୁ, ବିଜୟ ନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ରମାକାନ୍ତ ଭୋଇ, ନୃସିଂହ ସାହୁ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଜଗନ୍ନାଥ ସାରକା, ଭୃଗୁ ବକ୍ସିପାତ୍ର, ମହେଶ ସାହୁ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଲତିକା ପ୍ରଧାନ, ରଞ୍ଜିତା ସାହୁ, ରମେଶ ଚନ୍ଦ୍ର ଚାଉପଟ୍ଟନାୟକ, ପଦ୍ମନାଭ ବେହେରା, ପ୍ରଦୀପ ମାଝୀ, ସୁଧୀର ସାମଲ, ରୁଦ୍ର ମହାରଥୀ, ଉମାକାନ୍ତ ସାମନ୍ତରାୟ, ଅମରେଶ ପତ୍ରି, ସଞ୍ଜିତ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ ପ୍ରମୁଖ ସାମିଲ ଥିଲେ ।

### ସ୍ୱର୍ଗଦ୍ୱାରରୁ ଫେରିଆସିଲା...

ପରିବାରଲୋକେ ରିପୋର୍ଟ ଆଣି ନ ଥିଲେ । ତେଣୁ ଶବଦାହ ପ୍ରକ୍ରିୟା ବିଳମ୍ବ ହୋଇଥିଲା । କାଗଜପତ୍ର ଆଣିବା ପାଇଁ ତାଙ୍କୁ କୁହାଯାଇଥିଲା । ଏହାରି ଭିତରେ କିଛି ସମୟ ବିଳମ୍ବ ହୋଇଥିଲା । ସ୍ୱର୍ଗଦ୍ୱାରର କର୍ମଚାରୀ ପି. ଲକ୍ଷ୍ମୀଙ୍କ ପାଖକୁ ଯାଇଥିଲେ । ହେଲେ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲୁଥିବା ଦେଖିବାକୁ ପାଇଥିଲେ । ସେ ଜୀବିତ ଥିବା ଜାଣିବା ପରେ ସଙ୍ଗେସଙ୍ଗେ ତାଙ୍କୁ ହସ୍ପିଟାଲ ନେବା ପାଇଁ ନିଷ୍ପତ୍ତି ହୋଇଥିଲା । ସ୍ୱର୍ଗଦ୍ୱାର କର୍ମଚାରୀ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଆମ୍ବୁଲାନ୍ସ ପହଞ୍ଚିବା ପରେ ପରିବାର ସଦସ୍ୟ ଓ ସ୍ୱର୍ଗଦ୍ୱାର କର୍ମଚାରୀ ମିଶି ସଦର ମୁଖ୍ୟ ଚିକିତ୍ସାଳୟରେ ପି. ଲକ୍ଷ୍ମୀଙ୍କୁ ଭର୍ତ୍ତି କରାଇଛନ୍ତି । ତାଙ୍କର ଚିକିତ୍ସା ଚାଲିଛି । ସ୍ୱର୍ଗଦ୍ୱାରରେ ତାଙ୍କ ମା'ଙ୍କ ଜୀବନ ଫେରିଛି । ଏହା ଏକ ଚମତ୍କାର ବୋଲି ପରିବାର ସଦସ୍ୟ କହି ଖୁସିବ୍ୟକ୍ତ କରିଛନ୍ତି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

ସ୍ୱର୍ଗଦ୍ୱାରର ସ୍ୱେଚ୍ଛାସେବୀ ବ୍ରଜକିଶୋର ସାହୁ କହିଛନ୍ତି, ପ୍ରତିଦିନ ୮୦ରୁ ୯୦ ଶବଦାହ ପାଇଁ ଆସୁଛି । ଆମେ ୩ଟି କାଗଜପତ୍ର ରଖୁଛୁ । ମୃତକ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆଧାରକାର୍ଡ ଏବଂ ମୃତ୍ୟୁ ପ୍ରମାଣପତ୍ର । ପି.ଲକ୍ଷ୍ମୀ ପହଞ୍ଚିବା ପରେ ଆମେ ଆବଶ୍ୟକ କାଗଜପତ୍ର ମାଗିଥିଲୁ । କିନ୍ତୁ ତାଙ୍କ ପାଖରେ ମୃତ୍ୟୁ ପ୍ରମାଣପତ୍ର ନ ଥିଲା । ଏହାପରେ ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିଲା । ମୃତ୍ୟୁ ପ୍ରମାଣପତ୍ର ଦେବା ପାଇଁ କୁହାଯାଇଥିଲା । ଏହାରି ଭିତରେ ଜଣେ କର୍ମଚାରୀ ତାଙ୍କ ପାଖକୁ ଯାଇ ଦେଖିଲା ବେଳକୁ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲିଥିଲା । ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲୁ । ତାଙ୍କ ପରିବାର ସଦସ୍ୟ ବି ଏଠାରେ ରହିଛନ୍ତି ବୋଲି କହିଛନ୍ତି ବ୍ରଜକିଶୋର । ପି.ଲକ୍ଷ୍ମୀଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଡାକ୍ତର ସନ୍ଦେହ କରୁଥିବା ବେଳେ ତାଙ୍କୁ ଭେଷଜ ବିଭାଗର ଆଇସିୟୁରେ ରଖି ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଛନ୍ତି ।

### ଜଗା ଦୁଆରେ ଉଡ଼ିଗଲା...

ଯାଉଥିଲେ । ବାଇଶିପାହାଚ ଚଢ଼ି ଯିବା ବେଳେ ହଠାତ୍ ଅଚେତ୍ ହୋଇ ପଡ଼ି ଯାଇଥିଲେ । ଏହାଦେଖି ପରିବାର ସଦସ୍ୟ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି ।


**NOTICE** (Above 18 years of age)

By Virtue of an Affidavit sworn before the Executive Magistrate, Udala, Mayurbhnaj, dated 04-09-2025 I, Sukulmani Soren, Address At- Andiatikira, Po- Dengam, Ps- Khunta, Dist- Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as Sukulmani Soren for all purposes.

Sd/-Sukulmani Soren

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Smt. Laxmi Hial, W/o- Late Sublan Hial, Vill.- Luhaba, Po.- Subai, Ps.- Nandapur, District- Koraput declare that I have changed my name from **Lakhmi Hial** to **Laxmi Hial**. Henceforth, I shall be known as **Laxmi Hial** for all purposes.

Sd/- **Laxmi Hial**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Sri Padu Guntha, S/o- Late Dhana Guntha, Vill.- Kulab, Po.- Subai, Ps.- Similiguda, District- Koraput declare that I have changed my daughter's name from **Babnita Guntha** to **Bobita Guntha**. Her date of birth is 29/03/2017. Hence- forth, she shall be known as **Bobita Guntha** for all purposes.

**AFFIDAVIT**

I, Hawa Bibi, aged about 60 years, W/o- Shaikh Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1910, dtd- 14/09/2025 that now onwards I shall be known as **HAWA KHATUN** for all future purposes.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/09/2025 I, Sri Ugra Sisha, Vill.- Talageruput, Po.- Malibelgaon, Ps.- Nandapur, District- Koraput declare that I have changed my name from **Ugresan Sisha** to **Ugra Sisha**. Henceforth, I shall be known as **Ugra Sisha** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar,vide CF No-39/ dated- 16/08/2025. I, **Itishree Biswal,** W/o- Dinabandhu Mohapatra, Address: At- LB-114, Stage-II, Laxmisagar, Near Lalbahadur Club, Laxmisagar, PO: Budheswari Colony, PS: Laxmisagar, Bhubaneswar, Dist: Khordha, PIN: 751002 Odisha declare that I have changed my name from **Itishree Mohapatra** To **Itishree Biswal.** Henceforth, I shall be known as **Itishree Biswal** (new name) for all future purposes.

**Itishree Biswal**

**AFFIDAVIT**

By virtue of an Affidavit sworn before Executive Magistrate Begunia vide no. - 1336, on dated. 09.09.2025, I Maharaj Shashwata Chaitanya, C/o- Swami Brahmananda Saraswati At- Kendupalli, Po.-Mallipadar, Ps.- Begunia, Dist.- Khordha, PIN- 752061 declare that, I have changed my name from **Srikanta Swain** to **Maharaj Shashwata Chaitanya**. Henceforth, I shall be known as **Maharaj Shashwata Chaitanya** for all purpose.

**AFFIDAVIT**

By virtue of an affidavit before The Executive Magistrate, Saintala, on dated- 11/09/2025. I, **Surubali Chhatria,** formerly called as Bui Chhatria, W/o- Late Jogadhyana Chhatria, permanent resident of At- Phapsi, Po- Gandapatrapali, P.S.- Saintala, Dist.- Balangir, (Odisha), PIN- 767032, now residing at the same place affirm that I have changed my name from **Bui Chhatria** (old name) to **Surubali Chhatria** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surubali Chhatria** (new name).

**Surubali Chhatria**

**AFFIDAVIT**

I, Kallola Mohapatra, aged about 52 years, S/o- Late Gobardhan Mohapatra, resident of At- Qr No-14/32, MIG-II, BDA Colony, Ps- Chandrasekharpur, Bhubaneswar, Dist- Khurda, Odisha, Pin- 751016, do hereby declare by this affidavit No.1906, dtd. 13/09/2025, that now onwards I shall be known as **KALLOLA KUMAR MOHAPATRA** for all future purposes

**AFFIDAVIT**

I, Tanjum Jahan A, aged about 35 years, W/o- Ayub Mohammad, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1912, dtd- 14/09/2025 that now onwards I shall be known as **TANJUM JAHAN** for all future purposes.

**VEHICLE FOR SALE**

TATA ACE GOLD ELECTRIC-2023 Regn No. OD-29-L-8707 in as is where is condition.
Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**VEHICLE FOR SALE**

MAHINDRA 575 DI 45 HP TRACTOR-2023 Regn No. OD-29-L-4086 in as is where is condition.
Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 10/09/2025. I, **Binodini Jani** (Applicant name), aged about 28 years, W/O- Dhansingh Jani, Permanent resident of At- Turekela, PO- Jamkhunta, PS- Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor son's name from **Minaketan Jani** (old name) to **Miniketan Jani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Miniketan Jani** (new name).

**Binodini Jani**

**AFFIDAVIT**

By virtue of an affidavit sworn before the Notary Public, Kakatpur, Puri, dated- 10/09/2025. I, **Hedayatulah Khan,** S/o- Late Wastullah Khan, Address: Lataharan, PO: Lataharan, Ps: Kakatpur, Dist: Puri, Odisha, PIN: 752119 declare that I have changed my name from **Rajuddin To Hedayatulah Khan.** Henceforth, I shall be known as **Hedayatulah Khan** (new name) for all future purposes.

**AFFIDAVIT**

I, Ayub Mohammed, aged about 40 years, S/o- Sk Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1911, dtd- 14/09/2025 that now onwards I shall be known as **AYUB MOHAMMAD** for all future purposes.

**AFFIDAVIT**

I, Hansraj Jain, aged about 48 years, S/o- Dalichand Surana, resident of At- Main Road, Malkangiri, PO/PS/Dist- Malkangiri, PIN- 764045, Odisha declared by this affidavit No. 1913, dtd- 14/09/2025 that now onwards I shall be known as **HANSRAJ SURANA** for all future purposes.

**AFFIDAVIT**

I, Aditi Behera, D/o- Amit Kumar Behera, resident of LIG-72, Stage-2, Brit Colony, Nilakantha Nagar, Po/Ps- Berhampur, Dist- Ganjam, Pin- 760002, Odisha declared by this affidavit No. 83, dtd- 11/08/2025 that now onwards I shall be known as **ADITI PRIYADARSHINI** for all future purposes.

**AFFIDAVIT**

I, Ektaben Ajaykumar Yadav, aged about 33 years, W/o- Ajaykumar Yadav, resident of AT- B/7, Lower Camp, Joda West, Ps- Joda, Dist- Keonjhar, Odisha, Pin- 758034 declare by this affidavit No.1916, dtd- 15.09.2025, that now onwards I shall be known as **Dalwadi Ektaben Navnitkumar** for all future purposes.

**AFFIDAVIT**

I, Pragati Chanduka, aged about 28 years, D/o- Parash Kumar Agarwal, resident of At- Old Sadar, Thana Lane, Puri, Dist- Puri, PIN- 752001, Odisha declared by this affidavit No. 1908, dtd- 14/09/2025 that now onwards I shall be known as **PRAGATI AGARWAL** for all future purposes.

**AFFIDAVIT**

I, Rajendra Swar, S/o- Bidyadhar Suara, resident of Plot No- 1970/9861, Near Senior Citizen Club, Satya Vihar, Po.- Rasulgarh, Ps.- Mancheswar, Bhubaneswar, Dist- Khorda, Pin- 751010 Odisha declare by this affidavit CF No.133, dtd.-12/09/2025 that now onwards I shall be known as **RAJENDRA KUMAR SUARA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 29/07/2025, I, **Ranjita Mishra,** Address: Plot No. 63, Bhoinagar, Near Science Park, Bhubaneswar, Khurda, Pin-751022, Odisha declare that I have changed the name of my daughter from **Debasmita Mishra** to **Saloni Mishra.** Henceforth, She shall be known as **SALONI MISHRA** for all purposes.

**Ranjita Mishra**

**AFFIDAVIT**

I, Rashmita Mohapatra, aged about 45 years, W/o- Prasanta Kumar Mishra, resident of At- Ramachandrapur, Khajuria, Brahmagiri, Dist- Puri, PIN- 752011, Odisha declared by this affidavit No. 1909, dtd- 14/09/2025 that now onwards I shall be known as **RASMITA MISHRA** for all future purposes.

**AFFIDAVIT**

I, Mirza Mozibur Rahman, aged about 44 years, S/o- Mirza Mahiraj Baig, resident of At- Quazisahi (Baliorada), Ps- Purunabazar, PO/Dist- Bhadrak, Odisha declared by this affidavit No. 7149, dtd- 18/07/2025 that now onwards I shall be known as **MIRZA MOZIBUR RAHAMAN** for all future purposes.

**AFFIDAVIT**

I, Simanchala Biswal, S/o- Parasu Biswal, resident of At- Nuagada, Po-Angargaon, Dist- Ganjam, Pin- 761035, Odisha declared by this affidavit No. 733, dtd- 09/09/2025 that now onwards I shall be known as **SIMANCHAL BISWAL** for all future purposes.

**AFFIDAVIT**

By virtue of an affidavit before the Executive Magistrate, Khariar, on dated- 11/09/2025. I, **Naresh Sunani** (Applicant name), S/O- Late Maniram Sunani, Permanent resident of Village- Nandigaon, PO- Chalana, PS- Sinapali, Dist- Nuapada, (Odisha), PIN- 766108, now residing at the same place affirm that I have changed my minor son's name from **Satwik Sunani** (old name) to **Samprit Naresh Sunani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Samprit Naresh Sunani** (new name).

**Naresh Sunani**

**AFFIDAVIT**

By virtue of an affidavit sworn before the Notary Public, Cuttack, dated- 11/09/2025. I, **Sk Safiquddin Tarafdar,** S/o- Sk Sakur Tarafdar, Address: VTC- Sanakadab, PO: Kadab, Sub-District: Begunia, District: Khurda, PIN: 752062, Odisha declare that I have changed my name from **Sheikh Safiqueuddin Tarafdar To Sk Safiquddin Tarafdar.** Henceforth, I shall be known as **Sk Safiquddin Tarafdar** (new name) for all future purposes.

e-mail: eephbhpt@gmail.corn

**GOVERNMENT OF ODISHA** C-1077

OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT - 27 of 2025-26/ Dt. 12.09.2025**
**e-Procurement Notice**

| | | | |
|---|---|---|---|
| 01. | Name of the Work | : | 1No Work. |
| 02. | Type of Bid | : | Single Bid System |
| 03. | Approx. Estimated Cost | : | Rs. 24.63 Lakh |
| 04. | Period of Completion | : | 02 (Two) Calendar Months |
| 05. | Date & Time of availability of bid document in the portal | : | From 11.00 AM of dt. 16.09.2025 to 5.00 PM of 25.09.2025 |
| 06. | Last date / time of receipt of bids in the portal | : | 5.00 PM of 25.09.2025. |
| 07. | Date & Time of opening of technical bids | : | At 11.30 AM of 26.09.2025 |
| 08. | Name and Address of the Officer Inviting Bid | : | Additional Chief Engineer, P.H. Division Bhawanipatna, Railway Station Road, At/Po- Parmanandpur, 766002 Dist- Kalahandi. |

**Further details can be seen from the web site http://tenders.ori.nic.in or www.tendersorissa.gov.in**

OIPR-13059/11/0043/2526

Sd/- Additional Chief Engineer, P.H. Division, Bhawanipatna

**ODISHA HYDRO POWER CORPORATION LTD.**
(A Government of Odisha Undertaking) CAD-1757
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, At: P.O.: BARINIPUT: DIST. KORAPUT — 764006, PHONE: (06854) 242001
FAX: - (06854) 242038, E-mail: sgmel.ukhep@gmail.com

No. OHPC: SGM: UKHEP: C & P:/ 4600 /Dated, Bariniput the 12/9/25

**NOTICE INVITING TENDER No. 27/25-26 Date. 12/09/25**

Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | Hiring of one number of Ambulance (TATA WINGER/MAHINDRA AMBULANCE) or equivalent with A.C. for Generation Division, UKHEP, Bariniput for four (04) years i.e. 2025-26 to 2028-29. | Rs. 7080/- (Rs.6000/- + 18%GST) | Rs. 25,000/- |

Sale of tender paper : From **18/09/25** to **11:00** Hrs. of **06/10/2025**
Last date of submission of tender : Up to **12:00** Hrs. of **06/10/2025**
Date & Time of opening of tender : At **12:30** Hrs. of **06/10/2025**

For details of the tender documents, terms and conditions please visit our wsbsite www.ohpcltd.com

OIPR-04002/11/0123/2526

**Sd/- C & P Head, UKHEP, Bariniput.**

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୧୭ ● ପାଉଣ୍ଡ ୧୧୯.୫୫
- ୟୁରୋ ୧୦୩.୮୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୧,୮୦୦ (ନୂଆଦିଲ୍ଲୀ)
- ରୁପା : ୧,୪୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୮୫.୦୦
- ନିଫ୍ଟି ୨୫,୦୬୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ସାହାରା ଅର୍ଥ ଫେରସ୍ତ ମାମଲା** | **ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି**

# ସାହାରା ନିବେଶକଙ୍କ ପାଇଁ ୫୦୦୦ କୋଟି ଜାରି

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଗତକାଲି ସାହାରା ଗ୍ରୁପର ସମବାୟ ସମିତିରେ ନିବେଶ କରିଥିବା ଜମାକାରୀଙ୍କୁ ସୁପ୍ରିମକୋର୍ଟ ଏକ ଆଶ୍ୱସ୍ତି ଖବର ଦେଇଛନ୍ତି। ସୁପ୍ରିମକୋର୍ଟ ସେବି-ସାହାରା ଆକାଉଣ୍ଟରୁ ଅତିରିକ୍ତ ୫୦୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି, ଯାହାଫଳରେ ଜମାକାରୀମାନେ ଖୁବ୍ ଶୀଘ୍ର ସେମାନଙ୍କର ବକେୟା ଟଙ୍କା ଫେରିପାଇବେ। ଏଥିରେ କୋର୍ଟ ସାହାରା ପାଣ୍ଠିରୁ ୫୦୦୦ କୋଟି ଟଙ୍କା ଉଠାଇ ନିବେଶକମାନଙ୍କୁ ଫେରାଇବାକୁ ମଞ୍ଜୁରୀ ଦେଇଛନ୍ତି। ସେହି ନିବେଶକକମାନେ ଏବେ ସେମାନଙ୍କର ଟଙ୍କା ଫେରିପାଇବେ, ଯେଉଁମାନଙ୍କର ଟଙ୍କା ଏ ପର୍ଯ୍ୟନ୍ତ ସାହାରାର ଯୋଜନାରେ ଫସିରହିଥିଲା। ଏହି




ନିଷ୍ପତ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ରାଶି ଗୋଟିଏ ସପ୍ତାହ ମଧ୍ୟରେ କେନ୍ଦ୍ରୀୟ ସମବାୟ ସମିତିର ରେଜିଷ୍ଟ୍ରାରଙ୍କୁ ସ୍ଥାନାନ୍ତର କରାଯିବ, ଯାହା ଦ୍ୱାରା ପ୍ରକୃତ ନିବେଶକମାନେ ତଦନ୍ତ ପରେ ଟଙ୍କା ପାଇପାରିବେ।

ସମଗ୍ର ପ୍ରକ୍ରିୟାକୁ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଆର. ସୁଭାଷ ରେଡ୍ଡି ତଦାରଖ କରିବେ। ଅପରପକ୍ଷେ ନିବେଶକଙ୍କୁ ସାହାରା ଅର୍ଥ ରିଫଣ୍ଡ କରିବାର ଶେଷ ତାରିଖ ୨୦୨୬ ପର୍ଯ୍ୟନ୍ତ ବଢ଼ାଇଦିଆଯାଇଛି। ଅର୍ଥାତ୍ କୋର୍ଟ ନିବେଶକଙ୍କୁ ଟଙ୍କା ଫେରସ୍ତ କରିବାର ଶେଷ ତାରିଖ ୨୦୨୫ ଡିସେମ୍ବର ୩୧ ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହା ଲକ୍ଷ ଲକ୍ଷ ନିବେଶକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ସରକାର କୋର୍ଟଙ୍କୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୬ଲକ୍ଷରୁ ଅଧିକ ନିବେଶକଙ୍କୁ ପ୍ରାୟ ୫୦୫୩ କୋଟି ଟଙ୍କା ଫେରସ୍ତ କରାଯାଇଛି। ସେହି ସମୟରେ, ୧୩.୩୪ ଲକ୍ଷ ନୂତନ ନିବେଶକ ମଧ୍ୟ ଦାବି କରିଛନ୍ତି, ଯାହାର ମୋଟ ପରିମାଣ ୨୭,୮୪୯ କୋଟି ଟଙ୍କା। ଆକଳନ କରାଯାଉଛି ଯେ ୨୦୨୬ ଡିସେମ୍ବର ସୁଦ୍ଧା, ପ୍ରାୟ ୩୨ ଲକ୍ଷ ଅଧିକ ନିବେଶକ ସେମାନଙ୍କର ଦାବି ଦାଖଲ କରିପାରିବେ।ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୨ ମସିହାରୁ ସାହାରା ମାମଲା କୋର୍ଟରେ ଚାଲିଛି। ତେବେ ସୁପ୍ରିମକୋର୍ଟ ଦୁଇଟି ସାହାରା କମ୍ପାନୀକୁ ନିବେଶକଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ, ଏହି ରାଶି ସେବି ସାହାରା ଏସ୍କ୍ରୋ ଆକାଉଣ୍ଟରେ ଜମା ହୋଇଛି, ଯେଉଁଠାରୁ କିସ୍ତିରେ ନିବେଶକମାନଙ୍କୁ ଟଙ୍କା ଫେରସ୍ତ କରାଯାଉଛି।

## ଗୋଟିଏ ସ୍କାନ୍‌ରେ ଉଠିବ ଟଙ୍କା

ଭୁବନେଶ୍ୱର,୧୫।୯ (ଏଜେନ୍ସି): ଦେଶରେ ଲୋକେ ସ୍ମାର୍ଟଫୋନ ଜରିଆରେ ଯେପରି ନଗଦ ଟଙ୍କା ଉଠାଇପାରିବେ ତାହାକୁ ଅଧିକ ସହଜ କରିବା ପାଇଁ ଭାରତୀୟ ନ୍ୟାସନାଲ ପେମେଣ୍ଟ କର୍ପୋରେସନ (ଏନ୍‌ପିସିଆଇ) ବଡ଼ ପ୍ରସ୍ତୁତି ଆରମ୍ଭ କରିଛି। ଏହି ଅନୁଯାୟୀ, ଇଣ୍ଟରଅପରେବଲ୍ କାର୍ଡଲେସ୍ କ୍ୟାସ୍ ଉଠାଣ (ଆଇସିସିଡବ୍ଲ୍ୟୁ) ସିଷ୍ଟମ୍ ମାଧ୍ୟମରେ, ଗ୍ରାହକମାନେ ୟୁପିଆଇ ମାଧ୍ୟମରେ ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ଏଥିରେ ଆପଣଙ୍କୁ କୌଣସି କାର୍ଡର

- **ଦରକାର ହେବନି ଏଟିଏମ୍ କାର୍ଡ**
- **କ୍ୟୁଆର୍ କୋଡ୍‌ରେ ହେବ ସ୍କାନ୍**



ଆବଶ୍ୟକତା ପଡିବ ନାହିଁ, କେବଳ ଫୋନ୍‌ରୁ ୟୁପିଆଇ କ୍ୟୁଆର୍ କୋଡ୍ ସ୍କାନ କରିଲେ ସବୁ କିଛି ସମାଧାନ ହୋଇଯିବ।

ବର୍ତ୍ତମାନ, ୟୁପିଆଇ-ଆଧାରିତ ନଗଦ ଉଠାଣର ସୁବିଧା କେବଳ କିଛି ନିର୍ଦ୍ଦିଷ୍ଟ ଏଟିଏମ୍ କିମ୍ବା ଦୋକାନରେ ଉପଲବ୍ଧ। ଏହାର ମଧ୍ୟ ଏକ ସୀମା ରହିଛି। ସହରାଞ୍ଚଳରେ ପ୍ରତି କାରବାର ପିଛା ସୀମା ୧୦୦୦ ଟଙ୍କା ଏବଂ ଗାଁରେ ୨୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ପ୍ରସ୍ତାବିତ ଯୋଜନା ଅନୁଯାୟୀ, ବିସି ଆଉଟଲେଟଗୁଡ଼ିକରେ ପ୍ରତ୍ୟେକ କାରବାରରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ନଗଦ ଉଠାଣ କରାଯାଇପାରିବ। ବର୍ତ୍ତମାନ ଯଦି ଏହି ୟୁପିଆଇ-ଭିତ୍ତିକ କ୍ୟୁଆର୍ କୋଡ୍ କାର୍ଯ୍ୟକାରୀ ହୁଏ, ତେବେ ଗ୍ରାହକମାନେ ସେମାନଙ୍କ ଫୋନରେ ଯେ କୌଣସି ୟୁପିଆଇ ଆପ୍ ବ୍ୟବହାର କରି କୋଡ୍ ସ୍କାନ କରି ଟଙ୍କା ଉଠାଇପାରିବେ। ଏହି ସୁବିଧା କିଛି ନିର୍ଦ୍ଦିଷ୍ଟ ବ୍ୟାଙ୍କ ଏବଂ ଏଟିଏମ୍ ମେସିନରେ ଉପଲବ୍ଧ ଏବଂ ଏହାର ପ୍ରକ୍ରିୟା ବହୁତ ସହଜ।

## ଟାଟା ପାୱାର କମ୍ୟୁନିଟି ଡେଭେଲପ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ 'ତାନ୍‌ଭି ଦି ଗ୍ରେଟ୍'ର ସ୍ୱତନ୍ତ୍ର ପ୍ରଦର୍ଶନ



ଭୁବନେଶ୍ୱର,୧୫।୯ (ସମିସ): ଟାଟା ପାୱାର କମ୍ୟୁନିଟି ଡେଭେଲପ୍‌ମେଣ୍ଟ ଟ୍ରଷ୍ଟ (ଟିପିସିଡିଟି) ପକ୍ଷରୁ ଅନୁପମ ଖେର୍ ଷ୍ଟୁଡିଓ ସହଯୋଗରେ ଭୁବନେଶ୍ୱରର ଭବାନୀ ମଲ୍ ସ୍ଥିତ ଆଇନକ୍ସ ସିନେମାରେ ତାନ୍‌ଭି ଦି ଗ୍ରେଟ୍ ସିନେମାର ସ୍ୱତନ୍ତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଟାଟା ପାୱାର୍‌ର ପ୍ରମୁଖ ଅଭିଯାନ ପେ' ଅଟେନ୍‌ସନ୍‌ର ଅଂଶ ସ୍ୱରୂପ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଅଟିଜିମ୍‌ରେ ପ୍ରଭାବିତ ବ୍ୟକ୍ତି ଏବଂ ବ୍ୟାପକ ନ୍ୟୁରୋଡାଇଭରସିଟି ଗୋଷ୍ଠୀ ଭିତରେ ସଚେତନତା, ବୁଝାମଣା ଓ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା। ଏହି ସ୍କ୍ରିନିଂ ଅବସରରେ ଟାଟା ପାୱାର୍ ଡିସ୍‌କମ୍‌ଗୁଡ଼ିକର ବରିଷ୍ଠ ଅଧିକାରୀ, ଟାଟା ପାୱାର କର୍ମଚାରୀ, ୨୯୫ ଜଣ ନ୍ୟୁରୋଡାଇଭରସିଟି ପ୍ରଭାବିତ ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତି, ଅଭିଭାବକ, ସ୍ୱତନ୍ତ୍ର ଶିକ୍ଷାଦାତା, ଏନ୍‌ଜିଓ ଓ ସହଯୋଗୀଙ୍କ ଏନ୍‌ଜିଓ ସହଯୋଗୀ, ସରକାରୀ ଅଧିକାରୀ ଏବଂ ନ୍ୟୁରୋଡାଇଭରସିଟିର ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଥିବା ମୋଟ ୪୪୦ ଜଣ ଅଂଶୀଦାର ଏକତ୍ରୀତ ହୋଇଥିଲେ।

## ରେକର୍ଡ ଛୁଉଁଛି ସୁନା, ରୁପା ଦର

**ସୁନା ୧.୧୧ ଲକ୍ଷ, ରୁପା ୧.୪୩ ଲକ୍ଷ ଟଙ୍କା ଟପିଲା**

ଭୁବନେଶ୍ୱର,୧୫।୯ (ଏଜେନ୍ସି): ଦୌଡୁଛି ଭାରତୀୟ ସୁନା ବଜାର। ହୁ ହୁ ହୋଇ ବଢ଼ୁଛି ଦର। ଆମେରିକାର ବାଣିଜ୍ୟ ଶୁଳ୍କ ଏବଂ ବିଶ୍ୱ ବଜାରରେ ଅନିଶ୍ଚିତତା ଲାଗି ରହିବା କାରଣ ଯୋଗୁ ଉପରମୁହାଁ ଦର ଏମିତି ବଢ଼ୁଛି ଯେ, ଏବେ ସୁନା ଓ ରୁପା ମୂଲ୍ୟ ବୃଦ୍ଧିରେ ଲାଗିପାରୁନି ଲଗାମ୍। ଦୈନିକ ପ୍ରତିଷ୍ଠା ହେଉଛି ସୁନା ଦରର ନୂଆ ରେକର୍ଡ। ଦିନକୁ ଦିନ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁର ଦର। ହେଲେ ଏଥିରେ ରୁପା ବି ପଛରେ ପଡିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ରେକର୍ଡ ପାର୍ କରି ନୂଆ ଇତିହାସ ରଚିଛି। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୧୧ ଲକ୍ଷ ଟଙ୍କା ଅତିକ୍ରମ କରିଛି।




ସୋମବାର ନୂଆଦିଲ୍ଲୀର ଏମ୍‌ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୧୧,୧୬୦ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୯୪୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୮୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୪୩,୦୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି। ସୋମବାର ଚେନ୍ନଇରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୧୧,୭୦୦ ଟଙ୍କାରେ ପହଞ୍ଚିଥିବାବେଳେ ମୁମ୍ବଇରେ ଏହା ୧୦ ଗ୍ରାମ ପିଛା ୧,୦୧୮୯୦ ଟଙ୍କାରେ ପହଞ୍ଚିଥିବା ଜଣାପଡିଛି।

## କଟକରେ କାରଖାନା ବସାଇବ ଅଲଟ୍ରାଟେକ୍ ସିମେଣ୍ଟ

**ରିମୋଟ୍ ମୋଡ୍‌ରେ ଭୂମିପୂଜନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୧୫।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭୁବନେଶ୍ୱରରୁ ରିମୋଟ୍ ମୋଡ୍‌ରେ କଟକର ଅଲଟ୍ରାଟେକ୍ ସିମେଣ୍ଟର ଭୂମିପୂଜନ କରିଥିଲେ। ଏକ ରାଜ୍ୟସ୍ତରୀୟ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅତିରିକ୍ତ ମୁଖ୍ୟ ସଚିବ ଶିଳ୍ପ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ପ୍ରକଳ୍ପର ଭୂମିପୂଜନ କରାଯାଇଥିଲା। ଏଥିରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡିଶାର ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଅଲଟ୍ରାଟେକ୍ ସିମେଣ୍ଟର ପ୍ଲାଣ୍ଟ ମୁଖ୍ୟ ଅଭିନାଶ ରଥ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ଆଠଗଡ଼ ତହସିଲର ଖମାର ନୂଆଗାଁ ଏବଂ କୋଳଥପାଙ୍ଗୀ ଗ୍ରାମରେ ପ୍ରକଳ୍ପ ସ୍ଥଳରେ କଟକର




ଏଡିଏମ୍ (ରାଜସ୍ୱ) ଡକ୍ଟର ଦିବ୍ୟ ଲୋଚନ ମହାନ୍ତଙ୍କ ଉପସ୍ଥିତିରେ ଭୌତିକ ଭୂମିପୂଜନ କରାଯାଇଥିଲା। ଅଲଟ୍ରାଟେକ୍ କଟକ ୟୁନିଟ୍ ସମ୍ପ୍ରସାରଣରେ ୩୭୨ କୋଟି ଟଙ୍କା ନିବେଶ ହେବ ଏବଂ ଏହା ପ୍ଲାଣ୍ଟର କ୍ଷମତାକୁ ବର୍ତ୍ତମାନର ୩୦ ଲକ୍ଷ ଟନ୍ କ୍ଷମତାରୁ ବାର୍ଷିକ ୬ ଲକ୍ଷ ଟନ୍‌କୁ ବୃଦ୍ଧି କରିବ। ଏହି ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ପାଇଁ ଅନେକ ନୂତନ ନିଯୁକ୍ତି ସୃଷ୍ଟି କରିବ।

## 'ଦ ମୋମେଣ୍ଟ ଇଜ୍ ଗୋଲ୍ଡ' କ୍ୟାମ୍ପେନ୍

ମୁମ୍ବଇ,୧୫।୯: ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ପକ୍ଷରୁ ଆଜି ଭାରତରେ ଏହାର ନୂଆ ଗୋଲ୍ଡ ଜୁଏଲାରୀ କ୍ୟାମ୍ପେନ 'ଦ ମୋମେଂଟ ଇଜ୍ ଗୋଲ୍ଡ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। 'ଦ ମୋମେଂଟ ଇଜ୍ ଗୋଲ୍ଡ' କ୍ୟାମ୍ପେନ ଜେନ୍ ଜି ଓ ମିଲେନିଆଲଙ୍କ ମଧ୍ୟରେ ସୁନା ଅଳଙ୍କାରର ପ୍ରାସଙ୍ଗିକତା ଓ ଆକାଂକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କ୍ୟାମ୍ପେନ ସୁନାକୁ ଏକ ଗଭୀର ଭାବନାତ୍ମକ ସଂଯୋଗ ଭାବେ ବିକଶିତ କରିବା ସହ ଏହାକୁ ଆଧୁନିକ, ମହତ୍ୱାକାଂକ୍ଷୀ ଜୀବନଶୈଳୀର ଏକ ପ୍ରତିଫଳନ ଭାବେ ଅବସ୍ଥାପିତ କରିଛି।

## ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ 'କୀର୍ତ୍ତି ପୁରସ୍କାର'

ଭୁବନେଶ୍ୱର,୧୫।୯ (ସମିସ): ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କୀର୍ତ୍ତି ପୁରସ୍କାର ମିଳିଛି। ବ୍ୟାଙ୍କ ଦୁଇଟି ଭିନ୍ନ ବର୍ଗରେ ଏହି ପ୍ରତିଷ୍ଠିତ ପୁରସ୍କାର ପାଇଛି।- ସରକାରୀ ଭାଷାର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ଏବଂ ସର୍ବୋତ୍ତମ ଗୃହ ପତ୍ରିକା - ୟୁନିଅନ୍ ଶ୍ରୀଜନ୍।



କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ୟୁନିଅନ୍ ଶ୍ରୀଜନରେ ପ୍ରଥମ ସ୍ଥାନ ପାଇଁ ବ୍ୟାଙ୍କକୁ କୀର୍ତ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ଗୁଜରାଟର ଗାନ୍ଧୀନଗରରେ ଅନୁଷ୍ଠିତ ୫ମ ଅଖିଳ ଭାରତୀୟ ସରକାରୀ ଭାଷା ସମ୍ମିଳନୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିତେଶ ରଞ୍ଜନ ଏହି ପୁରସ୍କାର ଗ୍ରହଣ କରିଥିଲେ। କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ସାଂସଦ ଦିନେଶ ଶର୍ମା ଉତ୍କୃଷ୍ଟ ସରକାରୀ ଭାଷା କାର୍ଯ୍ୟାନ୍ୱୟନ ପାଇଁ ବ୍ୟାଙ୍କକୁ କୀର୍ତ୍ତି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ବ୍ୟାଙ୍କର ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ତେଲି ଗ୍ରହଣ କରିଥିଲେ।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର, ୧୫।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏବଂ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲର ସହଯୋଗରେ କଳାହାଣ୍ଡିର ଗୁଣପୁର ଗ୍ରାମରେ ଏକ ମାଗଣା ମଲ୍ଟିସ୍ପେଶାଲିଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ଥୁଆମୁଲ ରାମପୁର ଏବଂ କାଶୀପୁର ବ୍ଲକର ୨୬ ଟି ଗ୍ରାମର ୨୦୦ ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହିତ ଏହି ଶିବିରରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁରୋଗ, ଚର୍ମରୋଗ, ଇଏନଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସମେତ ବିଭିନ୍ନ ପ୍ରକାରର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା, ଯାହା ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୋଷ କୁମାର ପଣ୍ଡା, ସ୍ଥାନୀୟ ସ୍ୱାସ୍ଥ୍ୟସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହିତ ଉଦଘାଟନ କରିଥିଲେ,ଯାହା ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରିବା ପାଇଁ ଏକ ସହଯୋଗ ପ୍ରୟାସ ଥିଲା।

## ଫ୍ଲିପକାର୍ଟ ପକ୍ଷରୁ 'ଫ୍ୟାଶନ ସ୍ୱଟ୍‌ଲାଇଟ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୫।୯ (ସମିସ): ୨୦୨୫ ପାର୍ବଣ ଋତୁ ପୂର୍ବରୁ ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ବିଶେଷ କରି ଟିୟର ୨+ ଅଂଚଳଗୁଡିକରେ ଡିଜିଟାଲ-ପ୍ରଥମ ଫ୍ୟାଶନ ବ୍ରାଣ୍ଡଗୁଡିକର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହାର ଫ୍ଲାଗସିପ ପ୍ରୋଗ୍ରାମ 'ଫ୍ୟାଶନ ସ୍ୱଟଲାଇଟ'ର ଶୁଭାରମ୍ଭ ଘୋଷଣା କରିଛି। ଫ୍ଲିପକାର୍ଟ ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରୋଗ୍ରାମକୁ ୧୦ ଗୁଣ ବୃଦ୍ଧି କରିବା, ପ୍ରାୟ ୫୦୦ ବ୍ରାଣ୍ଡରେ ପହଞ୍ଚିବା ଏବଂ ଶେଷରେ ଏହାର ପହଂଚକୁ ଆହୁରି ଅନେକ କ୍ଷେତ୍ରକୁ ବିସ୍ତାର କରିବା ପାଇଁ ଯୋଜନା ରଖିଛି ଯାହା ଫ୍ୟାଶନ ସ୍ୱଟଲାଇଟକୁ ଡି୨ସି ଫ୍ୟାଶନ ପ୍ରତିଭାମାନଙ୍କ ପାଇଁ ବାସ୍ତବରେ ଏକ ଗଣତାନ୍ତ୍ରିକ ଲଞ୍ଚପ୍ୟାଡରେ ପରିଣତ କରିବ। ୧୦୦ରୁ ଅଧିକ ଡି୨ସି ଫ୍ୟାଶନ ବ୍ରାଣ୍ଡ ଆଜି ଫ୍ଲିପକାର୍ଟ ଫ୍ୟାଶନରେ ଲାଇଭ ରହିଥିବା ବେଳେ ଏହି ସଂସ୍ଥା ଦେଶର ଲକ୍ଷ ଲକ୍ଷ ସପରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ, ଟ୍ରେଣ୍ଡ-ଆଧାରିତ ସିଲେକ୍ସନ ଆଣିବା ପାଇଁ ନିଜର ପ୍ରୟାସକୁ ଆହୁରି ବ୍ୟାପକ କରିଛି।

# ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଦ୍ୱିପାକ୍ଷିକ ବାଣିଜ୍ୟକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ବର୍ତ୍ତମାନ ସବୁଠାରୁ ନିମ୍ନ ସ୍ତରକୁ ଚାଲିଯାଇଛି। ପ୍ରଥମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଥିଲେ ଏବଂ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ସକାରାତ୍ମକ ପ୍ରତିକ୍ରିୟା ପରେ, ଏବେ ସମ୍ପର୍କରେ ପୁଣି ଥରେ ଉନ୍ନତି ଘଟିଥିବା ପରି ମନେ ହେଉଛି। ସୋସିଆଲ ମିଡିଆ ମାଧ୍ୟମରେ ଉଭୟ ନେତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ପରେ ଏବେ ବାଣିଜ୍ୟ ଆଲୋଚନା ମଧ୍ୟ ଗତିଶୀଳ ହେଉଥିବା ଦେଖାଯାଉଛି। ସୂତ୍ର ଅନୁଯାୟୀ, ସୋମବାର ଆମେରିକାର ବାଣିଜ୍ୟ ଚୁକ୍ତିନାମା ଆଲୋଚନାକାରୀଙ୍କ ଦଳ ଭାରତ ପହଞ୍ଚିଛି। ସୂତ୍ର ଅନୁଯାୟୀ, ଆମେରିକା ସହିତ ଭାରତର ବାଣିଜ୍ୟ ଆଲୋଚନା ଏବେ ସକାରାତ୍ମକ ମାନସିକତା ସହିତ ଆଗକୁ ବଢ଼ୁଛି। ଦୁଇ ଦେଶ ମଧ୍ୟରେ ଅନେକ ସ୍ତରରେ କୂଟନୈତିକ ଏବଂ ମୁଖ୍ୟ ଆଲୋଚନା ଚାଲିଛି। ଇତିମଧ୍ୟରେ ୫ମ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ କୌଣସି ଫଳାଫଳ ମିଳିପାରିନାହିଁ। ସେଥିପାଇଁ ଚଳିତମାସ ୨୫ରୁ ଦୁଇଦେଶ ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେଉଛି।




**ଭାରତ ଆସିଲେ ଆମେରିକାର ପ୍ରତିନିଧି ମଣ୍ଡଳୀ**

**ଷଷ୍ଠ ପର୍ଯ୍ୟାୟ ଆଲୋଚନା ୨୫ରୁ**

ଏହି ବୈଠକ ସମୟରେ, ଭାରତ ଆମେରିକା ଦଳ ସହିତ ସମସ୍ତ ବିଚାରାଧୀନ ପ୍ରସଙ୍ଗ ଉପରେ ଆଲୋଚନା କରିବ। ଏହି ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏଥିରେ ସାମିଲ ହୋଇଛି, କାରଣ କିଛି ପ୍ରସଙ୍ଗ କୂଟନୈତିକ କ୍ଷେତ୍ରରେ ରହିଛି। ଭାରତ ବର୍ତ୍ତମାନ ଆମେରିକା ଏବଂ ୟୁରୋପୀୟ ସଂଘ ସହିତ ଆଲୋଚନାକୁ ତ୍ୱରିତ କରୁଛି। ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମୱାର୍କ ଫର ପ୍ରୋସପେରିଟିରେ ଅନେକ ସ୍ତରରେ ଆର୍ଥିକ ସହଯୋଗ ଏବଂ ଉତ୍ପାଦଗୁଡ଼ିକର ବିଶ୍ଳେଷଣ କରାଯିବ। ଏହାବ୍ୟତୀତ, ଆମେରିକା ସହିତ ଆଲୋଚନା ମଧ୍ୟରେ ଭାରତ ସରକାର କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରପ୍ତାନି ପ୍ରୋତ୍ସାହନ ମିଶନ ଅଧୀନରେ ସମସ୍ତ ପ୍ରୟାସ କରୁଛନ୍ତି। ଏହା ୨୦୨୫-୨୬ କେନ୍ଦ୍ରୀୟ ବଜେଟରେ ଘୋଷଣା କରାଯାଇଥିଲା। ଏହା ଅଧୀନରେ, ଆଗାମୀ ଛଅ ବର୍ଷ ମଧ୍ୟରେ ରପ୍ତାନିକୁ ପ୍ରୋତ୍ସାହନ ଦେବା ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହି ସମୟରେ, ବିଭିନ୍ନ ଦେଶର ପ୍ରତିଯୋଗିତା ମଧ୍ୟରେ ରପ୍ତାନିରେ ପରିବର୍ତ୍ତନ ଆସୁଛି। ସରକାର କ୍ଷୁଦ୍ର ଶିଳ୍ପ ଏବଂ ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି। ଏ ସମ୍ପର୍କରେ, ସରକାର ରପ୍ତାନି ପ୍ରୋତ୍ସାହନ ମିଶନ ଉପରେ କାମ କରୁଛନ୍ତି। ଏହାକୁ ଖୁବ୍ ଶୀଘ୍ର କ୍ୟାବିନେଟରେ ଉପସ୍ଥାପନ କରାଯିବ। ଏ ନେଇ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ପରାମର୍ଶ କରାଯାଇଛି। ରପ୍ତାନିକାରୀଙ୍କ ଚିନ୍ତାକୁ ଦୂର କରିବା ପାଇଁ ସରକାର ଏହି ଯୋଜନାରେ କାମ କରୁଛନ୍ତି। ସୂତ୍ର ଅନୁସାରେ, ରପ୍ତାନି ପ୍ରୋତ୍ସାହନ ମିଶନରେ ପୂର୍ବରୁ ଆବଣ୍ଟିତ ୨୨୫୦ କୋଟି ଟଙ୍କା ବଦଳରେ ଏକ ବଡ଼ ପରିମାଣର ଅର୍ଥ ଆବଣ୍ଟନ କରିବା ଉପରେ ବିଚାର କରାଯାଇପାରେ। ସେହି ସମୟରେ, ଏହି ମିଶନକୁ ୫ବର୍ଷ ଚକ୍ରରେ ଚଳାଇବା ଉପରେ ମଧ୍ୟ ବିଚାର କରାଯିବ। ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଛି।

**● ପିଟର ନାଭାରୋଙ୍କ ତେରଛା ବାଣ**

### 'ଆଲୋଚନା ଟେବୁଲ୍‌କୁ ଆସୁଛି ଭାରତ'

ୱାଶିଂଟନ୍,୧୫।୯ (ଏଜେନ୍ସି): ଆମେରିକା ସହିତ ଶୁଳ୍କ ଯୁଦ୍ଧ ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଏବଂ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ତାଙ୍କର ଭାରତ ବିରୋଧୀ ବୟାନ ପାଇଁ ସବୁବେଳେ ଖବରରେ ରହିଛନ୍ତି। ଏହି ସମୟରେ ହ୍ୱାଇଟ୍ ହାଉସ୍ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ଆଜି ଭାରତକୁ ଲକ୍ଷ୍ୟ କରି ଆଉ ଏକ ତେରଛା ବାଣ ମାରିଛନ୍ତି। ସେ କହିଛନ୍ତି ଯେ ମଙ୍ଗଳବାର ନୂଆଦିଲ୍ଲୀ ଏବଂ ୱାଶିଂଟନ ମଧ୍ୟରେ ବାଣିଜ୍ୟ ଆଲୋଚନା ପୂର୍ବରୁ ଭାରତ 'ଆଲୋଚନା ଟେବୁଲକୁ ଆସୁଛି'। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ



ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିବାର କିଛି ସପ୍ତାହ ପରେ ଭାରତ ଏବଂ ଆମେରିକା ମଧ୍ୟରେ ଏହି ଆଲୋଚନା ହେଉଛି, ଯାହା ଅଗଷ୍ଟରେ ଦେଶର ରପ୍ତାନିକୁ ନଅ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚାଇ ଦେଇଥିଲା। ଭାରତର ମୁଖ୍ୟ ଆଲୋଚନାକାରୀ ଏବଂ ବାଣିଜ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଏହି ବିକାଶକୁ ନିଶ୍ଚିତ କରିଛନ୍ତି। ବାଣିଜ୍ୟ ତଥ୍ୟ ପ୍ରକାଶ କରିବା ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସାମ୍ବାଦିକମାନଙ୍କୁ କହିଥିଲେ, ଭାରତ ଏବଂ ଆମେରିକା ବାଣିଜ୍ୟ ଆଲୋଚନା ତ୍ୱରିତ କରିବେ। ଗୋଟିଏ ସପ୍ତାହ ପୂର୍ବରୁ, ହ୍ୱାଇଟ୍ ହାଉସ୍ ବାଣିଜ୍ୟ ପରାମର୍ଶଦାତା ପିଟର୍ ନାଭାରୋ କହିଥିଲେ ଯେ ଭାରତକୁ ବାଣିଜ୍ୟ ଆଲୋଚନାର କୌଣସି ସମୟରେ ଆମେରିକା ସହିତ ବୁଝାମଣା କରିବାକୁ ପଡିବ ନଚେତ୍ ଏହା ଦିଲ୍ଲୀ ପାଇଁ 'ଭଲ ହେବ ନାହିଁ'।

**ସମବାୟ ସମିତିରେ ମିଳୁନି ସାର**

# ଆବଶ୍ୟକ ୨୩୩୦; ମିଳିଛି ୧୨୮୮ କ୍ୱିଣ୍ଟାଲ

ନିଶ୍ଚିନ୍ତକୋଇଲି,୧୫।୯(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୟୁରିଆ ସାର ପାଇଁ ଚାଷୀମାନେ ନାହିଁ ନ ଥିବା ହଟହଟା ହେଉଛନ୍ତି। ଖୋଲା ବଜାରରୁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ୨ ଗୁଣ ଅଧିକା ଦାମ୍ ଦେଇ ବହୁ ଚାଷୀ ସେମାନଙ୍କ ଧାନ କ୍ଷେତରେ ସାର ପକାଉଥିବା ବେଳେ ଅନେକ ଗରିବ ଗୁରୁବା ଚାଷୀମାନେ ସାର ପାଇଁ ହଇରାଣ ହରକତ ହେଉଥିବା ପ୍ରକାଶ କରିଛନ୍ତି। ଚାଷୀମାନେ ସରକାରୀ ଡିଲରମାନଙ୍କଠାରୁ ଆରମ୍ଭ କରି କୃଷିଗତ ସମବାୟ ସମିତି ପର୍ଯ୍ୟନ୍ତ ସାର ପାଇଁ ଶୁଣ୍ଢିପିଣ୍ଡି ହେଉଥିଲା ବେଳେ ସେମାନଙ୍କ ଦୁଃଖ କେହି ବୁଝୁନାହାଁନ୍ତି। ସରକାର ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ସୁବିଧାରେ ସାର ଯୋଗାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ସମବାୟ ସମିତିମାନେ ମାର୍କଫେଡରୁ ସାର ଆଣି ଚାଷୀମାନଙ୍କୁ ସଠିକ୍ ଧାର୍ଯ୍ୟ ମୂଲ୍ୟରେ ଓ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇବା କଥା। ହେଲେ ମାର୍କଫେଡ୍ ପକ୍ଷରୁ ସମବାୟ ସମିତିକୁ ଲକ୍ଷ୍ୟ ଧାର୍ଯ୍ୟ ମୁତାବକ ସାର ଦିଆଯାଉ ନ ଥିବାରୁ ଚାଷୀମାନେ ସମିତିରୁ ସାର ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ମାର୍କଫେଡ୍ ଓ ଡିଲରଙ୍କ ମଧ୍ୟରେ ଭିତିରି ସଲାସୁତୁରା ଯୋଗୁ ସମିତିଠାରୁ ଅଧିକ ପରିମାଣରେ

**ମାର୍କଫେଡ୍ ଓ ଡିଲରଙ୍କ ମଧ୍ୟରେ ସଲାସୁତୁରା**

**କୃଷି ବିଭାଗ ନିରବ**

ସାର ଡିଲରମାନେ ମାର୍କଫେଡ୍‌ରୁ ନେଇଯାଉଥିବା ବହୁସମିତିର ସଭାପତିମାନେ ଅଭିଯୋଗ କରିଛନ୍ତି। ସମବାୟ ସମିତି ଓ ସରକାରୀ ପଞ୍ଜିକୃତ ଡିଲରଙ୍କୁ ମାର୍କଫେଡ୍ ସଠିକ୍ ଭାବେ ସାର ଦେଉଛି କି ନାହିଁ ଏବଂ ବଜାରରେ ଚଢାଦରରେ ଚୋରା ବ୍ୟବସାୟୀମାନେ ବିକ୍ରି କରୁଥିବା ସାର ଉପରେ ଲଗାମ ଦେବା ପାଇଁ କୃଷି ବିଭାଗ ରହିଥିଲେ ମଧ୍ୟ ଏଭଳି ସ୍ଥିତିରେ କୃଷି ବିଭାଗ ଚୁପ ଚାପ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ବ୍ଲକ ଅଞ୍ଚଳରେ ୧୩ଟି ସମବାୟ ସମିତି ରହିଥିବା ବେଳେ ଚଳିତ ଖରିଫ ଧାନ ଚାଷ ପାଇଁ ମାର୍କଫେଡକୁ ୨୩୩୦ କୁଇଣ୍ଟାଲ ୟୁରିଆ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ହେଲେ ଅଦ୍ୟାବଧି ସମସ୍ତ ସମିତିଗୁଡ଼ିକୁ ମାତ୍ର ୧୨୮୮ କୁଇଣ୍ଟାଲ ସାର ଯୋଗାଇ ଦିଆଯାଇଥିବା ଜଣାଯାଇଛି। ବର୍ତ୍ତମାନ ଧାନ ଚାଷରେ ୟୁରିଆ ସାର ପ୍ରୟୋଗର ପ୍ରକୃଷ୍ଟ ସମୟ ହୋଇଥିବାରୁ କୌଣସି ସମବାୟ ସମିତିରେ ସାର ନ ଥିବାରୁ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ସାର ପାଇଁ ଅପେକ୍ଷା କରି ନିରାଶ ହୋଇ ଫେରୁଥିବା ପ୍ରକାଶ କରିଛନ୍ତି। ଏହି ବ୍ଲକର ଅସୁରେଶ୍ୱର ସମିତିରେ ୧୫୦ କୁଇଣ୍ଟାଲ ଆବଶ୍ୟକ ଥିବା ବେଳେ ମିଳିଛି ମାତ୍ର ୭୨ କୁଇଣ୍ଟାଲ, ସେହିପରି ଅଚ୍ୟୁତାନନ୍ଦସମିତିର ୧୨୦ କୁଇଣ୍ଟାଲ ଆବଶ୍ୟକ ଥିବା ବେଳେ ୭୦ କୁଇଣ୍ଟାଲ ମିଳିଥିବା ଜଣାପଡ଼ିଛି। ସେହିପରି ବନ୍ଧକାଟିଆ ସମିତିରେ ୨୫୦ କୁଇଣ୍ଟାଲରୁ ୧୫୭ କୁଇଣ୍ଟାଲ, ବଳଦେବଜୀଉ ସମିତିର ୧୨୦ କୁଇଣ୍ଟାଲରୁ ୧୯ କୁଇଣ୍ଟାଲ, ବାଲିଆପଡା ସମିତିର ୧୨୦ କୁଇଣ୍ଟାଲରୁ ୪୨ କୁଇଣ୍ଟାଲ, କେନ୍ଦୁପାଟଣା ସମିତିର ୨୫୦ କୁଇଣ୍ଟାଲରୁ ୨୧୨ କୁଇଣ୍ଟାଲ, କଳମିଶ୍ରି ଜୟଜୟପୁର ୧୨୦ କୁଇଣ୍ଟାଲରୁ ୯୯ କୁଇଣ୍ଟାଲ, ନିଶ୍ଚିନ୍ତକୋଇଲି ସମିତିର ୩୦୦ କୁଇଣ୍ଟାଲରୁ ୧୮୨ କୁଇଣ୍ଟାଲ, ନରସିଂପୁର ୧୨୦ କୁଇଣ୍ଟାଲରୁ ୫୮ କୁଇଣ୍ଟାଲ, ନରେନ୍ଦ୍ରପୁରରେ ୧୨୦ କୁଇଣ୍ଟାଲରୁ ୮୯ କୁଇଣ୍ଟାଲ, ଓଉଟି ସମିତିର ୧୫୦ କୁଇଣ୍ଟାଲରୁ ୬୮ କୁଇଣ୍ଟାଲ, ପଲ୍ଲିଶ୍ରୀର ୧୩୦ କୁଇଣ୍ଟାଲରୁ ୮୮ କୁଇଣ୍ଟାଲ, ସୁକରପଡା ସମିତିର ୨୫୦ କୁଇଣ୍ଟାଲରୁ ୧୩୭ କୁଇଣ୍ଟାଲ ସାର ଯୋଗାଇ ଦିଆଯାଇଥିବା ଜଣାଯାଇଛି। ତୁରନ୍ତ ଆବଶକୀୟ ସାର ସମବାୟ ସମିତିକୁ ଯୋଗାଇଦେବା ପାଇଁ ବଳଦେବଜୀଉ ସମିତିର ସଭାପତି ଧୀରେନ୍ଦ୍ରନାଥ ବେହେରା ଦାବି କରିଛନ୍ତି।

# ୟୁରିଆ ସାର ପାଇଁ ଚାଷୀଙ୍କ ଲମ୍ବା ଧାଡ଼ି

**ଆବଶ୍ୟକତା ଅନୁଯାୟୀ ମିଳୁନି ସାର; ଚାଷୀଙ୍କ ଅସନ୍ତୋଷ**

ଫୁଲନଖରା,୧୫।୯(ସମିସ): ଦୀର୍ଘ ଦିନ ଧରି ଲାଗି ରହିଥିବା ୟୁରିଆ ସାରର ଅଭାବ ଏବେବି ପୂରଣ କରିପାରୁନି ପ୍ରଶାସନ। ସମୁଦ୍ରକୁ ଶଙ୍ଖେ ପରି ଅଳ୍ପ କିଛି ସାର ଆସୁଛି, ତାହା ଚାଷୀମାନଙ୍କ ଆବଶ୍ୟକତା ପୂରଣ କରିପାରୁ ନାହିଁ। ସାର ଗଣ୍ଡାଏ ପାଇଁ ଚାଷ କ୍ଷେତ ଛାଡି ଚାଷୀ ଖରାବର୍ଷାକୁ ଖାତିର ନ କରି ଭୋକଉପାସରେ ଦୀର୍ଘ ସମୟ ଧାଡ଼ିବାନ୍ଧି ସମବାୟ ସମିତି ଆଗରେ ଛିଡା ହେଉଥିବାର ଦେଖିବାକୁ ମିଳୁଛି। ଆଜି ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ଲିଃରେ। ଏହି ସେବା ସମବାୟ ସମିତି ଅଧୀନରେ କୁରାଙ୍ଗଶାସନ, କୁରାଙ୍ଗପ୍ରଧାନ, ନଗରୀ ଗ୍ରାମପଞ୍ଚାୟତ ଓ ଉଷୁମା ଓ ସାଇଁଶେ ଗ୍ରାମପଞ୍ଚାୟତର ଆଂଶିକ ରାଜସ୍ୱ ଗ୍ରାମ ଏହି ସମିତି ଅଧୀନରେ ରହିଛି। ସମିତିରେ ପ୍ରାୟ ୩ହଜାର ଚାଷୀ ରହିଥିବା ବେଳେ ସୋମବାର ଦିନ ମାତ୍ର ୨୨୨ଜଣଙ୍କୁ ବସ୍ତାଏ ଲେଖା ୟୁରିଆ ସାର ଦିଆଯାଇଛି। ଯେଉଁ ଚାଷୀମାନେ ନେଇଛନ୍ତି ସେମାନଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ବହୁତ ଚାଷୀ ଉପଯୁକ୍ତ ସମୟରେ ୟୁରିଆ ନ ପାଇ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଅଧିକ ପରିମାଣରେ ୟୁରିଆ ସାର ସମିତିକୁ ସରକାର ଯୋଗାଇଦେବା ପାଇଁ ଦାବି କରିଛନ୍ତି।



## ବିଭିନ୍ନ ସମସ୍ୟା ପୂରଣ ପାଇଁ ପ୍ରତିବାଦ ସଭା

କନ୍ଦରପୁର,୧୫।୯(ସମିସ): କଟକସଦରବ୍ରହ୍ମପୁରପଞ୍ଚାୟତଶ୍ରୀରାମବଜାରଠାରେ ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟର ସଭାପତି ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟାକୁ ନେଇ ଏକ ପ୍ରତିବାଦ ସଭା କରାଯାଇଥିଲା। ବିଭିନ୍ନ ଦଳ ପକ୍ଷରୁ ଅଞ୍ଚଳର ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ। ଯଥା ବିଦ୍ୟୁତ୍ ସମସ୍ୟା, ରାସ୍ତା ଘାଟ ସମସ୍ୟା, ଉପଯୁକ୍ତ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡ଼ିବା, ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଆଲୋଚନା କରାଯାଇଥିଲା। ଉକ୍ତ ଅଞ୍ଚଳରେ ଏହି ସମସ୍ତ ସମସ୍ୟା ଦୂର ନ ହେଲେ ଆଗାମୀ ଦିନରେ ଏହା ଏକ ଆନ୍ଦୋଳନାତ୍ମକ ରୂପ ନେବ ବୋଲି ଉପସ୍ଥିତ ଥିବା ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ନାୟକ, ହୃଦାନନ୍ଦ ବେହେରା, ଜଗନ ସାହୁ, ଚନ୍ଦ୍ରମଣି ଦେବତା, ସସ୍ମିତା ନାୟକ, ଅନୁ ଗୋଚ୍ଛାୟତ, ଶକୁନ୍ତଳା ନାୟକ, ଶରତ ଭୋଇ, ଟୁନି ଗୋଚ୍ଛାୟତ, ବିଶ୍ୱାଳ ଆଚାର୍ଯ୍ୟ, ଆନନ୍ଦ ବେହେରା, ଶରତ ଭୋଇ, ଗଗନ ସାହୁ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

## ଚୋରି ମୋବାଇଲ ଫୋନ ଫେରାଇଲା ପୁଲିସ

ଚୌଦ୍ୱାର,୧୫।୯(ସମିସ): ବିଭିନ୍ନ ସମୟରେ ଚୋରି ହୋଇଥିବା, ହଜି ଯାଇଥିବା ମୋବାଇଲ ଫୋନକୁ ଚୌଦ୍ୱାର ପୁଲିସ ଉଦ୍ଧାର କରି ଯାହାଙ୍କର ମୋବାଇଲ ତାଙ୍କୁ ଫେରାଇଛି। ମିଳିଥିବା ସୁଚନା ଅନୁଯାୟୀ ବହୁ ସମୟରେ ଲୋକଙ୍କ ମୋବାଇଲ ଚୋରି ହେଇଯାଇଥିବା, ପଡିଯାଇଥିବା କିମ୍ବା ହଜିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥାଏ। ଏଭଳି ଘଟଣାରେ ପୁଲିସର ବୈଷୟିକ ଦଳଙ୍କ ସହାୟତାରେ ତଦନ୍ତ କରି ୮ଟି ମୋବାଇଲ ଫୋନ ଉଦ୍ଧାର କରିବା ସହିତ ମୋବାଇଲର ମାଲିକଙ୍କୁ ସୋମବାର ଫେରାଇ ଦିଆଯାଇଛି। ଆଗକୁ ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ବିଶ୍ୱରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

## ମହିଳାଙ୍କ ଜମା ଖାତାରୁ ୨୫ ହଜାର ଟଙ୍କା ହଡ଼ପ

ଭଦ୍ରେଶ୍ୱର,୧୫।୯(ସମିସ): ମାହାଙ୍ଗା ବ୍ଲକ ଇଟାମୁଣ୍ଡୁଲୀ ଗ୍ରାମର ଜଣେ ମହିଳାଙ୍କ ଜମା ଖାତାକୁ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରହସ୍ୟଜନକ ଭାବେ କଟି ଯାଇଥିବାର ଭଦ୍ରେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଇଟାମୁଣ୍ଡୁଲୀ ଗ୍ରାମର ହିମାଂଶୁ ଶେଖର ସାହୁଙ୍କ ପତ୍ନୀ ସ୍ମୃତିରେଖା ବିହାରୀ ତାଙ୍କର ପ୍ରସୂତି ସହାୟତା ରାଶି ପାଇବାର ଥିଲା। ଏ ସମ୍ପର୍କରେ ଶ୍ରୀମତୀ ବିହାରୀ ସମସ୍ତ ଅତ୍ୟାବଶ୍ୟକୀୟ କାଗଜପତ୍ର ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ନିକଟରେ ଦାଖଲ କରିଥିଲେ। ଯାହାକୁ ନେଇ ଗତ ୧୪ ତାରିଖ ଦିନ ତାଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ନିଜକୁ ଅଙ୍ଗନବାଡିର ଉପରିସ୍ଥ କର୍ମଚାରୀ ବୋଲି ନିଜକୁ ପରିଚୟ ଦେବା ସହ ଅନଲାଇନରେ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କୁ ରଖି କଥା ହେଉଥିଲେ। ଯାହାକୁ ନେଇ ଶ୍ରୀମତୀ ବିହାରୀଙ୍କର କୌଣସି ସନ୍ଦେହ ସୃଷ୍ଟି ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଶ୍ରୀମତୀ ବିହାରୀଙ୍କ ପ୍ରସୂତୀ ସହାୟତା ରାଶି ୬ ହଜାର ଟଙ୍କା ଆସିବ ବୋଲି କହିଥିଲେ। ତାଙ୍କ ଜମା ଖାତାକୁ ଟଙ୍କା ଆସିବାରେ ବାଧା ଉପୁଜୁଛି କହି ସମ୍ପୃକ୍ତ ବ୍ୟକ୍ତି ଫୋନ ପେ ଆକାଉଣ୍ଟକୁ ଏକ ଲିଙ୍କ ପଠାଇଥିଲେ। ଲିଙ୍କଟି କୌଣସି କାର୍ଯ୍ୟକ୍ଷମ ନ ହେବାରୁ ଗୋଟିଏ ଟଙ୍କା ଅନ୍ୟ ଆକାଉଣ୍ଟକୁ ପଠାଇବାକୁ କହିଥିଲେ। ଶ୍ରୀମତୀ ବିହାରୀ ତୁରନ୍ତ ତାଙ୍କ ଭାଇଙ୍କ ଆକାଉଣ୍ଟକୁ ୧୦ ଟଙ୍କା ପଠାଇବା ପରେ ତାଙ୍କର ମୋବାଇଲ ହ୍ୟାକ ହୋଇଯାଇଥିଲା। ଯାହା ଫଳରେ ତାଙ୍କର ଫୋନ ପେ ଆକାଉଣ୍ଟରୁ ୨୫ହଜାର ୯ ୯ ଟଙ୍କା କଟିଯାଇଥିଲା। ଏ ସମ୍ପର୍କରେ ଶ୍ରୀମତୀ ବିହାରୀ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ କରିବା ନିମନ୍ତେ ଦୃଢ ଦାବି କରିଛନ୍ତି।

**ମୁରଦାବାଦ ଚୋରି ଘଟଣା**

# ୪ ଗିରଫ; ୨୦ ହଜାର ଟଙ୍କା ଓ ଅଳଙ୍କାର ଜବତ




ନିଶ୍ଚିନ୍ତକୋଇଲି,୧୫।୯(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟରପଡା ପଞ୍ଚାୟତ ମୁରୁଦାବାଦ ଗ୍ରାମର ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଘରୁ ଗତ ୩୦.୦୮.୨୦୨୫ ରିଖରେ ଏକ ବଡଧରଣର ଚୋରି ହୋଇଥିଲା। ଗତ ୧୬ ଦିନ ପରେ ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ୩ ଜଣ ଚୋରଙ୍କୁ ଗିରଫ କରାଯାଇଛି। ଏହାଛଡା ଏହି ଚୋରମାନଙ୍କ ପାଖରୁ ଚୋରା ଅଳଙ୍କାର କିଣିଥିବା ଅନ୍ୟ ଜଣଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇ ପଚରା ଉଚରା କରାଯାଇଛି। ଏହି ୪ ଜଣ ଦୁର୍ବୃତ୍ତଙ୍କୁ କୋର୍ଟଚାଲାଣ କରାଯିବା ପୂର୍ବରୁ ସେମାନଙ୍କ ସଂପର୍କରେ ଥାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସମସ୍ତ ସୂଚନା ଦେଇଛି। ଉକ୍ତ ଚୋରମାନଙ୍କଠାରୁ ୨୦ ହଜାର ଟଙ୍କା, ୮୦ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୭୦ ଗ୍ରାମର ରୂପା ଅଳଙ୍କାର ଜବତ କରାଯାଇଛି। ଏହି ଚୋରି ଘଟଣାରେ ସଂପୃକ୍ତ ଥିବା କେନ୍ଦ୍ରାପଡା ଜିଲ୍ଲା ନିକିରେଇ ଥାନା ସରଦେଇପୁରର ବାବୁନା ଦାସ, ପଟ୍ଟାମୁଣ୍ଡାଇ ଥାନା ମୋହନପୁରର ଦୁଃଶା ଦାସ ଓ ଗୌରାଙ୍ଗ ଦାସଙ୍କୁ ପୁଲିସ ଜେରା କରିବା ସହିତ ସୁନା ଅଳଙ୍କାର କିଣିଥିବା କେନ୍ଦ୍ରାପଡା ଟାଉନଥାନା ବଡବଜାରର ମାରୁତି ଯାଦବଙ୍କୁ ଅଟକ ରଖି ସମସ୍ତ ତଥ୍ୟ ଜାଣିବା ପରେ ସୋମବାର ଦିନ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛି। ଏହି ୩ ଜଣ ପେଶାଦାର ଚୋର ହୋଇଥିବାରୁ ପୂର୍ବରୁ ବିଭିନ୍ନ ଘଟଣା ଘଟାଇଥିବା ଯୋଗୁ ସେମାନଙ୍କ ନାମରେ ନିଶ୍ଚିନ୍ତକୋଇଲି, ଭଦ୍ରେଶ୍ୱର, ନିକିରେଇ, ରାଜନଗର ଆଦି ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାସ ଓ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଉପସ୍ଥିତ ହୋଇ ସୂଚନା ପ୍ରଦାନ କରିଥିଲେ।

## ଆଇଚର୍ ଧକ୍କାରେ ଜଣେ ମୃତ

ବଡମ୍ବା,୧୫।୯(ସମିସ): ଖୁଣ୍ଟୁଣୀ- ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ବଡମ୍ବା ଥାନା ଅଧୀନ ଗଡାପୋଖରୀ ରାସ୍ତା ଉପରେ ଆଇଚର ଗାଡି ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକ ମୃତ୍ୟୁବରଣ କରିଥିବା ବେଳେ ଆଇଚରର ଚାଳକ ଗୁରୁତର ହୋଇଛନ୍ତି। ମୃତକଙ୍କ ନାମ ବସନ୍ତ କୁମାର ନାଥ (୫୫) ହୋଇଥିବା ବେଳେ ତାଙ୍କ ଘର ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳରେ ବୋଲି ସୂଚନା ମିଳିଛି। ସୂଚନାରୁ ପ୍ରକାଶ ଯେ, ମୃତ ବସନ୍ତ କୁମାର ନାଥ ବାଇକଯୋଗେ ବଡମ୍ବା ଯାଉଥିବା ବେଳେ ସମ୍ମୁଖ ପଟୁ ଏକ ଆଇଚର ଓଡି ୦୫ ବିପି ୧୪୧୫ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିଲା। ବଡ଼ମ୍ବା ଥାନା ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରାଯାଇ ମୃତକର ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ପୂର୍ବ ଶତ୍ରୁତାରୁ ଗାଳିଗୁଲଜ ଓ ଧମକ

ଭଦ୍ରେଶ୍ୱର,୧୫।୯(ସମିସ): ମାହାଙ୍ଗା ଥାନା ଛେଦା ଗ୍ରାମର ତଥା ସ୍ଥାନୀୟ ଅଞ୍ଚଳର ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟ ନିରଞ୍ଜନ ପ୍ରଧାନଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେତେକ ବ୍ୟକ୍ତି ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିବାର ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ପ୍ରଧାନଙ୍କ ଘରେ ଗତ ୯ ତାରିଖ ରାତ୍ରରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ବିଶେଷ ଧସେଇ ପସିବା ସହ ଘରର ବିଭିନ୍ନ ସାମଗ୍ରୀକୁ ଭଙ୍ଗାରୁଜା କରିଥିଲେ। ତାଙ୍କୁ ଓ ତାଙ୍କ ପରିବାର ବର୍ଗଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ବ୍ୟକ୍ତିମାନେ ହାତରେ ଠେଙ୍ଗା, ଲୁହାରଡ, କଟୁରୀ ଇତ୍ୟାଦି ମାରଣାସ୍ତ୍ର ଧରି ତାଙ୍କ ଘରେ ପ୍ରବେଶ କରିଥିବାର ଅଭିଯୋଗ ହୋଇଛି। ତାଙ୍କ ପତ୍ନୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କର ବେକରୁ ସୁନାର ମଙ୍ଗଳସୂତ୍ର ଛିଣ୍ଡାଇ ନେଇଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ରିପୋର୍ଟ ଲେଖା ହେଲା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାର ଜଣାଯାଇଛି।

**ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ**

# ମଣ୍ଡଳ ଶିକ୍ଷାଧିକାରୀଙ୍କ ତଦନ୍ତ ଆରମ୍ଭ

ସାଲେପୁର,୧୫।୯(ସମିସ): ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ କରିଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି ସାଲେପୁର ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ। ତଦନ୍ତ ପରେ ଶିକ୍ଷକଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଣ୍ଡଳ ଶିକ୍ଷାଧିକାରିଣୀ ପ୍ରକାଶ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ବଣହରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ ବେହେରା କିଛି ଦିନ ହେବ ବିଦ୍ୟାଳୟରେ ଅଧ୍ୟୟନରତ କିଛି ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ପ୍ରତି ଅଧ୍ୟୟନ ସମୟରେ ଶରୀରର ବିଭିନ୍ନ ସ୍ଥାନରେ ହାତ ମାରିବା ସହିତ ସ୍ୱାମୀ ଓ ସ୍ତ୍ରୀ ସହିତ କିପରି ସଂପର୍କ ରଖାଯାଏ ଓ କିପରି ମହିଳାଙ୍କ ସହିତ ଗୁପ୍ତ ସଂପର୍କ ରଖାଯାଏ, ସେ ସଂପର୍କରେ କହି ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଇଚାଲିଥିଲେ। ଏ ସଂପର୍କରେ ଛାତ୍ରୀମାନେ ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ନ ମିଳିବାରୁ ଛାତ୍ରୀମାନେ ଶେଷରେ ନିଜର ଅଭିଭାବକଙ୍କୁ ଅବଗତ କରାଇଥିଲେ। ଏ ନେଇ ଗତ ଶନିବାର ଦିନ ଛାତ୍ରୀ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକଙ୍କୁ ଘଟଣା ସଂପର୍କରେ ପଚାରିବାରୁ ଶିକ୍ଷକ ଶ୍ରୀ ବେହେରା ନିଜର ଭୁଲ ସ୍ୱୀକାର କରିଥିଲେ। ଏ ନେଇ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସ୍ଥାନୀୟ ଅଭିଭାବକମାନେ ବିଜ୍ଞାନ ଶିକ୍ଷକ ରଞ୍ଜନ ବେହେରାଙ୍କ କଳା କାରନାମା ସଂପର୍କରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଯାଇ ଆଜି ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ବିଦ୍ୟାଳୟରେ ପହଞ୍ଚି ଏହି ଘଟଣାର ତଦନ୍ତ କରି ଫେରିଥିବା ପ୍ରକାଶ କରିଛନ୍ତି।

## ଅଚଳକୋଟ ଗ୍ରାମରେ ମିଳିତ ଭସାଣି ଉତ୍ସବ

ତିଗିରିଆ,୧୫।୯(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ଗ୍ରାମର ବିଭିନ୍ନ ଗଣେଶ ପୂଜା କମିଟି ତରଫରୁ ଶାନ୍ତିଶୃଙ୍ଖଳାର ସହ ମିଳିତ ଗଣେଶ ମୂର୍ତ୍ତି ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ମଲ୍ଲିକାନାଥ ଗଣେଶ ପୂଜା କମିଟି, ଗଡ଼ସାହି ପୂଜା କମିଟି, ସାନ ପାଟଣା ସାହି ଆଦର୍ଶ ପୂଜା କମିଟି, ବଡପାଟଣା ସାହି ମା ମଙ୍ଗଳା ପୂଜା କମିଟି ତରଫରୁ ଏହି ମିଳିତ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗ୍ରାମର ସଭାପତି ପ୍ରଫୁଲ୍ଲ ଛତାର, ସମ୍ପାଦକ ଗଗନ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ବିଜୟ ବଳିୟାର ସିଂହ, ବିଜେଡ଼ିର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ମାଝୀ, ବ୍ରହ୍ମାନନ୍ଦ ମାଝୀ, ପ୍ରତାପ ଚନ୍ଦ୍ର ନାୟକଙ୍କ ସହ ସମସ୍ତ ସାହି କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନାରେ ସହଯୋଗ କରିଥିଲେ।



ଏହି ଶୋଭାଯାତ୍ରା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ମଲ୍ଲିକାନାଥ ଦେବଙ୍କ ମନ୍ଦିର ପରିସରରୁ ଆରମ୍ଭ ହୋଇ ଗ୍ରାମର ବିଭିନ୍ନ ସାହି ପରିକ୍ରମା କରି ଶେଷରେ ନୂଆସାହି ଠାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ବ୍ୟକ୍ତିତ୍ୱ ତଥା ଇଡ଼କୋର ଅବସରପ୍ରାପ୍ତ ସହପରିଚାଳକ ବିରଞ୍ଚି ନାରାୟଣ ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଧଳ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସାଧୁବାଦ ଜଣାଇଥିଲେ।

# ସାହିବସ୍ତିରେ ବାସୁଛି ଘାଣ୍ଟ ତରକାରିର ବାସ୍ନା

ଚୌଦ୍ୱାର,୧୫।୯(ସମିସ)



ପବିତ୍ର ମୂଳାଷ୍ଟମୀ। ଏହି ତିଥିରେ ମା' ଶକ୍ତିଙ୍କ ସ୍ୱତନ୍ତ୍ର ପୂଜା କରାଯିବା ସହ ଦ୍ୱିତୀୟା ଓଷା କରାଯାଇଥାଏ। ଏହି ଦ୍ୱିତୀୟା ଓଷା ବା ଦ୍ୱୀତିବାମନ ଓଷାର ପରଦିନ ଘାଣ୍ଟ ତରକାରୀ ପ୍ରସ୍ତୁତ କରି ଭୋଗ ଲାଗି ହେବା ପରେ ପୂର୍ବପୁରୁଷଙ୍କୁ ଅର୍ପଣ କରାଯିବା ଉତ୍କଳୀୟ ପରମ୍ପରାର ଏକ ନିଦର୍ଶନ। ଏହି ଅବସରରେ ପ୍ରତ୍ୟେକ ଓଡ଼ିଆ ଘରେ ବ୍ୟଞ୍ଜନ ଭାବେ ପ୍ରସ୍ତୁତ କରାଯାଏ ଘାଣ୍ଟ ତରକାରୀ। ଏଥିରେ ପ୍ରାୟ ୨୧ ପ୍ରକାର ପନିପରିବା ପକାଯାଇ ସ୍ୱତନ୍ତ୍ର ଭାବେ ରନ୍ଧା ଯାଇଥାଏ। ବଡ଼ ନିଷ୍ଠାର ସହ ଏହାକୁ ପ୍ରସ୍ତୁତ କରାଯିବା ଦେଖିବାକୁ ମିଳିଥାଏ। ଏଥିରେ ଆଳୁ ଓ ବିଲାତି ବାଇଗଣ ପକାଯାଏ ନାହିଁ। ତେବେ ଗତକାଲି ମୂଳାଷ୍ଟମୀ ଓ ଦ୍ୱିତୀୟା ଓଷା ହୋଇଥିବାବେଳେ ଆଜି ଘରେ ଘରେ ମହକୁଛି ଘାଣ୍ଟ ତରକାରୀର ଭୁରୁ ଭୁରୁ ବାସ୍ନା। ପୁରାଣର କିମ୍ବଦନ୍ତୀ ତଥା ଆଜିର ଚୌଦ୍ୱାର ଅଞ୍ଚଳରେ ଏଭଳି ଦ୍ୱିତୀୟା ଘାଣ୍ଟର ବାସ୍ନା ସାହିଠାରୁ ବଜାର ପର୍ଯ୍ୟନ୍ତ ମହକୁଥିବା ଦେଖିବାକୁ ମିଳିଛି। ଏହି ପରମ୍ପରା ଆଜିକାଲିର ନୁହେଁ କାହିଁ କେତେକାଳୁ ଚଳିଆସୁଛି ତାହାର କିଛି ଠିକଣା ନାହିଁ। ପରିବାରର ବରିଷ୍ଠ ନାଗରିକମାନଙ୍କ କହିବା ଅନୁଯାୟୀ ସେମାନେ ମଧ୍ୟ ସେମାନଙ୍କ ଜେଜେମାଙ୍କ ଠାରୁ ଏଭଳି ଓଷା ପାଳନ ହେଉଥିବା ଦେଖିଛନ୍ତି ବୋଲି କହିଥାନ୍ତି। ଏହି ପରିପ୍ରେକ୍ଷୀରେ ବଜାରରେ ବିଭିନ୍ନ ପ୍ରକାର ପନିପରିବା ମଧ୍ୟ ମିଳୁଥିବାବେଳେ ଚାହିଦା ଅନୁଯାୟୀ ଦର ମଧ୍ୟ ଉଚ୍ଚା ରହିଥାଏ। ଅନ୍ୟପକ୍ଷରେ ଏହି ଓଷା ପାଳନ ପଛରେ ବିଭିନ୍ନ କାରଣ ଥିବା ବୁଦ୍ଧିଜୀବୀମାନେ କହିଥାନ୍ତି। ପ୍ରଥମତଃ ଶ୍ରାବଣ ଓ ଭାଦ୍ରବ ମାସରେ ଅନେକ ଆଶାଢୁଆ ପନିପରିବା ଫଳିଥାଏ। ଯାହାକୁ ନେଇ ଆଶ୍ୱିନମାସରେ ଘାଣ୍ଟ ରାନ୍ଧିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପନିପରିବା ଉପଲବ୍ଧ ମଧ୍ୟ ହୋଇଥାଏ। ସେହିଭଳି ବିଜ୍ଞାନମତରେ ବିଭିନ୍ନ ଅପପୃଷ୍ଟି ରୋଗର ପ୍ରତିରୋଧ ପାଇଁ ବିଭିନ୍ନ ପନିପରିବା ଖାଇବା ଆବଶ୍ୟକତା ରହିଛି। ତେଣୁ ଘାଣ୍ଟରେ ବିଶେଷ କରି ବିଭିନ୍ନ ପନିପରିବା ପକାଯାଇ ବ୍ୟଞ୍ଜନ ପ୍ରସ୍ତୁତ ହେଉଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକାରକ ବୋଲି ମତ ରହିଛି। ପୁନଶ୍ଚ ଏହି ଘାଣ୍ଟ ପ୍ରସ୍ତୁତିବେଳେ ଶ୍ରୀମନ୍ଦିରରେ ବ୍ୟବହୃତ ପନିପରିବାକୁ ନେଇ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ ବୋଲି କୁହାଯାଏ। ତେବେ ଏହି ଘାଣ୍ଟ ବ୍ୟଞ୍ଜନକୁ ନେଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ର ମତ ରହିଛି।

**ମତାମତ**



ଉତ୍କଳୀୟ ସଂସ୍କୃତିରେ ଘାଣ୍ଟ ତରକାରୀ ଏକ ସ୍ୱତନ୍ତ୍ର ବ୍ୟଞ୍ଜନ। ଏଥିରେ ୨୧ ପ୍ରକାର ପନିପରିବା ପକାଯାଏ। ବିନା ପିଆଜ ରସୁଣରେ ଶୁଦ୍ଧପୁତ ଭାବେ ଏହାକୁ ପ୍ରସ୍ତୁତ କରାଯାଏ। ପ୍ରତିବର୍ଷ ଘାଣ୍ଟ ରାନ୍ଧିବା ପାଇଁ ଆମ୍ଭେ ମଧ୍ୟ ଚାତକ ଭଳି ଅପେକ୍ଷା କରିଥାଉ। ଏହାକୁ ରାନ୍ଧି ନିଜ ପରିବାର ସହ ସାହିପଡ଼ିଶାକୁ ବଣ୍ଟନ କରି ସମ୍ପର୍କକୁ ସୁଦୃଢ଼ କରିବାର ଏକ ଅବକାଶ ମିଳିଥାଏ।

ମୋନାଲିସା ପୃଷ୍ଟି (ଗୃହିଣୀ)



ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିରେ ଦ୍ୱିତୀବାମନ ଓଷା ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଏହାକୁ ଦ୍ୱିତୀୟା ଓଷା ମଧ୍ୟ କୁହନ୍ତି। ଏହା ମୂଳାଷ୍ଟମୀ ନାମରେ ମଧ୍ୟ ପରିଚିତ। ଏହି ଦିନ ଶ୍ରୀମନ୍ଦିରରେ ମା ଶକ୍ତିରୂପିଣୀ ବିମଳାଙ୍କ ନିକଟରେ ସ୍ୱତନ୍ତ୍ର ପୂଜା କରାଯିବା ସହ ଭୋଗରେ ୨୧ ପ୍ରକାର ଫଳ ଓ ପରିବା ଲାଗି ହୋଇଥାଏ। ପରଦିନ ବା କୃଷ୍ଣପକ୍ଷ ନବମୀ ତିଥିରେ ଘାଣ୍ଟ ପ୍ରସ୍ତୁତ କରାଯାଏ। ଏହି ଘାଣ୍ଟ ତରକାରୀ ମହାପ୍ରଭୁଙ୍କ ନିକଟରେ ନୈବେଦ୍ୟ କରାଯାଇଥାଏ। ଶ୍ରୀ ମନ୍ଦିରରେ ଏହି ଓଷା କାହିଁ କେତେ କାଳରୁ ପାଳନ ହୋଇ ଆସୁଛି।

ଦିବ୍ୟଜ୍ୟୋତି ପାଣି (ପ୍ରାକ୍ତନ କମ୍ୟୁନିକେସନ ଏକ୍ସପର୍ଟ, ଶ୍ରୀମନ୍ଦିର ପ୍ରଶାସନ)



ଚୌଦ୍ୱାର ଅଞ୍ଚଳରେ ଘାଣ୍ଟ ବା ଦ୍ୱିତୀୟା ଓଷା ବଡ଼ ଆଡ଼ମ୍ବରରେ ତିଆରି ହୋଇଥାଏ। ଏହି ଘାଣ୍ଟକୁ ସାହି ପଡ଼ିଶାଙ୍କ ମଧ୍ୟରେ ବିତରଣ କରାଯାଇ ଭାଇଚାରାର ଏକ ପରମ୍ପରା ରହି ଆସିଛି। ଏମିତି କି ପ୍ରତ୍ୟେକ ଲୋକଙ୍କ ଘରେ ଘାଣ୍ଟ ରନ୍ଧା ଯାଉଥିଲେ ମଧ୍ୟ ଏହାକୁ ବାଣ୍ଟିବା ଏବଂ ପଡ଼ିଶା ଘରର ଘାଣ୍ଟକୁ ଚାଖିବା ପରମ୍ପରା ରହିଛି।

ବିମଳ ବେଉରା (ଜଗନ୍ନାଥ ଭକ୍ତ ସମାଜ ସଦସ୍ୟ)

# ରାଜବାଟୀରେ ବିଜେ ହେଲେ ମା' ପ୍ରଗଳା

ନରସିଂହପୁର,୧୫।୯(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଗଳା ନରସିଂହପୁରର ପରମ୍ପରାକୁ ବଜାଇ ରଖି ରବିବାର ବିଳମ୍ବିତ ରାତିରେ ରାଜବାଟୀରେ ବିଜେ କରିଛନ୍ତି। ଏହି ଦେଶୀୟ ଗଡଜାତ ରାଜ୍ୟର ପ୍ରାକୃତିକ ପରିବେଶ ଅତି ମନୋରମ। ଏହାର ଗିରିକନ୍ଦର ସବୁଜବନାନୀ, ନଦନଦୀ ବେଷ୍ଟିତ ଅପୂର୍ବ ସୌନ୍ଦର୍ଯ୍ୟକୁ ଅବଲୋକନ କଲେ ଯେ କୌଣସି ଲୋକଙ୍କର ମନ ବିହ୍ୱଳିତ ହୋଇଉଠିବ। ଏହାର ଐତିହାସିକ ପ୍ରାଚୀନ ନାମ ଐରାବତ ମଣ୍ଡଳ ବା ଅରାଟଦେଶ ଥିବା ତାମ୍ରଫଳକ ଓ ଶିଳାଲେଖରୁ ଜଣାଯାଏ। କଟକ ଜିଲ୍ଲା ନରସିଂହପୁର ଉତ୍ତର ଦିଗରେ ନିଘଞ୍ଚ ଅରଣ୍ୟର ଜୟପୁର ଗ୍ରାମ ନିକଟରେ ଏକ ମନୋଜ୍ଞ ପରିବେଷ୍ଟନା ମଧ୍ୟରେ ପ୍ରସିଦ୍ଧ ଇଷ୍ଟଦେବୀ ମା' ପ୍ରଗଳା ବିରାଜମାନ କରିଛନ୍ତି। ମା'ଙ୍କର କୌଣସି ମୂର୍ତ୍ତି ନାହିଁ କେବଳ ଦୁଇଖଣ୍ଡ ସିନ୍ଦୁର ରଞ୍ଜିତ ଭଗ୍ନ ଛୁରିକା ହିଁ ପୂଜା ପାଇ ଆସୁଛନ୍ତି। କେବଳ ରାଜାଙ୍କ ସ୍ୱତନ୍ତ୍ର ପୂଜା ନିମନ୍ତେ ପ୍ରତିବର୍ଷ ଆଶ୍ୱିନ କୃଷ୍ଣ ମୂଳାଷ୍ଟମୀ ଦ୍ୱିତୀୟା ଓଷା ଦିନ ରାତ୍ରିରେ ତାଙ୍କୁ ଆବାହନ କରି ପାର୍ବତୀପୁର ଶାସନ ନିକଟ ବଡଚାଳିଆ ପୋଖରୀଠାରୁ ରାଜ ନଅରକୁ ଅଣାଯାଇଥାଏ। ଦୁଇ ଜଣ ଯୁବକ ଶୁଦ୍ଧପୁତ ଭାବେ ଗୋଟିଏ ନୂଆ ମାଟି କଳସ ମଧ୍ୟରେ ବିବିଧ ପୁଷ୍ପ ବେଲପତ୍ର ମାଳାରେ ସୁଶୋଭିତ କରାଇ କାନ୍ଧରେ ବୋହି ବୋହି ବିଜେ କରାଇ ଆଣନ୍ତି। ନରସିଂହପୁରର କେନ୍ଦ୍ରସ୍ଥଳ (ଦୋଳବେଦୀ ଛକ) ଠାରେ ପୂଜା କରାଯାଇଥାଏ। ଏହି ସ୍ଥଳରେ ପୂଜାର୍ଚ୍ଚନା କରିବା ପରେ ମା ପ୍ରଗଳା ଦେବୀଙ୍କୁ ରାଜବାଟୀକୁ ପ୍ରବେଶ ପଥରେ ନେଇଥାନ୍ତି। ମା'ପ୍ରଗଳାଙ୍କର ଦୁଇଟି ଛୁରୀ ମଧ୍ୟରେ ସାନ ଛୁରୀଟି ଅଧିକାଂଶ ସମୟ ମନ୍ଦିରରେ ନ ଥାଏ ମାତ୍ର ଭକ୍ତ ଆଗମନ ହୋଇଗଲେ ଆଶ୍ଚର୍ଯ୍ୟ ଭାବେ ପ୍ରକଟ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ ମା ପ୍ରଗଳାଙ୍କ ରାଜବାଟୀ ଆଗମନ ସମୟରେ ରାଜା ଅଙ୍କିତ କୁମାର ସିଂହଦେଓ, ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମା'ଙ୍କର କୃପାଲାଭ କରିଥିଲେ। ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।



## ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ ଖାତିର କରୁନି ଓଡ଼ିଶା ପୁଲିସ

# ତିନି ଡଜନ୍ ଥାନାରେ ନାହିଁ ସିସିଟିଭି

ଭୁବନେଶ୍ୱର,୧୫।୯(ସମିସ): ଭରତପୁର ଥାନାରେ ଜଣେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଅସଦାଚରଣ ଘଟଣା ସାରା ଦେଶରେ ଓଡ଼ିଶା ପୁଲିସକୁ ନିନ୍ଦିତ କରିଥିଲା। ଏହି ଘଟଣା ପରେ ସବୁ ଥାନାରେ ସିସିଟିଭି ଲଗାଇବା ସହ ଏହାକୁ ଉଚ୍ଚ ଅଧିକାରୀ ମନିଟରିଂ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ବର୍ଷାଧିକ କାଳ ବିତିଥିଲେ ବି ଅନେକ ତିନି ଡ଼ଜନ ଥାନାରେ ସିସିଟିଭି ଲାଗିନାହିଁ ଓ ତିନି ଶହ ଥାନାରେ ଲାଗିଥିବା ସିସିଟିଭି ମନିଟରିଂ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ସମୟରେ ଥାନାରେ ସିସିଟିଭି ଲଗାଇବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିବା ଅନେକ ଗୁରୁତ୍ୱବହନ କରିଛି । ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ପୁଲିସ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଛି ।

ଭରତପୁର ଘଟଣା ପରେ ପୁଲିସ ଆଧୁନିକୀକରଣ ଏଡିଜି ଦୟାଲ ଗଙ୍ଗୱାର କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରାଜ୍ୟର ୫୨ଟି ଥାନାରେ ସିସିଟିଭି ଲଗାଯାଇ ନ ଥିବା ଦର୍ଶାଇଥିଲେ। ଅନୁରୂପ ଭାବରେ ୨୦୨୪ ସେପ୍ଟେମ୍ବର ୨୪ ସୁଦ୍ଧା ୪୫୬ ଥାନାରେ ୨ହଜାର ୨୬୬ ସିସିଟିଭି ବିଭିନ୍ନ କାରଣ ପାଇଁ କାର୍ଯ୍ୟକ୍ଷମ ନ ଥିବା ମଧ୍ୟ ସତ୍ୟପାଠରେ ସେ ଉଲ୍ଲେଖ କରିଥିଲେ। ମାତ୍ର ଇତିମଧ୍ୟରେ ବର୍ଷଟିଏ ବିତିଥିଲେ ବି ରାଜ୍ୟର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ଏବେ ବି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଥାନାରେ ସିସିଟିଭି ଲଗାଇବା ଏବଂ ମେଣ୍ଟେନାନ୍ସ କରିବା କାମ

- ମନିଟରିଂ ହେଉନି ଥାନାରେ ଲାଗିଥିବା ସିସିଟିଭିର
- ଉଚ୍ଚ ଅଧିକାରୀ ତଦାରଖ କରୁନଥିବାରୁ ରହୁନି ଭୟ
- ଚିଠି ପରେ ହେଉନି ମରାମତି ହେଉନି ଖରାପ ସିସିଟିଭି

ଓକାକ୍ ନେଇଛି। ହେଲେ ଓକାକ୍ ନିଜେ ଏହି କାମ ନ କରି ତୃତୀୟପକ୍ଷକୁ କାମ କରିବାକୁ ଲିଜ୍ ଦେଇଛି। ମାତ୍ର ସମ୍ପୃକ୍ତ ସଂସ୍ଥା ତା କାମ ଠିକ୍ କରୁଛି କି ନାହିଁ ତାହାର ଯାଞ୍ଚ କରାଯାଉ ନାହିଁ।

ଥାନାରେ ସିସିଟିଭି ନ ଥିବାରୁ ଓ ସ୍ଥଳ ବିଶେଷରେ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପୁଲିସର ଭୂମିକା ଉପରେ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଥାନାରେ ଅଟକଙ୍କୁ ନିର୍ଯାତନା, ହାଜତ ମୃତ୍ୟୁ ଘଟଣାରେ ବାସ୍ତବ ତଥ୍ୟ ମିଳି ପାରୁନାହିଁ। ସେହିପରି ଥାନା ପରିସରରୁ ଚୋରି ଓ ଥାନାରୁ ଅପରାଧୀ ଫେରାର ଘଟଣା ସମ୍ପର୍କରେ ମଧ୍ୟ ସତ୍ୟ ସ୍ପଷ୍ଟ ହେଉ ନାହିଁ। ରାଜ୍ୟ ତ ଦୂରର କଥା ରାଜଧାନୀ ଭୁବନେଶ୍ୱର ଏବଂ କଟକର ଅନେକ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ଅର୍ଦ୍ଧାଧିକ ଅଚଳ ଥିବା କୁହାଯାଉଛି। ଥାନା ଅଧିକାରୀ ଏନେଇ ବାରମ୍ବାର ଓକାକ୍‌କୁ ଚିଠି ଲେଖିଲେ ମଧ୍ୟ ତାହା ଠିକ୍ କରାଯାଉନଥିବା ଅଭିଯୋଗ କରାଯାଉଛି।

ଅପରପକ୍ଷରେ ସାମୁଦ୍ରିକ ଥାନାଗୁଡ଼ିକରେ ସିସିଟିଭି ଅଚଳ ଥିବା ମଧ୍ୟ ଅଭିଯୋଗ ହେଉଛି। ମେରାଇନ୍ ଥାନାଗୁଡ଼ିକ ସମୁଦ୍ର ନିକଟରେ ହୋଇଥିବାରୁ ଲୁଣା ପବନରେ ଏହା ନଷ୍ଟ ହୋଇ ଯାଉଥିବା କୁହାଯାଉଛି ଓ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ବିଭିନ୍ନ ଥାନାରେ ଲୋକଙ୍କ କଥା ବୁଝୁଥିବା ଜଣେ ବ୍ୟକ୍ତିଙ୍କୁ ବଡ଼ି କ୍ୟାମେରା ଦିଆଯାଇଛି। ହେଲେ ଏହି କ୍ୟାମେରାର ତଥ୍ୟକୁ ନେଇ ମଧ୍ୟ ଅନେକ ସମୟରେ ବିବାଦ ସୃଷ୍ଟି ହୋଇଛି ।

## ୧୬୮୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଭଲ କାମ କର: ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୧୫।୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୭ଟି ବିଭାଗର ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ନିଯୁକ୍ତି। ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଏକାଦଶ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆପଣମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା। ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୦ ଜଣ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ■ ପୁରୀ ପୁଲିସର ସ୍ୱତନ୍ତ୍ର ଅଭିଯାନ

# ୭୦ ଖଣ୍ଡା, ଭୁଜାଲି ଜବତ



ପୁରୀ,୧୫।୯(ସମିସ): ପାର୍ବଣ ପୂର୍ବରୁ ଆକ୍ସନ୍ ମୋଡ୍‌କୁ ଆସିଛି ପୁରୀ ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ସବ୍-ଡିଭିଜନ୍‌ର ସମସ୍ତ ଥାନାଧିକାରୀ ପରିଚିତ ଅସାମାଜିକ ବ୍ୟକ୍ତି, ବିଭିନ୍ନ କ୍ଲବ୍, ଧାରୁଆ ଅସ୍ତ୍ର ତିଆରି ଓ ବିକ୍ରୟ କେନ୍ଦ୍ର ଆଦିରେ ଚଢ଼ଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏହି ବିଶେଷ ଅଭିଯାନରେ ପୁରୀ ପୁଲିସ୍ ମୋଟ ୭୦ଟି ଧାରୁଆ ଅସ୍ତ୍ର ଜବତ କରିଛି। ସେଥିରେ ୧୦ଟି ବଡ଼ ଖଣ୍ଡା, ୪ଟି ତେଲେଙ୍ଗା କଟୁରୀ, ୧୦ଟି ଭୁଜାଲି ଏବଂ ଅବଶିଷ୍ଟ ସବୁ କାତି ରହିଛି। ଏହି ଅଭିଯାନ ସମୟରେ ଦୁଇଜଣ ଅସାମାଜିକଙ୍କୁ ତଲୱାର ସହିତ ଧରାଯାଇଛି। ଏ ନେଇ କୁମ୍ଭାରପଡ଼ା ଏବଂ ସମୁଦ୍ରକୂଳ ଥାନାରେ ୨ଟି ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଆଜି ଟାଉନ୍ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, ବଳିଆପଣ୍ଡା ଥାନା ଅଧିକାରୀ ସଙ୍ଗୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିରରେ ଲଜ୍ଜା

# ମହିଳାଙ୍କୁ ବିଜେପି ନେତାଙ୍କ ଦୁଷ୍କର୍ମ !

କଣ୍ଟାବାଞ୍ଜି,୧୫।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିଜେପିର ଜଣେ ଯୁବନେତା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି। ଏନେଇ ମହିଳାଜଣଙ୍କ ଅଭିଯୋଗ କରିବାରୁ ପୁଲିସ ବିଜେପି ନେତା ଚିଣ୍ଟୁ ଅଗ୍ରୱାଲଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଥାନାରେ ମାମଲା ରୁଜୁ**

ପୁଲିସ୍ ସୂଚନାନୁସାରେ, ମହିଳାଜଣଙ୍କ ତାଙ୍କ ପ୍ରେମିକ ସହ ସହରରେ ଏକ ଭଡ଼ା ଘରେ ରହୁଛନ୍ତି। ମହିଳାଙ୍କ ପ୍ରେମିକ ସହ ଚିଣ୍ଟୁଙ୍କର ଭଲ ବନ୍ଧୁତା ଥିଲା। ଏଥିଯୋଗୁଁ ଚିଣ୍ଟୁ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଗତ ୧୩ ତାରିଖ ରାତି ପ୍ରାୟ ୭ଟାରେ ଚିଣ୍ଟୁ ତାଙ୍କ ଘରକୁ ଯାଇଥିଲେ। ତେବେ ସେଠାରେ ମହିଳାଜଣଙ୍କ ଏକୁଟିଆ ଥିବା ସୁଯୋଗରେ ଚିଣ୍ଟୁ ତାଙ୍କୁ ଦୁଷ୍କର୍ମ କରିଥିଲା। ଏହାସହ ଘଟଣା ସମ୍ପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମହିଳାଜଣଙ୍କ ଏ ସଂପର୍କରେ ତାଙ୍କ ପ୍ରେମିକଙ୍କୁ ଜଣାଇବା ପରେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସେପଟେ, ମାମଲା ରୁଜୁ ପରେ ଅଭିଯୁକ୍ତ ଚିଣ୍ଟୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଚିଣ୍ଟୁ ବିଜେପିର ଅନେକ ରାଜନେତାଙ୍କ ନିକଟତମ ଲୋକ। ଅନ୍ୟପକ୍ଷରେ, ଚିଣ୍ଟୁଙ୍କୁ ତୁରନ୍ତ ଗିରଫ କରାନଗଲେ, କଣ୍ଟାବାଞ୍ଜି ଥାନା ଘେରଉ କରାଯିବ ବୋଲି ବିଜେଡି ନେତା ଗିରିରାଜ ସିଂ ମାଝୀ ଚେତାବନୀ ଦେଇଛନ୍ତି।

## ବାଲିହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା

# ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସୁରକ୍ଷିତ ନୁହେଁ: ସଞ୍ଜୟ ଦାସବର୍ମା



ଭୁବନେଶ୍ୱର,୧୪।୯(ସମିସ): ଦୁଇ ଦିନ ତଳେ ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିହରଚଣ୍ଡୀ ପୀଠରେ ଏକ ଛାତ୍ରୀକୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଏହି ଘଟଣା ଗଣମାଧ୍ୟମରେ ଖବର ଆସିଲା। ଏହାକୁ ଅନୁସନ୍ଧାନ କଲେ ରାଜ୍ୟରେ ଯେ ମହିଳା ଅସୁରକ୍ଷିତ, ତାହା ସ୍ପଷ୍ଟ ହେଉଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା।

ସେ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ଏହି ଘଟଣା କମ୍ପନ ସୃଷ୍ଟି କରିଛି। ପୀଡ଼ିତା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଦୁର୍ବୃତ୍ତଙ୍କୁ ଏବେ ପର୍ଯ୍ୟନ୍ତ ପୁଲିସ ଧରିପାରିନାହିଁ। ବିଶ୍ୱ ଆଧ୍ୟାତ୍ମିକ କେନ୍ଦ୍ର ଜଗନ୍ନାଥଙ୍କ ଜିଲ୍ଲାରେ ବାଲିହରଚଣ୍ଡୀ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଏବେ ବି ସୁରକ୍ଷିତ ନୁହେଁ। ବାଲିହରଚଣ୍ଡୀରେ ଏକ ପୁଲିସ ଆଉଟ୍‌ପୋଷ୍ଟ ବା ଫାଣ୍ଡି ପ୍ରତିଷ୍ଠା କରାଯାଉ। କେବଳ ପୁରୀ ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷିତ ରଖାଯିବା ସହ ସବୁଠି ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ସମ୍ବେଦନଶୀଳ ଆଭିମୁଖ୍ୟକୁ ନେଇ ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି। ୨ବର୍ଷ ହେବ, ବହୁ ପର୍ଯ୍ୟଟନସ୍ଥଳରେ ପୁଲିସ ଫାଣ୍ଡି ପ୍ରସ୍ତୁତ କରିବା ପାଇଁ ଦାବି ଉଠିଛି। ପୂର୍ବରୁ ବାଲିହରଚଣ୍ଡୀଠାରେ ଏକ ପୁଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ଡିଜିଙ୍କ ପାଖରେ ଦାବି ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନୂତନ ସରକାର ଆସିବା ପରେ ରାଜ୍ୟରେ ନାରୀ ନିର୍ଯାତନା ବଢୁଥିବା ବେଳେ ଛାତ୍ରୀ ଓ ଶିକ୍ଷାନୁଷ୍ଠାନ ସବୁ ଅସୁରକ୍ଷିତ ହୋଇପଡ଼ିଛି। ଓଡ଼ିଶାରେ ମହିଳାଙ୍କ ପାଇଁ ସୁରକ୍ଷିତ ନଥିବା ବେଳେ ଏଥିପାଇଁ ଆମେରିକା ମଧ୍ୟ ନିଜର ମାର୍ଗଦର୍ଶିକା ଜାରି କରିଛି। ଓଡ଼ିଶାର ପରିଚୟକୁ ନେଇ ଏବେ ସଙ୍କଟ ସୃଷ୍ଟି ହୋଇଛି। ଗୋପାଳପୁର ଘଟଣା, ସୌମ୍ୟାଶ୍ରୀ, ବଳଙ୍ଗା ପୀଡ଼ିତଙ୍କ ନିଆଁ ନ ଲିଭୁଣୁ ଏବେ ପୁଣି ବ୍ରହ୍ମଗିରିର ଏହି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କେବଳ ପୁରୀ ନୁହେଁ ବରଂ ସମ୍ପୂର୍ଣ୍ଣ ରାଜ୍ୟ ନିନ୍ଦିତ ବୋଲି ସେ କହିଛନ୍ତି।

## ■ ସିବିଏସ୍‌ଇର ନୂତନ ମାର୍ଗଦର୍ଶିକା

# ଦୁଇ ବର୍ଷିଆ ହେବ ଦଶମ ଓ ଦ୍ୱାଦଶ ପାଠ୍ୟକ୍ରମ

ଭୁବନେଶ୍ୱର, ୧୫।୯(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏଣିକି ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ଦୁଇ ବର୍ଷିଆ ପାଠ୍ୟକ୍ରମ ଭାବେ ବିଚାର କରାଯିବ। ଅର୍ଥାତ୍ ଦଶମ ପରୀକ୍ଷା ପାଇଁ ନବମ ଏବଂ ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ଶ୍ରେଣୀ ନିୟମିତ ଭାବେ ପଢ଼ିବାକୁ ହେବ। ଅନ୍ୟଥା ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ଯୋଗ୍ୟ ବିବେଚିତ ହେବେନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟରେ ୭୫ ପ୍ରତିଶତ ଉପସ୍ଥାନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ଥିବା ବା ନିୟମିତ ଭାବେ ବିଦ୍ୟାଳୟକୁ ଆସିବେ ନାହିଁ, ସେମାନଙ୍କର ଇଣ୍ଟରନାଲ୍ ଆସେସମେଣ୍ଟ କରାଯିବ ନାହିଁ। ଇଣ୍ଟରନାଲ୍ ଆସେସମେଣ୍ଟ ହୋଇ ନ ପାରିଲେ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ସେମାନେ ନିୟମିତ ଛାତ୍ରଛାତ୍ରୀ ହୋଇଥିଲେ ମଧ୍ୟ 'ଏସେନସିଆଲ୍ ରିପିଟ୍ କାଟେଗୋରୀ' ଅନ୍ତର୍ଭୁକ୍ତ ହେବେ।

ଅନୁରୂପ ଭାବେ ଛାତ୍ରଛାତ୍ରୀମାନେ ଅତିରିକ୍ତ ବିଷୟ ନେଇ ପାଠ ପଢ଼ିବେ। ଦଶମ ଶ୍ରେଣୀରେ ଦୁଇଟି ଏବଂ ଦ୍ୱାଦଶରେ ଗୋଟିଏ ଅତିରିକ୍ତ ବିଷୟ ରହିବ। ବାଧ୍ୟତାମୂଳକ ପାଠ୍ୟକ୍ରମ ସହିତ ଅତିରିକ୍ତ ବିଷୟ ପଢ଼ାଯିବ। ଏହି ବିଷୟଗୁଡ଼ିକ ମଧ୍ୟ ଦୁଇ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହେବ। ସିବିଏସ୍‌ଇ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଶିକ୍ଷକ ଓ ଲାବ୍ ଉପଲବ୍ଧ ନ ଥିଲେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟ ପ୍ରଦାନ କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଏହାକୁ କଡ଼ାକଡ଼ି ବାବେ ପାଳନ କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲଗୁଡ଼ିକୁ କୁହାଯାଇଛି।

# ଗାଡ଼ି ଚଳାଇବା ବେଳେ ରିଲ୍ସ କଲେ ଆର୍‌ସି, ଡିଏଲ ବାତିଲ

କଟକ, ୧୫।୯ (ସମିସ): ଗାଡ଼ି ଚଳାଇବା ବେଳେ ଚାଳକ ମୋବାଇଲ୍‌ରେ ରିଲ୍ସ କିମ୍ବା ଭିଡିଓ କଲେ, ଗାଡ଼ିର ରେଜିଷ୍ଟ୍ରେସନ୍ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ଅନେକ ସମୟରେ ଗାଡ଼ି ଚଳାଇବା ବେଳେ ଚାଳକମାନେ ଅତି ବିପଦପୂର୍ଣ୍ଣ ଭାବେ ରିଲ୍ସ, ଭିଡିଓ ଆଦି ମୋବାଇଲରେ ଉତ୍ତୋଳନ କରୁଥିବା ପରିଲକ୍ଷିତ

- ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ
- ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ି ଜବତ

ହେଉଛି। ଏଭଳି ଗାଡ଼ି ଚାଳନା ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିବହନ ବିଭାଗ ଚେତାଇ ଦେଇଛି। ଏଥିସହ ରିଲ୍ସ ବା ଭିଡିଓ କରିବା ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ନେଇ କେତେକ ସ୍ଥାନରେ ଗାଡ଼ି ଜବତ ହୋଇଛି। ଜରିମାନା ସହ ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜୀକରଣ ସାର୍ଟିଫିକେଟକୁ ନିଲମ୍ବନ କରାଯିବ ବୋଲି କୁହାଯାଇଛି।

ରିଲ୍ସ ତଥା ସୋସିଆଲ ମିଡିଆ ଭିୟୁ ପାଇଁ ଯୁବପିଢ଼ି ବିପଦପୂର୍ଣ୍ଣ ଗାଡ଼ି ଚଳାଉଥିବାର ଭିଡିଓ ନିୟମିତ ଭାବରେ ସାମ୍ନାକୁ ଆସୁଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ବି ଘଟୁଛି। କେବଳ ଉକ୍ତ ଗାଡ଼ି ଚାଳକ ନୁହେଁ, ଏହା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ବିପଦର କାରଣ ପାଲଟୁଛି। ନିୟମ ଉଲ୍ଲଙ୍ଘନର ଏଭଳି ଦୃଶ୍ୟ ଉପରେ ନିୟନ୍ତ୍ରଣ ପାଇଁ ରାସ୍ତାରେ ଏନଫୋର୍ସମେଣ୍ଟ ସହ ସୋସିଆଲ ମିଡିଆ ଉପରେ ମଧ୍ୟ ଏଭଳି ଘଟଣା ଉପରେ ଦୃଷ୍ଟି ରଖିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ରାସ୍ତାରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଏ ସଂପର୍କରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ତ୍ୱରିତ ପଦକ୍ଷେପ ସ୍ୱରୂପ, କୋରାପୁଟ ଜିଲ୍ଲା ଜୟପୁର ଉପକଣ୍ଠ ବାରିଣିପୁଟଠାରେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଦୋକାନ ଉପରେ ମାଡ଼ିଯିବା ଏବଂ ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗାଡ଼ିକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ପୁଲିସ ଅଟକ ରଖିଛି।

ସେହିଭଳି, ଖୋର୍ଦ୍ଧା ଜିଲ୍ଲା ହଳଦିଆର ଏକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଳନ୍ତା ଚାରିଚକିଆ ଗାଡ଼ିରେ ଡ୍ରାଇଭର ଷ୍ଟିଅରିଂ ଛାଡ଼ି ରିଲ୍ସ କରୁଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ ପୁଲିସ, ଜଗତସିଂହପୁର ଓ ଭୁବନେଶ୍ୱର-୧ ଆରଟିଓଙ୍କ ସହଯୋଗରେ ଗାଡ଼ିକୁ ଜବତ କରିଛନ୍ତି। ଭୁବନେଶ୍ୱରରେ ଏକ ବାଇକରେ ଯୁବକ-ଯୁବତୀଙ୍କ ବିପଦପୂର୍ଣ୍ଣ ଗାଡ଼ି ଚାଳନାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ମଧ୍ୟରେ ଭୁବନେଶ୍ୱର-୨ ଆରଟିଓ ଗାଡ଼ି ଅଟକ ରଖିଥିବା ବେଳେ ଜରିମାନା, ଲାଇସେନ୍ସ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପୁରୀରେ ମଧ୍ୟ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଘଟଣାରେ ଗାଡ଼ିକୁ ଅଟକ ରଖି ଜରିମାନା କରାଯାଇଛି।

## ■ ୧୭ ତାରିଖରେ ବିଦ୍ୟାଳୟ ସମୟ ପରିବର୍ତ୍ତନ

# ଅପରାହ୍ଣରେ ମିଳିବ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୧୫।୯(ସମିସ): ଆସନ୍ତା ୧୭ ତାରିଖରେ ଛାତ୍ରଛାତ୍ରୀମାନେ ରାଜ୍ୟସାରା ଚାରା ରୋପଣ କରିବେ। ଏଥିପାଇଁ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରାଯାଇଛି। ସକାଳ ୧୦ ପରିବର୍ତ୍ତେ ୭ଟା ରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିବେ। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଅପରାହ୍ଣ ସାଢ଼େ ୧ଟାରେ ବିଦ୍ୟାଳୟ ଛୁଟି ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନେଇ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।

ଛାତ୍ରଛାତ୍ରୀମାନେ ସକାଳ ୭ରୁ ବିଦ୍ୟାଳୟକୁ ଯାଇ ସାଢ଼େ ୧ରେ ଆସିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ଡିଇଓମାନେ ମଧ୍ୟ ପ୍ରସ୍ତୁତି କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଚାରା ରୋପଣ କରିସାରବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବୁ ସରିବା ପରେ ମଧ୍ୟାହ୍ନ ଭୋଜନ ଦେଇ ପିଲାଙ୍କୁ ଛୁଟି କରିବାକୁ ବିଦ୍ୟାଳୟଗୁଡ଼ିକୁ କୁହାଯାଇଛି। ହେଲେ ସକାଳୁ ବିଦ୍ୟାଳୟକୁ ଯାଇଥିବା ଛାତ୍ରଛାତ୍ରୀମାନେ ଅପରାହ୍ଣ ଯାଏଁ କିପରି ଭୋକ ଉପାସରେ ରହିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। କେବଳ ଗଛ ଲଗାଇବା ପାଇଁ ପିଲାମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଓପାସରେ ରଖିବାକୁ ନାପସନ୍ଦ କରିଛନ୍ତି। ସକାଳୁଆ ସ୍କୁଲ ସମୟରେ ପିଲାମାନଙ୍କୁ ୧୦ଟା ସୁଦ୍ଧା ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିଲା, ମାତ୍ର ସକାଳୁ ଆସୁଥିବା ସାନସାନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବା ନିମନ୍ତେ ଅପରାହ୍ନ ସାଢ଼େ ଗୋଟାଏ ଯାଏ ଅଟକାଇ ରଖିବାକୁ ଅଭିଭାବକମାନେ ସମାଲୋଚନା କରିଛନ୍ତି । ଯେଉଁ ଅଧିକାରୀ ଏହି ଚିଠି ସ୍କୁଲକୁ ପଠାଇଛନ୍ତି ସେ ତାଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢ଼ାନ୍ତି କି ଓ ଅପରାହ୍ନ ପର୍ଯ୍ୟନ୍ତ ପିଲାଙ୍କୁ ଖାଲି ପେଟରେ ରଖନ୍ତି କି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ।

## ସାର ପାଇଁ ପ୍ରବଳ ଉତ୍ତେଜନା

# ରାତି ୪ରୁ ଅପେକ୍ଷା କରି ବି ପାଇଲେନି

ଛେଣ୍ଡିପଦା, ୧୫।୯(ସମିସ): ସାରା ରାଜ୍ୟରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ବେଶ୍ ଆବଶ୍ୟକତା ରହିଛି। ହେଲେ ରାଜ୍ୟରେ ବର୍ତ୍ତମାନ ସାରର ଉତ୍କଟ ଅଭାବ ସମସ୍ୟା ଦେଖିବାକୁ ମିଳିଛି। ଏପରିକି, କଳାବଜାରରେ ୟୁରିଆ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀମାନେ ୨୭୦ ଟଙ୍କାର ୟୁରିଆ ପ୍ୟାକେଟକୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସରକାର ପାକ୍ସଗୁଡ଼ିକୁ ଯୋଗାଇ ଦେଉଥିବା ୟୁରିଆ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପାକ୍ସକୁ ସାର ଆସିଲେ ଶହଶହ ଚାଷୀଙ୍କ ଭିଡ଼ ଜମୁଛି। ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

**ବର୍ଷାରେ ୨ଘଣ୍ଟା ଭିଜିଲେ ଚାଷୀ**

ଅନୁଗୋଳ ଜିଲ୍ଲା ବାଗଡ଼ିଆ ସେବା ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାର ହେବା କ୍ଷଣି ସୋମବାର ଭୋର୍ ୪ଟାରୁ ଏଠାରେ ଚାଷୀଙ୍କ ଭିଡ଼ ଜମିଥିଲା। ଚାଷୀମାନେ ଧାଡ଼ିରେ ଆଧାରକାର୍ଡ ରଖି ସାର ପାଇଁ ଅପେକ୍ଷା କରିଥିଲେ। ତେବେ ବାଗଡ଼ିଆ ସମବାୟ ସମିତିକୁ ୭ଶହ ବସ୍ତା ସାର ଆସିଥିବା ବେଳେ ପ୍ରାୟ



୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ଉପସ୍ଥିତିରେ ସାର ବିକ୍ରି ହୋଇଥିଲା। କିନ୍ତୁ ବିକ୍ରି ବେଳେ ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଚାଷୀ ପ୍ରାୟ ୧୦ ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ସାର ନ ପାଇ ନିରାଶରେ ଫେରିଛନ୍ତି। ଏପରିକି, ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ବର୍ଷାରେ ଭିଜିଭିଜି ଅପେକ୍ଷା କରିଥିଲେ। ଉତ୍ତେଜନା ପରେ ବାଗଡ଼ିଆ ଥାନା ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ସାର ବିକ୍ରି ବନ୍ଦ କରି ଦିଆଯାଇଥିଲା।

## ■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଏମିତି...

# ଚେୟାରରେ ରୋଗୀଙ୍କୁ ସାଲାଇନ୍

ମାଲକାନଗିରି, ୧୫।୯(ସମିସ): ଚେୟାର୍‌ରେ ବସି ସାଲାଇନ୍ ନେଉଛନ୍ତି ରୋଗୀ; ଅଭିଭାବକ ଧରିଛନ୍ତି ସାଲାଇନ୍ ବୋତଲ। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଏଭଳି ଏକ ବିକଳ ଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରୋଗୀଙ୍କ ପାଇଁ ହସ୍ପିଟାଲରେ ଯଥେଷ୍ଟ ପରିମାଣର ଶଯ୍ୟା ନଥିବାରୁ ଏପରି ସ୍ଥିତି ଉପୁଜିଥିବା କୁହାଯାଉଛି। ଉକ୍ତ ଭିଡିଓରେ ଜଣେ ରୋଗୀ ଚେୟାର ଉପରେ ବସିଥିବା ବେଳେ ତାଙ୍କ ହାତରେ ସାଲାଇନ୍ ଲାଗିଛି। ଖାଲି ସେତିକି ନୁହେଁ, ସାଲାଇନକୁ ରଖିବା ପାଇଁ ଉପଯୁକ୍ତ ଷ୍ଟାଣ୍ଡ ନଥିବାରୁ ରୋଗୀଙ୍କ ସମ୍ପର୍କୀୟ ତାହାକୁ ହାତରେ ଧରି ଛିଡ଼ା ହୋଇଛନ୍ତି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି



**ବୋତଲ ଧରିଲେ ଅଭିଭାବକ**

ଯେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିକିତ୍ସାଳୟ ଉପରେ ଚାପ ବଢୁଛି। ପ୍ରତିଦିନ କ୍ଷମତାଠାରୁ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ନଥିବାରୁ ଏଭଳି ଅଭାବନୀୟ ସ୍ଥିତି ଘଟିଥାଇପାରେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିପାରନ୍ତି। ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଐତିହ୍ୟ


- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୦୮ - ଜେନେରାଲ ମୋଟର୍ସର ସ୍ଥାପନା।
- ୧୯୫୬- ଅଷ୍ଟ୍ରେଲିଆରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୫- ପାପୁଆ ନ୍ୟୁଗିନି ଅଷ୍ଟ୍ରେଲିଆରୁ ସ୍ୱାଧୀନ ହେଲା।
- ୧୯୭୮ - ଜେନେରାଲ୍ ଜିଆ ଉଲ୍ ହକ୍ ପାକିସ୍ତାନର ରାଷ୍ଟ୍ରପତି ହେଲେ।



## ବିଶ୍ୱ ଓଜୋନ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖକୁ "ବିଶ୍ୱ ଓଜୋନ ଦିବସ" ଭାବରେ ପାଳନ କରାଯାଇଥାଏ । ଲୋକଙ୍କ ମଧ୍ୟରେ ଓଜୋନସ୍ତରକୁ ନେଇ ସଚେତନତା ସୃଷ୍ଟି କରିବା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଓଜୋନ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର) ମଧ୍ୟରେ ରହିଛି। ପୃଥିବୀ ପୃଷ୍ଠରେ ଏହାର ପରିମାଣ ଖୁବ୍ କମ୍। ବାୟୁମଣ୍ଡଳର ୯୦ ପ୍ରତିଶତ ଓଜୋନ ଷ୍ଟ୍ରାଟୋସ୍ଫିୟରରେ ହିଁ ରହିଛି। ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ପ୍ରଭାବରୁ ଆମକୁ ରକ୍ଷା କରେ। ଏହା ବାୟୁମଣ୍ଡଳର ନିମ୍ନସ୍ତରରେ ରହି ବାୟୁମଣ୍ଡଳରୁ ବିଷାକ୍ତ କଣିକା ଦୂର କରିବାରେ ସାହାଯ୍ୟ କରେ। ଯଦି ଓଜୋନସ୍ତର ନ ଥାନ୍ତା ତେବେ ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ନ୍ତା। ମଣିଷଙ୍କଠାରୁ ଆରମ୍ଭ କରି, ଜୀବଜନ୍ତୁ, ଗଛଲତା ସମସ୍ତଙ୍କ ପାଇଁ ଖୁବ୍ ହାନିକାରକ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି। ସୂର୍ଯ୍ୟଙ୍କ ଏହି ରଶ୍ମି ଦାଉରୁ ଆମ ବାୟୁମଣ୍ଡଳକୁ ସୁରକ୍ଷା ଦେବା ପାଇଁ ଏହି ଓଜୋନସ୍ତରର ସଂରକ୍ଷଣ କରିବା ନିହାତି ଜରୁରି। ନଚେତ ପୃଥିବୀ ଯେ ଦିନେ ଜୀବଶୂନ୍ୟ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣୀ-ଖ' (ୟୁଭି-ବି) । ଏହି ବିକିରଣ ଆମ ଶରୀରରେ ବିଶେଷକରି ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ କୃଷି ଉତ୍ପାଦନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟକିରଣରେ ଏହି ଅତିବାଇଗଣୀ ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ। ଅତିବାଇଗଣୀ ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେରେ ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା। ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନସ୍ତରକୁ କ୍ଷୀଣ ବା ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମୟବଦ୍ଧ ଉପାୟରେ ବନ୍ଦ କରିବା, ଯଦ୍ଦ୍ୱାରା ଓଜୋନସ୍ତରକୁ ସଂରକ୍ଷଣ କରାଯାଇପାରିବ। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା । ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନସ୍ତରରେ ଦେଖାଦେଇଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା। ତଥାପି ଏହି ଓଜୋନସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରଯାଏ। ଓଜୋନସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର। ଓଜୋନସ୍ତରକୁ ସୁରକ୍ଷିତ କରି ରଖିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

## ଗୋଟିଏ ରେଳ ଷ୍ଟେସନର ଦେଶ



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ୟୁରୋପରେ ଏମିତି ଏକ ଦେଶ ଅଛି ଯେଉଁଠି ମାତ୍ର ଗୋଟିଏ ରେଳ ଷ୍ଟେସନ ରହିଛି। ଏହି ଦେଶର ନାଁ ହେଉଛି ମୋନାକୋ। ଏହା ଧନୀମାନଙ୍କ ରାଜଧାନୀ ଭାବେ ଜଣାଶୁଣା। ଫ୍ରାନ୍ସ ନିକଟରେ ଅବସ୍ଥିତ ମୋନାକୋ ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପାଖାପାଖି ୪୦ ହଜାର ଲୋକ ବାସ କରନ୍ତି। ତେବେ ମୋନାକୋରେ ଥିବା ଏକମାତ୍ର ରେଳ ଷ୍ଟେସନର ନାଁ ହେଉଛି ମୋନାକୋ-ମୋଣ୍ଟେ କାର୍ଲୋ। ଏହି ଷ୍ଟେସନ୍‌ଟି ମାର୍ସିଲେ, ନିସ୍, ପ୍ୟାରିସ୍ ଆଦି ଫ୍ରାନ୍ସର ବଡ଼ ବଡ଼ ସହରକୁ ସଂଯୋଗ କରିଥାଏ। ଏହି ଷ୍ଟେସନ ଦେଇ ପ୍ରତିଦିନ ପ୍ରାୟ ୨୦ରୁ ୩୦ ଟ୍ରେନ୍ ଯାତାୟାତ କରିଥାନ୍ତି। ଏହି ଷ୍ଟେସନଟି ଭୂମିଠାରୁ ୪୩ ଫୁଟ ତଳେ ନିର୍ମାଣ କରାଯାଇଛି। ସୁଡ଼ଙ୍ଗ ଭିତରେ ନିର୍ମିତ ଏହି ଷ୍ଟେସନର ଲମ୍ବ ପ୍ରାୟ ୧,୫୨୯ ଫୁଟ ଏବଂ ପ୍ରସ୍ଥ ୭୨ ଫୁଟ। ତେଣୁ ଏଠାରେ ଜନସଂଖ୍ୟା କମ୍ ଥିବାରୁ ସମଗ୍ର ଦେଶକୁ କେବଳ ଗୋଟିଏ ଷ୍ଟେସନ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଅନ୍ୟପଟେ ମୋନାକୋର ପ୍ରତି ତିନିଜଣଙ୍କରୁ ଜଣେ ବ୍ୟକ୍ତିଙ୍କର ସମ୍ପତ୍ତି ଭାରତୀୟ ମୁଦ୍ରାରେ ଆଠକୋଟି ଟଙ୍କାରୁ ଅଧିକ ଥାଏ। ମୋନାକୋର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ। ଆଉ ଏକ ଖାସ୍ କଥା ହେଉଛି, ଏହି ଦେଶରେ ଲୋକଙ୍କୁ ଆୟକର କର ଦେବାକୁ ପଡ଼େ ନାହିଁ।

## ୨୦୨୫ ‘କାନ୍ତାରା ଚାପ୍ଟର ୧’ ଓ ରେକର୍ଡ



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଋଷଭ ସେଟ୍ଟୀ ‘କାନ୍ତାରା ଚାପ୍ଟର ୧’କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପୋଷ୍ଟର୍ ରିଲିଜ୍ ହେବା ପରଠାରୁ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ‘କାନ୍ତାରା’ର ଅପାର ସଫଳତା ପରେ ଏବେ ଏହାର ନିର୍ମାତା ଫିଲ୍ମର ଦ୍ୱିତୀୟ ଭାଗ ‘କାନ୍ତାରା ଚାପ୍ଟର ୧’ ଆଣୁଛନ୍ତି। ଏହା ଅକ୍ଟୋବର ୨ରେ ମୁକ୍ତିଲାଭ କରିବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହାର ଟ୍ରେଲର୍ ଏଇ ୨୦ ତାରିଖରେ ଆସିପାରେ ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ତେବେ ଏହି ଫିଲ୍ମ ରିଲିଜ୍ ପୂର୍ବରୁ ଏକ ବଡ଼ ରେକର୍ଡ ସେଟ୍ କରିଛି। ଏହାର ଓଟିଟି ରାଇଟ୍‌ସକୁ ପାଖାପାଖି ୧୨୫ କୋଟିରେ ବିକ୍ରି କରାଯାଇଛି। ପ୍ରଥମ ଥର ପାଇଁ କୌଣସି କନ୍ନଡ଼ ଫିଲ୍ମର ଓଟିଟି ରାଇଟ୍‌ସ ଏତେ ଦାମ୍‌ରେ ବିକ୍ରି ହୋଇଛି। ଫିଲ୍ମରେ ଋଷଭ ଲିଡ୍ ରୋଲରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ରକ୍ମଣୀ ବସନ୍ତ ଦେଖାଯିବେ।

## ସୁବର୍ଣ୍ଣା

## ମାଛ ଖାଦ୍ୟ ପ୍ରସ୍ତୁତି ମେସିନ୍



ଅଧୁନା ମତ୍ସ୍ୟଚାଷ କରି ଅଧିକାଂଶ ଜୀବିକା ନିର୍ବାହ କରୁଛନ୍ତି। ମାଛଚାଷରେ ମାଛଙ୍କୁ ସଠିକ୍ ପୋଷଣ ଦେଲେ ମାଛ ଶରୀର ଓ ଓଜନ ବୃଦ୍ଧି ହୋଇଥାଏ। ମାଛ ସୁସ୍ଥ ରୁହନ୍ତି। ତେଣୁ ପ୍ରାୟତଃ ମାଛ ଖାଦ୍ୟ ପାଇଁ ସମାନ ଅନୁପାତ କୁଣ୍ଡା ଓ ପିଡ଼ିଆ ମିଶାଇ ଖାଦ୍ୟରୂପେ ବ୍ୟବହାର କରନ୍ତି। ଆଉ କିଛି ବଜାରରେ ଉପଲବ୍ଧ ଦାନା ଦେଇଥାନ୍ତି। ମାଛ ଦାନା ପାଇଁ ଖର୍ଚ୍ଚ କିନ୍ତୁ ଅଧିକ ବଢ଼ିଥାଏ। ହେଲେ ଏବେ ଏହି ସମସ୍ୟାକୁ ଫିଡ ମେକିଂ ମେସିନ୍ ତଥା ମାଛ ଦାନା ପ୍ରସ୍ତୁତି ଉପକରଣ ଦୂର କରିପାରିବ। ବଜାରରେ ବିଭିନ୍ନ ପ୍ରକାରର ମାଛ ଖାଦ୍ୟ ପ୍ରସ୍ତୁତ ମେସିନ୍ ଉପଲବ୍ଧ ରହିଛି। ଛୋଟ ପୋଖରୀର ମାଛ ପାଇଁ କମ୍ ଦାନା ବନାଇବାକୁ ଛୋଟ ମେସିନ୍, ବୃହତକାର ଉତ୍ପାଦନ ଏବଂ ବ୍ୟବସାୟ ପାଇଁ ବଡ଼ ମେସିନ୍, ଶସ୍ତା ଏବଂ ଅଧିକ ପରିଶ୍ରମ ଚାହୁଁଥିଲେ ହସ୍ତଚାଳିତ ମେସିନ୍, ସ୍ୱୟଂଚାଳିତ ମେସିନ୍‌ର ସୁବିଧା ମଧ୍ୟ ରହିଛି। ମେସିନ୍‌ର ମୂଲ୍ୟ ୪୫,୦୦୦ଟଙ୍କାରୁ ୨,୫୦,୦୦୦ ଟଙ୍କା ମଧ୍ୟରେ ଥାଏ। ଘରେ ମାଛ ଖାଦ୍ୟ ବା ଦାନା ବନାଇବାକୁ ମକ୍କା, ଚଣା, ସୋୟାବିନ୍, ସୋରିଷ ପିଡ଼ିଆ, କୁଣ୍ଡା ଆଦି କଞ୍ଚାମାଲ ଆବଶ୍ୟକ ହୋଇଥାଏ। ମକ୍କା ସହିତ ଚଣା କିମ୍ବା ସୋୟାବିନ୍ ସହିତ ସୋରିଷ ପିଡ଼ିଆ, କୁଣ୍ଡା ମିଶାଇ ବିଭିନ୍ନ ଆକାରର ମାଛ ଖାଦ୍ୟ ବନାଇପାରିବେ। ଏହା ବିଭିନ୍ନ ସ୍ୱାଦ ସହିତ ଶୁଖିଲା ରୁହେ। ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତିନି। ଏହି ଖାଦ୍ୟ ୨୪ଘଣ୍ଟାରୁ ଅଧିକ ସମୟ ଧରି ପାଣିରେ ଭାସିପାରିବ। ତେବେ କମ୍ ଖର୍ଚ୍ଚରେ ମାଛ ଖାଦ୍ୟ ବନାଇବା ଦ୍ୱାରା ମାଛ ସୁସ୍ଥ ରୁହନ୍ତି। ଓଜନ ବୃଦ୍ଧି ହୁଏ। ତେବେ ଜଣେ ଚାହିଁଲେ ଅତିରିକ୍ତ ଦାନାକୁ ବିକ୍ରି କରି ଆୟ ବୃଦ୍ଧି କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଧାନ ପିଲ ଅବସ୍ଥାରେ ରହିଛି । ଧାନ ବୁଦା ପ୍ରତି ୨ଟି ପତ୍ରମୋଡ଼ା ପୋକ ଦେଖା ଦେଲେ ଏକର ପ୍ରତି କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍‌ସି ୬୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, କଲରା, ଜହ୍ନି, କାକୁଡ଼ି ଆଦି ପନିପରିବା ଫସଲରେ ଲାଗୁଥିବା ସାହେବୀ ରୋଗର ପରିଚାଳନା କରିବା ପାଇଁ ବିହନଗୁଡିକୁ ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁଏସ ୭ ଗ୍ରାମ୍/କେଜି ବିହନ କିମ୍ବା ଥିୟୋମିଥୋକ୍ସାମ ୭୦% ଡବ୍ଲୁଏସ ୭ ଗ୍ରାମ୍ କେଜି ବିହନ ସହିତ ବିଶୋଧନ କରନ୍ତୁ।
- ସେପ୍ଟେମ୍ବର ମାସ ଟମାଟୋ ଲଗାଇବାର ଉପଯୁକ୍ତ ସମୟ। ଟମାଟୋ କିସମ ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ରଶ୍ମି ଓ ନବୀନ ଇତ୍ୟାଦି ଲଗାନ୍ତୁ।
- ବର୍ଷା ପାଗ ଯୋଗୁଁ ଅମୃତଭଣ୍ଡାରେ ମୂଳପଚା ରୋଗର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ।

## ଡ୍ରେନେଜ୍ ପାଇପ୍‌ରେ ୨୫ ପ୍ରକାର ଚାଷ

ପେଶାରେ ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର। ମହାମାରୀ କରୋନା ସମୟରେ ଛାତରେ ବୁଲୁବୁଲୁ ସେ ନିଆରା ଶୈଳୀରେ ଚାଷ କରିବାକୁ ଚିନ୍ତା କରିଥିଲେ। ଆଉ ଏବେ ଛାତ ଉପରେ ଡ୍ରେନେଜ୍ ପାଇପ୍‌ରେ ପ୍ରାୟ ୨୫ରୁ ୩୦ ପ୍ରକାର ପନିପରିବା ଚାଷ କରି ଚର୍ଚ୍ଚାରେ ଅଛନ୍ତି ଦିଲ୍ଲୀର ମିଥିଲେଶ କୁମାର ସିଂହ। ସେ ପ୍ଲାଷ୍ଟିକ୍ କି ସିମେଣ୍ଟ କୁଣ୍ଡ ବଦଳରେ ଡ୍ରେନେଜ୍ ପାଇପ୍‌କୁ ଛୋଟ ଛୋଟ ଷ୍ଟାଣ୍ଡ କରନ୍ତି। ସେଥିରେ ଜୈବିକ ଖତ ଓ ଉର୍ବର ମାଟି ଦେଇ ଭେଣ୍ଡି, ଲାଉ, ବାଇଗଣ, ଲଙ୍କା, କଲରା, ଧଣିଆ, ଶାଗ ତଥା ଋତୁଅନୁଯାୟୀ ବିଭିନ୍ନ ପ୍ରକାର ଫଳ ଚାଷ କରୁଛନ୍ତି। ୩ ଫୁଟ ବିଶିଷ୍ଟ ପ୍ରତିଟି ପାଇପ୍ କୁଣ୍ଡରେ ପାଞ୍ଚ ପ୍ରକାର ପନିପରିବା ଲଗାଯାଇପାରିବ। ଏହି ଷ୍ଟାଣ୍ଡକୁ ସ୍ୱଳ୍ପ ସ୍ଥାନରେ ବି ରଖାଯାଇପାରିବ। ମିଥିଲେଶ ଛାତ ଉପରେ ଅଧିକ ଖମ୍ବ ରଖି ସେଥିରେ ଲେମ୍ବୁ, ନିମ୍ବ, ସଜନା ଆଦି ଲଗାଇଛନ୍ତି। ଚାଷ ସହିତ ପତ୍ନୀ ବିନ୍ଧ୍ୟବାସିନୀ ସିଂହଙ୍କ ସହିତ ନିଜସ୍ୱ ବ୍ୟବସାୟ ଲଞ୍ଚ କରିଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ –ଏନ୍‌ସିଆରରେ ୧୫୦ରୁ ଅଧିକ ଘରେ ଏହି ଡ୍ରେନେଜ୍ ପାଇପ୍ ଷ୍ଟାଣ୍ଡ ପହଞ୍ଚାଇଛନ୍ତି। ମିଥିଲେଶ କୁହନ୍ତି, ଅର୍ଥ ଉପାର୍ଜନ ମୂଳ ଲକ୍ଷ୍ୟ ନୁହେଁ; ଜଣେ କମ୍ ଖର୍ଚ୍ଚରେ ଶୁଦ୍ଧ ପନିପରିବା କିପରି ପାଇବ ତାହା ତାଙ୍କର ଲକ୍ଷ୍ୟ। ଛାତ ଉପରେ ବଗିଚା କରିବା ଦ୍ୱାରା ମୋବାଇଲ୍‌ରେ ଅଧିକ ସମୟ ବିତାଇବାକୁ ପଡ଼େନାହିଁ। ଜୀବନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ।



## ଚିନାବାଦାମରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି



**ଡ.କଳ୍ପନା ରାୟଗୁରୁ**

ଆମ ରାଜ୍ୟରେ ବହୁଳ ପରିମାଣରେ ଚିନାବାଦାମ ଚାଷ କରାଯାଏ । ଚିନାବାଦାମ ମଞ୍ଜିରୁ ସାଧାରଣତଃ ତେଲ ନିଷ୍କାସନ କରାଯାଇ ତା'ର ଖଦଡା ଅଂଶ ପଶୁଖାଦ୍ୟ କିମ୍ବା ଖତପିଡିଆ ଭାବେ ବ୍ୟବହୃତ ହୋଇଥାଏ । ଚିନାବାଦାମ ମଞ୍ଜିରେ ବହୁଳ ପରିମାଣର ପୁଷ୍ଟିସାର ଏବଂ ଶ୍ୱେତସାର ଥାଏ। ତେବେ ଓଡିଶା ଜଳବାୟୁରେ ଅଧିକ ସମୟ ଚିନବାଦାମ ସଂରକ୍ଷଣ ହୋଇପାରୁନଥିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଥାଏ। ହେଲେ ଚାଷୀମାନେ ଚିନାବାଦାମରୁ ଅତି ସହଜ ଉପାୟରେ କିଛି ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ଯଥା- ଚିନାବାଦାମ କ୍ଷୀର, ଛେନା, ପନୀର, ଲହୁଣ ଆଦି କରି ଆୟ ବୃଦ୍ଧି କରି ପାରିବେ। କେବଳ ସେତିକି ନୁହେଁ, ଗାଈ କ୍ଷୀର ସହ୍ୟ କରିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଚିନାବାଦାମରୁ ପ୍ରସ୍ତୁତ କ୍ଷୀର ଓ ଛେନା ଆଦି ଏକ ସୁଲଭ ବିକଳ୍ପ ହୋଇପାରିବ।

**ଚିନାବାଦାମ କ୍ଷୀର**

ଏକ କେଜି ଚିନାବାଦାମ ମଞ୍ଜିରୁ ପାଖାପାଖି ୪.୫ ଲିଟର କ୍ଷୀର ପ୍ରସ୍ତୁତ ହୋଇପାରିବ । ପ୍ରଥମେ ମଞ୍ଜିକୁ ସଫାପାଣିରେ ସାରାରାତି (ପ୍ରାୟ ୮ ଘଣ୍ଟା) ଭିଜାଇବାକୁ ହେବ । ଏହାଦ୍ୱାରା ମଞ୍ଜିଗୁଡିକ ଫୁଲି ନରମ ହୁଏ ଏବଂ ବାଟିବାପାଇଁ ସହଜ ହୁଏ । ୧ କେଜି ଭିଜା ମଞ୍ଜିକୁ ଚାରିଲିଟର ପାଣି ମିଶାଇ ଚିକ୍କଣ କରି ବାଟି ସେହି ମିଶ୍ରଣକୁ ଦୁଇପରସ୍ତ ମଶାରୀକନା ବା ଷ୍ଟିଲ ଜାଲିରେ ଭଲ ଭାବରେ ଛାଣିବା ଆବଶ୍ୟକ। ଏହାଦ୍ୱାରା କ୍ଷୀରଅଂଶ ଖଦଡା ଅଂଶରୁ ଅଲଗା ହୋଇଥାଏ। ଫଳରେ କ୍ଷୀରରେ ଅଧିକ ପୁଷ୍ଟିସାର ରହିଥାଏ। ଖଦଡା ଅଂଶକୁ ଶୁଖାଇ ମୂଲ୍ୟଯୁକ୍ତ ଖାଦ୍ୟଉତ୍ପାଦ ବା ପଶୁଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ । ଚିନାବାଦାମ କ୍ଷୀରକୁ ଅଧିକ ସ୍ୱାଦିଷ୍ଟ ଓ ସୁଗନ୍ଧିତ କରିବାକୁ ଏଥିରେ ଗୁଜୁରାତି, ଲବଙ୍ଗ ଓ ଭାନିଲା ଆଦି ମିଶାଇ ପାରିବେ। ଗାଈକ୍ଷୀର ସହ୍ୟ କରିପାରୁନଥିବା ମନୁଷ୍ୟଶରୀର ପାଇଁ ଏହି ଚିନାବାଦାମ କ୍ଷୀର ଅତ୍ୟନ୍ତ ଉପଯୋଗୀ ।

**ଚିନାବାଦାମ ଛେନା**

ଉପରୋକ୍ତ ପଦ୍ଧତିରେ ଚିନାବାଦାମ କ୍ଷୀର ପ୍ରସ୍ତୁତ କରି, ତାହାକୁ ଫୁଟାଇ ସେଥିରେ ଶତକଡ଼ା ତିନି ଭାଗ ଭିନେଗାର ମିଶାଯାଏ। ଏହାକୁ ଭଲଭାବେ ଘାଣ୍ଟି ଅଧଘଣ୍ଟା ପର୍ଯ୍ୟନ୍ତ ସ୍ଥିର ରଖିଲେ କ୍ଷୀରଟି ଛେନା ଓ ଛେନାପାଣିରେ ଭାଗ ହୋଇଯାଏ । ଏହାକୁ ଷ୍ଟିଲ୍ ଜାଲି ବା ମଶାରୀ କପଡାରେ ଛାଣି ଘରୋଇ ପଦ୍ଧତିରେ ଛେନା ପ୍ରସ୍ତୁତ କରାଯାଏ।

ସେହିପରି ଛେନା ବ୍ଲକ(ପନିର) ପ୍ରସ୍ତୁତ କରିବା ପାଇଁ ଛେନାପ୍ରେସ ( Cheese Press) ବ୍ୟବହାର କରାଯାଇପାରିବ। ଏହି ପଦ୍ଧତିରେ ପ୍ରସ୍ତୁତ ଛେନା ଏକ ବ୍ଲକ ଆକାରରେ ବାହାରିଥାଏ। ଏହାକୁ ନିଜ ପସନ୍ଦ ଅନୁଯାୟୀ ଛେନାଖଣ୍ଡ କାଟି ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ଏକ କେଜି ଚିନାବାଦାମ ମଞ୍ଜିରୁ ହାରାହାରି ୮୦୦ଗ୍ରାମ ପନିର ପ୍ରସ୍ତୁତ ହୋଇପାରିବ ।

**ଚିନାବାଦାମ ଲହୁଣୀ**

ଚିନାବାଦାମ ଲହୁଣୀ (Butter) ପ୍ରସ୍ତୁତି ନିମନ୍ତେ ପ୍ରାୟ ୩୦୦ ଗ୍ରାମ ଛଡାମଞ୍ଜିରେ ୧/୪ ଚାମଚ ଲୁଣ, ୨ ଚାମଚ ମହୁ ଓ ୨ ଚାମଚ ତେଲର ବ୍ୟବହାର ହୁଏ । ପ୍ରଥମେ ଚୋପାଛଡ଼ା ଚିନାବାଦାମ ମଞ୍ଜିକୁ ବାଦାମୀରଙ୍ଗ ହେବା ପର୍ଯ୍ୟନ୍ତ ଭଜାଯାଏ । ମଞ୍ଜିଗୁଡିକ ଥଣ୍ଡା ହେବାପରେ ତାକୁ ଗ୍ରାଇଣ୍ଡରରେ ଗୁଣ୍ଡକରି ସେଥିରେ ଲୁଣ, ମହୁ ମିଶାଇ ଆଉଥରେ ବାଟିଦେଲେ ତାହା ଚିକ୍କଣ ଓ ଚମକଥିବା ଲହୁଣୀ ପରି ଲାଗିବ ।

ସ୍ୱଳ୍ପ ଖର୍ଚ୍ଚରେ, ଘରେ ଏବଂ ବ୍ୟବସାୟିକ ଭିତ୍ତିରେ ଚିନାବାଦାମ ମଞ୍ଜିରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରାଯାଇପାରିବ । ଏହି ପଦ୍ଧତି ଅନୁସରଣ କରି ଗାଁ'ର ବେକାର ଯୁବକ ଯୁବତୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରୋଜଗାରର ପନ୍ଥା ପାଇ ପାରିବେ।

ଅବସରପ୍ରାପ୍ତ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର

### ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ବହିଷ୍କୃତ ନହେଲେ ...

# ଏସିଆ କପ୍‌ରୁ ଓହରିଯିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯ (ଏଜେନ୍ସି)



ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହାଇଭୋଲଟେଜ୍ ଗ୍ରୁପ୍-ଏ' ଲିଗ୍ ମ୍ୟାଚ୍‌କୁ ନେଇ ହାଇ ଡ୍ରାମା ଆରମ୍ଭ ହୋଇଯାଇଛି। ଏହି ମ୍ୟାଚ୍‌ରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ୭ ୱିକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା। ମ୍ୟାଚ୍ ଆରମ୍ଭ ବେଳେ କିମ୍ବା ମ୍ୟାଚ୍ ଶେଷହେବା ପରେ ଉଭୟ ପକ୍ଷର ଖେଳାଳିମାନେ କେହି କାହା ସହ ହାତ ମିଳାଇ ନ ଥିଲେ। ଟସ୍ ପଡ଼ିବା ସମୟରେ ମ୍ୟାଚ୍ ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘାଙ୍କୁ ପ୍ରତିପକ୍ଷ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ମିଳାଇବାକୁ କୁଆଡେ ମନା କରି ଥିଲେ। ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଏହି ମ୍ୟାଚ୍ ରେଫରିଙ୍କୁ ତୁରନ୍ତ ବିଦା କରିବାକୁ ଆଇସିସି ନିକଟରେ ଅଭିଯୋଗ କରିଛି। ପାଇକ୍ରଫ୍ଟଙ୍କୁ ବହିଷ୍କୃତ କରା ନ ଗଲେ ଏସିଆ କପ୍‌କୁ ପାକିସ୍ତାନ ଓହରିଯିବାକୁ ଧମକ ଦେଇଛି। ସେହିପରି ମ୍ୟାଚ୍ ପରେ ଭାରତୀୟ ଖେଳାଳି ହାତ ମିଳାଇ ନ ଥିବାରୁ ପାକିସ୍ତାନ କ୍ରିକେଟ ଦଳର ମ୍ୟାନେଜର ଏସୀୟ କ୍ରିକେଟ କାଉନ୍ସିଲ ନିକଟରେ ଅଭିଯୋଗ କରିଛନ୍ତି। ଆଣ୍ଡି ପାଇକ୍ରଫ୍ଟ ଆଇସିସି ଆଚରଣ ସଂହିତା ଓ ସ୍ପିରିଟ୍ ଅଫ୍ ଦି ଗେମ୍‌ର ଉଲ୍ଲଙ୍ଘନ କରିଥିବା ଏବଂ ଭାରତୀୟ ଖେଳାଳିମାନେ ଖେଳଓ୍ବାଡ ମନୋଭାବ ଦେଖାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ପାକିସ୍ତାନ ତାହାର ଅଧିନାୟକ ସଲମାନ୍ ଅଲିଙ୍କୁ ସାମ୍ବାଦିକ ସମ୍ମିଳନୀକୁ ପ୍ରତିକ୍ରିୟା ଦେବାକୁ ଛାଡି ନ ଥିଲେ। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ବିଜୟକୁ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ଓ ସେମାନଙ୍କ ପରିବାର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଅଭିଯୋଗ ଆଣିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ଏସୀୟ କ୍ରିକେଟ କାଉନ୍‌ସିଲର ସଭାପତି ଜଣେ ବ୍ୟକ୍ତି। ସେ ହେଉଛନ୍ତି ପାକିସ୍ତାନର ମୋହସିନ ନକ୍‌ଭି। ସେହିପରି ଆଇସିସି ଅଧ୍ୟକ୍ଷ ଭାବେ ଭାରତର ଜୟ ଶାହା ରହିଛନ୍ତି। ଏଭଳି ସ୍ଥିତିରେ ଏହି ଅଭିଯୋଗ ସମ୍ପର୍କରେ କିପରି ବିଚାର କରାଯିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ସେହିପରି ଉଭୟ ଦଳ ସେପ୍ଟେମ୍ବର ୨୧ରେ ପରସ୍ପର ସହ ପୁଣିଥରେ ଭେଟାଭେଟି ହେବାର ସମ୍ଭାବନା ରହିଛି। ଯଦି ଏହି ଭେଟାଭେଟି ସମ୍ଭବ ହୁଏ, ତେବେ ନିଶ୍ଚିତଭାବେ ଉତ୍ତେଜନାମୂଳକ ହେବ ବୋଲି ନିଶ୍ଚିତଭାବେ ଆଶଙ୍କା କରାଯାଉଛି।

## ପହଲଗାମ ମୃତ ଓ ସେମାନଙ୍କ ପରିବାରଙ୍କୁ ସୂର୍ଯ୍ୟଙ୍କ ସମର୍ଥନ

ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତର ଏହି ବିଜୟକୁ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ, ସେମାନଙ୍କ ପରିବାର ଓ ଅପରେସନ ସିନ୍ଦୁରରେ ସାହସ ଉଚିତ ପଦକ୍ଷେପ ନେଇଥିବା ଭାରତୀୟ ସେନାକୁ ଉତ୍ସର୍ଗ କରିଛନ୍ତି। ଆମେ ସମସ୍ତେ ଏକ ବୋଲି ସେ କହିଛନ୍ତି। ଆମେ ଯାହା କରିଛୁ ତାହା ଭାରତ ସରକାର ଓ ବିସିସିଆଇର ମିଳିତ ନିଷ୍ପତ୍ତି। ଏଣୁ ଏହାକୁ ଆମେ ହେୟ ମନେ କରୁନାହୁଁ। ମୁଁ ଭାବୁଛି ଖେଳୁଆଡମନୋଭାବ ପ୍ରଦର୍ଶନ ବାହାରେ ମଧ୍ୟ ଜୀବନରେ ଅନେକ କିଛି ରହିଛି। ଯାହାକୁ ଆମେ ଏଡ଼ାଇଯାଇ ପାରିବୁ ନାହିଁ। ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବା କେବଳ ମୋର ନିଷ୍ପତ୍ତି ନ ଥିଲା। ମୁଁ ଭାବୁଛି ଏହା ପ୍ରତିଦ୍ୱନ୍ଦ୍ୱୀଙ୍କୁ ଉପଯୁକ୍ତ ଜବାବ। ସରକାର ଓ ବିସିସିଆଇ ଏକତ୍ର ହୋଇ ନିଷ୍ପତ୍ତି ନେଉଛନ୍ତି। ଆମେ କେବଳ ଏଠାରେ ଖେଳିବାକୁ ଆସିଛୁ ବୋଲି ସୂର୍ଯ୍ୟକୁମାର କହିଥିଲେ।

## ଦଣ୍ଡିତ ହେବ କି ଭାରତ ?

ଏସିଆ କପ୍‌ରେ ମ୍ୟାଚ୍ ପରେ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ନ ମିଳାଇ ପାଭିଲିୟନ ଫେରିଥିବା ଭାରତୀୟ ଖେଳାଳି କିମ୍ବା ଦଳ ଭୁଲ କରିଛନ୍ତି କି? ଏପରି କରିବା ଠିକ୍ ହୋଇଛି କି? ଏଭଳି ଅନେକ ପ୍ରଶ୍ନର ଉତ୍ତର କେବଳ ଦେଇ ପାରିବ ଆଇସିସି ଦ୍ୱାରା ପ୍ରଣୀତ ଆଚରଣ ସଂହିତା। ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏହାର ଅର୍ଥ ଭାରତୀୟ ଖେଳାଳିମାନେ କିଛି ତ୍ରୁଟି କରିଛନ୍ତି ଓ ଅଣଖେଳୁଆଡ ମନୋଭାବ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାରେ ଏଯାଏ କିଛି ଦଣ୍ଡବିଧାନ କରାଯାଇନାହିଁ। କିନ୍ତୁ ଏଭଳି ଅପରାଧ କରୁଥିବା ଦଳ ବିରୋଧରେ କଠୋର ନୁହେଁ ହାଲ୍‌କା ଦଣ୍ଡ ବିଧାର କରିବାର ପରମ୍ପରା ରହିଛି। ଅଧିକ ଦଣ୍ଡ ଭାବେ ଦଳକୁ ଚେତାବନୀ କିମ୍ବା କିଛି ଅର୍ଥଦଣ୍ଡ ଦିଆଯିବ।

| DP WORLD ASIA CUP 2025 – ଆଜିର ମ୍ୟାଚ୍ | |
|---|---|
| ବାଂଲାଦେଶ-ଆଫଗାନିସ୍ତାନ | |
| ଭେନ୍ୟୁ : | ଆବୁଧାବି |
| ଖେଳ ଆରମ୍ଭ : | ରାତି ୮ଟା |
| ପ୍ରସାରଣ : | ସୋନି ସ୍ପୋର୍ଟ୍ସ ନେଟୱର୍କ |

## ମ୍ୟାଚ୍ ରେଫରିଙ୍କୁ ବହିଷ୍କାର ଲାଗି ଆଇସିସି ନିକଟରେ ପିସିବିର ଫେରାଦ



ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବୟକଟ କରିବାକୁ ଆହ୍ୱାନ ଓ ଫାଙ୍କା ଷ୍ଟାଡିୟମ୍‌ରେ ନିରୁତ୍ସାଜନକ ମ୍ୟାଚ୍ ପରେ ଏହାକୁ ନେଇ ଡ୍ରାମା ଚାଲିଛି। ଏହି ମ୍ୟାଚ୍‌ର ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାରଙ୍କ ହାତ ମିଳାଇବାକୁ ପାକିସ୍ତାନ ଅଧିନାୟକ ସଲମାନଙ୍କୁ ବାରଣ କରିଥିଲେ। ଏହା ଜଣାପଡ଼ିବା ପରେ ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ତୁରନ୍ତ ଏସିଆ କପ୍‌ରୁ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗରେ ଆଇସିସି ଆଚରଣ ସଂହିତା ଓ ମ୍ୟାଚ୍ ପରିଚାଳନା ଲାଗି ଏମସିସି ପକ୍ଷରୁ ପ୍ରଣୟନ କରାଯାଇଥିବା ସ୍ପିରିଟ୍ ଅଫ୍ କ୍ରିକେଟ ନିୟମକୁ ପାଇକ୍ରଫ୍ଟ ଉଲ୍ଲଙ୍ଘନ କରିଥିବା ଦର୍ଶାଯାଇଛି। ଏହି ଅଭିଯୋଗ କରିଛନ୍ତି ପାକିସ୍ତାନ ତଥା ଏସୀୟ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ମୋହସିନ ନକ୍‌ଭି। ସେ ଏହି ଅଭିଯୋଗ ଆଇସିସିର ଅଧ୍ୟକ୍ଷ ଥିବା ଭାରତୀୟ ଜୟ ଶାହଙ୍କ ନିକଟରେ କରିଛନ୍ତି।

ଏସିଆ କପ୍ ଆୟୋଜନରେ ଆଇସିସିର କୌଣସି ଭୂମିକା ନାହିଁ। ମ୍ୟାଚ୍ ବା ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଆଇସିସି ପକ୍ଷରୁ ମ୍ୟାଚ୍ ରେଫରି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିଯୁକ୍ତି କରାଯାଇଥାଏ। ମ୍ୟାଚ୍ ରେଫରିଙ୍କୁ ବହିଷ୍କାର କରିବା କିମ୍ବା ପରିବର୍ତ୍ତନ କରିବା ଅଧିକାର କେବଳ ଆଇସିସିର ରହିଛି। ଏହା ଆୟୋଜନ କରୁଥିବା ଦେଶର ଇଚ୍ଛା ବିରୋଧରେ କରିପାରିବ ନାହିଁ। ୟୁଏଇରେ ଏବେ ଚାଲିଥିବା ଏସିଆ କପ୍‌ର ଆୟୋଜନ ଭାରତ କରୁଛି। ଏଣୁ ଭାରତୀୟ କ୍ରିକେଟ ବୋର୍ଡ ବା ବିସିସିଆଇର ବିନା ପରାମର୍ଶରେ ପାଇକ୍ରଫ୍ଟଙ୍କୁ ବିଦା କରିବା କିମ୍ବା ପରିବର୍ତ୍ତନ କରିବା ଆଇସିସି ପକ୍ଷେ ସମ୍ଭବ ହେବ ନାହିଁ।

## ଅଣଖେଳଓ୍ବାଡ ମନୋଭାବକୁ ବିରୋଧ

ପାକିସ୍ତାନକୁ ୭ ୱିକେଟରେ ହରାଇ ପ୍ରଭାବୀ ବିଜୟ ହାସଲ କରିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର କେବଳ ତାଙ୍କ ବ୍ୟାଟିଂ ପାର୍ଟନରଙ୍କ ସହ ହାତମିଳାଇ ସିଧା ପାଭିଲିୟନ ଚାଲିଯାଇଥିଲେ। ମ୍ୟାଚ୍ ପରେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ ପାରମ୍ପରିକ ହାତ ନ ମିଳାଇବାକୁ ସେ ଏଡ଼ାଇଯାଇଥିଲେ। ଏହି ଘଟଣା ପାକିସ୍ତାନ ଖେଳାଳି ଓ କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା। ଏହାକୁ ବିରୋଧ କରି ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା ସାମ୍ବାଦିକ ସମ୍ମିଳନୀକୁ ଆସି ନ ଥିଲେ। କୋଚ୍ ମାଇକ୍ ହେସନ ଏହି ଘଟଣାକୁ ନିରାଶାଜନକ ବୋଲି କହିଥିଲେ। ଆମ ଖେଳାଳିମାନେ ହାତ ମିଳାଇବାକୁ ପ୍ରସ୍ତୁତ ଥିଲେ, କିନ୍ତୁ ଭାରତୀୟ ଖେଳାଳି ଏହାକୁ ଏଡ଼ାଇଯାଇଥିଲେ ବୋଲି ହେସନ କହିଥିଲେ। ସେହିପରି ପାକିସ୍ତାନ କ୍ରିକେଟ ଟିମ୍ ମ୍ୟାନେଜର ଏହାକୁ ବିରୋଧ କରି ଟୁର୍ଣ୍ଣାମେଣ୍ଟ କମିଟି ଆଗରେ ଭାରତୀୟ ଖେଳାଳିଙ୍କ ଅଣଖେଳଓ୍ବାଡ ମନୋଭାବ ବିରୋଧରେ ଅଭିଯୋଗ ଆଣିଛନ୍ତି।

## ଶ୍ରୀଲଙ୍କାର ଦ୍ୱିତୀୟ ବିଜୟ

ଦୁବାଇ,୧୫।୯ (ଏଜେନ୍ସି): ପାଥୁମ ନିଶାଙ୍କାଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟରେ ହଂକଂ ଚୀନ୍‌କୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବରୁ ଦଳ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୬ ୱିକେଟରେ ହରାଇଥିଲା। ଏହି ମ୍ୟାଚରେ ନିଜାଖତ ଖାନଙ୍କ ଅପରାଜିତ ୫୨ ଓ ଓଡ଼ିଆ ଖେଳାଳି ଅଂଶୁମାନ ରଥଙ୍କ ୪୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହଂକଂ ୪ ୱିକେଟରେ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୫ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ନିଶାଙ୍କା ସର୍ବାଧିକ ୬୮ ରନ୍ କରିଥିଲେ। ଏଥିଲାଗି ସେ ୪୪ ବଲ ଖେଳି ୬ଚୌକା ଓ ୨ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ପରେରା ୨୦, କାମିଲି ମିଶରା ୧୯, କୁଶାଲ ମେଣ୍ଡିସ ୧୧, ଅଧିନାୟକ ଚାରିତ ଆଶାଲଙ୍କା ୨, କାମିନ୍ଦୁ ମେଣ୍ଡିସ ୫ ରନ୍‌ର ଯୋଗଦାନ ଦେଇଥିଲେ। ହଂକଂର ୟସିମ ମୁର୍ତ୍ତାଜା ୨ଟି ୱିକେଟ ପାଇଥିଲେ। ହଂକଂ ଇନିଂସରେ ଶ୍ରୀଲଙ୍କା ଫାଷ୍ଟ ବୋଲର ଦୁଷ୍ମନ୍ତ ଚାମୀରା ୪ଟି ମଧ୍ୟରୁ ଅଧା ବା ୨ଟି ୱିକେଟ ପାଇଥିଲେ। ୱାନିନ୍ଦୁ ହାସରଙ୍ଗା ଓ ଦାସୁନ ଶାନକାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ହଂକଂ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ପରାଜିତ ହୋଇ ବିନା ବିଜୟରେ ପ୍ରତିଯୋଗିତାରୁ ବିଦାୟ ନେଇଛି।

## ବାଦ୍ ପଡ଼ିଲେ ନବୀନ-ଉଲ-ହକ୍



ଦୁବାଇ,୧୫।୯ (ଏଜେନ୍ସି): କାନ୍ଧରେ ଆଘାତ ଲାଗିଥିବାରୁ ଆଫଗାନିସ୍ତାନର ଫାଷ୍ଟ ବୋଲର ନବୀନ-ଉଲ-ହକ୍ ଚଳିତ ଏସିଆ କପ୍‌ରେ ବାଦ୍ ପଡ଼ିଛି। ଆଫଗାନିସ୍ତାନକୁ ଏହା ଶକ୍ତ ଧକ୍କା ଦେଇଥିଲାବେଳେ ରିଜର୍ଭ ଖେଳାଳି ଫାଷ୍ଟ ବୋଲର ଅବଦୁଲ୍ଲା ଅହମ୍ମଦ୍‌ଜାଇଙ୍କୁ ଦଳରେ ସାମିଲ କରାଯାଇଛି। ଆଫଗାନିସ୍ତାନ ତାହାର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ଆସନ୍ତାକାଲି ବାଂଲାଦେଶ ସହ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ସୁପର-୪'ରେ ସ୍ଥାନ ପାଇବା ଆଶା ରହିବ।

## ୟୁଏଇର ପ୍ରଥମ ବିଜୟ

ଆବୁଧାବି,୧୫।୯ (ଏଜେନ୍ସି): ଫାଷ୍ଟ ବୋଲର ଜନୈଦ ସିଦ୍ଦିକ (୪/୨୩)ଙ୍କ ଘାତକ ବୋଲିଂ, ଅଧିନାୟକ ମହମ୍ମଦ୍ ୱାସିମ୍ (୬୯) ଓ ଆଲିସାନ ସରାଫୁ (୫୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ଏ' ମୁକାବିଲାରେ ୟୁଏଇ ୪୨ ରନ୍‌ରେ ଓମାନକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୨ ରନ୍ କରିଥିଲା। ଓମାନର ଜିତେନ ରାମଚଣ୍ଡି ୨ଟି ୱିକେଟ ପାଇଥିଲେ। ଜବାବରେ ଓମାନ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ୧୮.୪ ଓଭରରେ ୧୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓମାନ ପକ୍ଷରୁ ଆର୍ଯ୍ୟନ ବିସ୍ତ ସର୍ବାଧିକ ୨୪, ବିନାୟକ ଶୁକ୍ଳା ଓ ଅଧିନାୟକ ଜତିନ୍ଦର ସିଂହ ୨୯ ରନ୍ ଲେଖାଏଁ, ରାମଚଣ୍ଡି ୧୩, ସକିଲ ଅହମ୍ମଦ୍ ଅପରାଜିତ ୧୭ ରନ୍ କରି ଡବଲ ଫିଗର ଛୁଇଁଥିଲେ। ବିଜୟୀ ୟୁଏଇ ପକ୍ଷରୁ ଜୁନୈଦଙ୍କ ବ୍ୟତୀତ ହାଇଦର ଅଲି ଓ ମହମ୍ମଦ୍ ଜୱାଦୁଲ୍ଲା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଇର୍ଫାନ ଆମ୍ବାସଡର

## ଚାମ୍ପିଅନ ଦଳକୁ ୫୦ ଲକ୍ଷ ପୁରସ୍କାର

କଟକ,୧୫।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚାମ୍ପିଅନ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ୨୫ ଲକ୍ଷ ଟଙ୍କା ମିଳିବ। ୬ଟି ଦଳକୁ ନେଇ ଆସନ୍ତା ୧୭ ତାରିଖରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଆଜି ଓଡ଼ିଶା କ୍ରିକେଟ ଆସୋସିଏସନର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦିଆଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ସମ୍ମିଳନୀରେ ଯୋଗ ଦେଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବାବଦରେ କହିଥିଲେ।



ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂହ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିବେ। ସେହିପରି ବ୍ରେଟ୍ ଲିଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ଲିଗର ବ୍ରାଣ୍ଡଆମ୍ବାସଡର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଳ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇବେ। ଲିଗ୍‌ରେ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ହଜାର ଟଙ୍କା, ପ୍ଲେୟର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ। ବିନା ମୂଲ୍ୟରେ ଟିକେଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ସାମ୍ବାଦିକ ସମ୍ମିଳନୀରେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଉପସ୍ଥିତ ଥିଲେ।

## ଇଂଲଣ୍ଡରେ ଭାରତ-ପାକିସ୍ତାନ ୨୦୨୬ ପ୍ରୋ-ଲିଗ୍ ହକି ମୁକାବିଲା

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକିର ସପ୍ତମ ସିଜନ ୨୦୨୬ରେ ଆରମ୍ଭ ହେବ। ନ୍ୟୁଜିଲାଣ୍ଡ ଏହି ହାଇ ପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାରୁ ପାକିସ୍ତାନକୁ ଖେଳିବାକୁ ସୁଯୋଗ ମିଳିଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି। ଏଣୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ଇଂଲଣ୍ଡରେ ଜୁନ୍ ୨୩-୨୮ ମଧ୍ୟରେ ଖେଳାଯିବ ବୋଲି ଖେଳସୂଚୀରୁ ଜଣାଯାଇଛି। କିନ୍ତୁ ଭାରତର ମହିଳା ଦଳ ଏଥର ଖେଳିବାରୁ ବଞ୍ଚିତ ହୋଇଛି। ଏଥର ପ୍ରୋ ଲିଗ୍ ଡିସେମ୍ବର ୯ରୁ ଆରମ୍ଭ ହେବ ଓ ୧୦ଟି ଦେଶରେ ୧୪୪ଟି ମ୍ୟାଚ୍ ଖେଳାଯିବ। ନେଦରଲାଣ୍ଡସ ଉଭୟ ପୁରୁଷ ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

## କ୍ୟାଣ୍ଡିଡେଟସ ଚେସ୍ ଲାଗି ବୈଶାଳୀଙ୍କ ଯୋଗ୍ୟତା

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଭାରତୀୟ ମହିଳା ଚେସ୍ ତାରକା ଆର୍ ବୈଶାଳୀ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟାଇଟଲ ବଜାୟ ରଖିଛନ୍ତି। ଏହା ଫଳରେ ସେ ୨୦୨୬ରେ ଖେଳାଯିବାକୁ ଥିବା ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରାଣ୍ଡ ସ୍ୱିସ୍ ଟୁର୍ଣ୍ଣାମେଣ୍ଟରେ ୨୪ ବର୍ଷୀୟା ବୈଶାଳୀ ଶେଷ ରାଉଣ୍ଡରେ ତାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ଫଳରେ ୧୧ ରାଉଣ୍ଡରୁ ୮ ପଏଣ୍ଟ ପାଇଥିଲେ। ଏହି ପଏଣ୍ଟ ତାଙ୍କୁ ଟାଇଟଲ ଜିତିବାରେ ସହାୟକ ହୋଇଥିଲା। ବୈଶାଳୀଙ୍କ ପୂର୍ବରୁ ଭାରତରୁ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ କ୍ୟାଣ୍ଡିଡେଟସ ଚେସ୍ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଉଭୟ ଖେଳାଳି ଫିଡେ ମହିଳା ୱାର୍ଲ୍ଡ କପ୍ ଫାଇନାଲରେ ପ୍ରବେଶ କରିବା ସହ କ୍ୟାଣ୍ଡିଡେଟସ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।



## ୧୧ ବର୍ଷ ପରେ ଦୁଲୀପ ଟ୍ରଫି ଜିତିଲା କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୫।୯ (ଏଜେନ୍ସି)



ରଜତ ପାଟିଦାରଙ୍କ କେନ୍ଦ୍ରାଞ୍ଚଳ ଚଳିତବର୍ଷର ପ୍ରଥମ ବିସିସିଆଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫି ଚାମ୍ପିଅନ୍ ହୋଇଛି। ସୋମବାର ୫ମ ତଥା ଅନ୍ତିମ ଦିନରେ ସମାପ୍ତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳକୁ ୬ ୱିକେଟ୍‌ରେ କେନ୍ଦ୍ରାଞ୍ଚଳ ପରାସ୍ତ କରିଛି। ଫାଇନାଲ ମ୍ୟାଚ୍ ଜିତିବା ପାଇଁ କେନ୍ଦ୍ରାଞ୍ଚଳକୁ ଦ୍ୱିତୀୟ ଇନିଂସରେ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଶେଷ ଦିନର ପ୍ରଥମ ଅଧିବେଶନରେ ୪ ୱିକେଟ୍ ହରାଇ କେନ୍ଦ୍ରାଞ୍ଚଳ ଫାଇନାଲ ମ୍ୟାଚ୍‌କୁ ଜିତି ନେଇଥିଲା। ୨୦୧୪-୧୫ ଋତୁରେ ଶେଷଥର ଦୁଲୀପ ଟ୍ରଫି ଜିତିଥିବା କେନ୍ଦ୍ରାଞ୍ଚଳ ୧୧ ବର୍ଷ ପରେ ଏହି ଟ୍ରଫି ଜିତିପାରିଛି। ମୋଟଉପରେ ୭ମ ଥର କେନ୍ଦ୍ରାଞ୍ଚଳ ଦୁଲୀପ ଟ୍ରଫି ଚମ୍ପିଆନ୍ ହୋଇପାରିଛି। ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୩୬୨ ରନ୍ ପଛରେ ରହିବା ପରେ ୨ୟ ଇନିଂସରେ ୪୨୬ ରନ୍ କରି ପାରିଥିଲା। ଫଳରେ ୨ୟ ଇନିଂସରେ କେନ୍ଦ୍ରାଞ୍ଚଳକୁ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଶେଷଦିନର ପିଚ୍‌ରେ ବ୍ୟାଟିଂ କରିବା ସହଜ ନଥିଲା। ଦକ୍ଷିଣାଞ୍ଚଳର ବାମହାତି ପେସ୍ ବୋଲର ଗୁରଜାପନୀତ ସିଂହ ଓ ବାମହାତି ସ୍ପିନର ଅଙ୍କିତ ଶର୍ମା ଚମତ୍କାର ବୋଲିଂ କରିବାରୁ କେନ୍ଦ୍ରାଞ୍ଚଳ ୫ମ ତଥା ଶେଷଦିନରେ ୨୪ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଓପ୍‌ନର ଡାନିସ୍ ମାଲେୱାର ୫, ଶୁଭମ୍ ଶର୍ମା ୮ ଓ ସାରାଂଶ ଜୈନ ୪ ରନ୍‌କରି ବିଦାୟ ନେଇଥିଲେ। ଅଧିନାୟକ ରଜତ ପାଟିଦାର ୧୩ ରନ୍‌କରି ଆଉଟ୍ ହୋଇଥିଲେ। ଅନ୍ୟ ଓପ୍‌ନର ଅକ୍ଷୟ ୱାଡ଼କର ୧୯ ଓ ଯଶ ରାଠୋଡ଼ ୧୩ ରନ୍‌କରି ଅପରାଜିତ ଥିଲେ। ଗୁରଜାପନୀତ ସିଂହ ଓ ଅଙ୍କିତ ଶର୍ମା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ପ୍ରଥମ ଇନିଂସରେ ୧୯୪ ରନ୍ କରିଥିବା ଯଶ ରାଠୋଡ଼ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୧୬ଟି ୱିକେଟ୍ ନେଇଥିବା ସାରାଂଶ ଜୈନ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ।


ସାରାଂଶ ଜୈନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS